ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ (୧୨ ପୃଷ୍ଠା) | Bhubaneswar, Thursday, February 26/2026 | Page 12 | ₹ 7.00 | SAMBALPUR
୫୨ଶ ଭାଗ ୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 94 | ମୂଲ୍ୟ ₹୭/-



**ମୋହିତଙ୍କ ପ୍ରଭାବୀ ପ୍ରଦର୍ଶନ**

ଚମତ୍କାର ଗୋଲକିପିଂ କରି ବୁଧବାର ଅଷ୍ଟ୍ରେଲିଆ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚରେ ଭାରତକୁ ପ୍ରଥମ ବିଜୟ ସ୍ୱାଦ ଚଖାଇଛନ୍ତି ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

୧୨

୦୨

**କ୍ୟାଟ୍ରିନା ସୁପରହିରୋ: ଭିକି**

ପୁତ୍ର ବିହାନର ଜନ୍ମ ପରେ ଅଭିନେତା ଭିକି କୌଶଲ ସ୍ତ୍ରୀ କ୍ୟାଟ୍ରିନା କୈଫଙ୍କ ପ୍ରଶଂସା କରି 'ଏବେ ସେ ଜଣେ ସୁପର ହିରୋ' ବୋଲି କହିଛନ୍ତି।



# ଖଣିବାବୁଙ୍କ ଘରେ ଟଙ୍କାର ଖଣି



ଜବତ ଟଙ୍କା

- **୩୦ ହଜାର ଲାଞ୍ଚ: ଖଣି ଉପନିର୍ଦ୍ଦେଶକ ଗିରଫ**
- **ଚଢ଼ାଉରୁ ୪.୨୮ କୋଟି ଟଙ୍କା ନଗଦ ଜବତ**

**କଟକ, ୨୫।୨ (କାର୍ତ୍ତିକ ସାହୁ)**

କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ୩୦ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। କୋଲ୍ ଡିପୋ ସୁରୁଖୁରୁରେ ଚଳାଇବା ଓ କୋଇଲା ପରିବହନ ଅନୁମତି ଦେବାକୁ ଜଣେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିବାବେଳେ ସେ ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ରେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହାପରେ ଭିଜିଲାନ୍ସ ପକ୍ଷରୁ କରାଯାଇଥିବା ବଡ଼ ଧରଣର ଚଢ଼ାଉରେ ତାଙ୍କଠାରୁ ନଗଦ ୪,୨୮,୩୩, ୬୦୦ ଟଙ୍କା ଜବତ କରାଯାଇଛି। ତନ୍ମଧ୍ୟରେ ଭୁବନେଶ୍ୱରସ୍ଥିତ ତାଙ୍କ ଆବାସିକ ଫ୍ଲାଟ୍‌ରୁ ୪,୨୭,୧୩,୬୦୦ ଟଙ୍କା ଏବଂ ଅଫିସ ଡ୍ରୟାରରୁ ୧.୨୦ ଲକ୍ଷ ଟଙ୍କା ରହିଛି। ଏତେ ପରିମାଣର ନଗଦ ଅର୍ଥ ଜବତ କରିବା ଓଡ଼ିଶା ଭିଜିଲାନ୍ସ ଇତିହାସରେ ସର୍ବୋଚ୍ଚ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୩୦୫.୪୦ ଗ୍ରାମ୍ ସୁନା ଓ ୬୦୦ ଗ୍ରାମ୍ ରୁପା ଅଳଙ୍କାର ଜବତ ହୋଇଛି। ଭୁବନେଶ୍ୱରର ପାହାଳ ନିକଟରେ ୨୪୦୦ ବର୍ଗଫୁଟ୍‌ର ଏକ ଦୁଇମହଲା କୋଠାଘର ଠାବ ହୋଇଛି।



ଗିରଫ ଦେବବ୍ରତ ମହାନ୍ତି

ତେବେ ବିଭିନ୍ନ ଆର୍ଥିକ ସଂସ୍ଥାରେ ଥିବା ଜମା, ବିନିଯୋଗ, ବୀମା ରାଶି ଉପରେ ଭିଜିଲାନ୍ସ ତଦନ୍ତ କରୁଛି। ବିଶେଷ କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ଭିଜିଲାନ୍ସ ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ କେସ୍ ନଂ. ୦୧/୨୦୨୬ ରୁଜୁ ହୋଇଛି। ଅଭିଯୁକ୍ତ ମହାନ୍ତିଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ଚାଲାଣ କରାଯାଇଛି।

ସୂଚନାନୁଯାୟୀ, ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ପଟିଆ ଶ୍ରୀବିହାର ଅଞ୍ଚଳରେ ଥିବା ନେଚର୍ସ କ୍ରେଷ୍ଟ ଆପାର୍ଟମେଣ୍ଟସ୍ଥିତ ମହାନ୍ତିଙ୍କ ଭଡ଼ା ବାସଗୃହ, ଭଦ୍ରକ ମଠସାହିସ୍ଥିତ ପୈତୃକ ବାସଭବନ ଓ କଟକସ୍ଥିତ ଅଫିସ ଚ୍ୟାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଭୁବନେଶ୍ୱର ଭଡ଼ାଘରୁ ଜବତ ହୋଇଥିବା ବିପୁଳ ପରିମାଣର ନଗଦ ଅର୍ଥ ଟ୍ରଲି ବ୍ୟାଗ ଓ ଆଲମିରାରୁ ମିଳିଥିଲା। ୧୯୬୮ ମେ ୭ରେ ଜନ୍ମିତ ମହାନ୍ତି ସରକାରୀ ଚାକିରିରେ ଜଣେ କନିଷ୍ଠ ଖଣି ଅଧିକାରୀ ☞ପୃଷ୍ଠା-୪

# ଗଭୀର ଷଡ଼ଯନ୍ତ୍ର: ସିଜେଆଇ

**ଏନ୍‌ସିଇଆରଟିର ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟରେ 'ନ୍ୟାୟପାଳିକାରେ ଦୁର୍ନୀତି' ସଂକ୍ରାନ୍ତ ପାଠ୍ୟକ୍ରମ ସ୍ଥାନ ପାଇଥିବା ନେଇ ବିବାଦ ଉପୁଜିଛି। ଏହା ଉପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କ୍ଷୋଭ ପ୍ରକାଶ କରି ଆପତ୍ତି ଉଠାଇଛନ୍ତି। ସେ ଏହାକୁ ଗଭୀର ଷଡ଼ଯନ୍ତ୍ର ବୋଲି କହିଛନ୍ତି। ଏହା ପରେ ଏନ୍‌ସିଇଆରଟି ନିଜ ୱେବ୍‌ସାଇଟ୍‌ରୁ ବହିକୁ କାଢ଼ି ନେଇଛି। ଉକ୍ତ ପୁସ୍ତକରୁ ବିବାଦୀୟ ଅଧ୍ୟାୟ ହଟାଯାଇପାରେ ବୋଲି ଏନ୍‌ସିଇଆରଟି ପକ୍ଷରୁ କୁହାଯାଇଛି।**

## ଏନ୍‌ସିଇଆରଟି ୮ମ ଶ୍ରେଣୀ ନୂଆ ସାମାଜିକ ବିଜ୍ଞାନ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ପାଠ୍ୟକ୍ରମକୁ ନେଇ ବିବାଦ



**ନୂଆଦିଲ୍ଲୀ, ୨୫।୨ (ପି.ଟି/ଲାଇଭ୍ ଲ)**

ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି) ସୋମବାର ଜାରି କରିଥିବା ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ଏକ ଅଧ୍ୟାୟକୁ ନେଇ ବିବାଦରେ ଫସିଛି। ନ୍ୟାୟପାଳିକାରେ ଦୁର୍ନୀତିର ଅବତାରଣା କରି ଉକ୍ତ ଅଧ୍ୟାୟର ନାମ ରଖାଯାଇଛି 'କରପ୍‌ଶନ ଆଟ୍ ଭେରିଅସ୍ ଲେଭେଲ୍ସ ଅଫ୍ ଦି ଜୁଡିସିଆରି'। ଏଥିରେ ବିଭିନ୍ନ କାରଣରୁ ସୁପ୍ରିମକୋର୍ଟ ଓ ରାଜ୍ୟ ହାଇକୋର୍ଟଗୁଡ଼ିକରେ ଗଡୁଥିବା ମାମଲା ସଂଖ୍ୟା ବୃଦ୍ଧି ସମ୍ପର୍କରେ ମଧ୍ୟ ଉଲ୍ଲେଖ କରାଯାଇଛି। ନ୍ୟାୟପାଳିକାରେ ପର୍ଯ୍ୟାପ୍ତ ସଂଖ୍ୟକ ବିଚାରପତିଙ୍କ ଅଭାବ, ଜଟିଳ ଆଇନଗତ ପ୍ରକ୍ରିୟା ଏବଂ ଦୁର୍ବଳ ଭିତ୍ତିଭୂମି ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବାରୁ ଦେଶର ସର୍ବୋଚ୍ଚ ଓ ଉଚ୍ଚ ଅଦାଲତଗୁଡ଼ିକରେ ଏଭଳି ଅଚଳାବସ୍ଥା ଉପୁଜିଥିବା ଉକ୍ତ ପୁସ୍ତକରେ ଲେଖାଯାଇଛି। ପୁରୁଣା ପାଠ୍ୟପୁସ୍ତକରେ କେବଳ ନ୍ୟାୟପାଳିକାର ଭୂମିକା, ସ୍ୱାଧୀନ ନ୍ୟାୟପାଳିକା, କୋର୍ଟଗୁଡ଼ିକର ଢାଞ୍ଚା ଓ ଉପଲବ୍ଧତା ସମ୍ପର୍କରେ ଅବତାରଣା କରାଯାଇଥିଲା। ସେଥିରେ ଦୁର୍ନୀତିକୁ ନେଇ କିଛି ଲେଖାଯାଇ ନ ଥିଲା। କିନ୍ତୁ ନୂଆ ବହିର ଏକ ପାରାଗ୍ରାଫ୍‌ରେ ଲେଖାଯାଇଛି, କୋର୍ଟଗୁଡ଼ିକ ଏକ ମାମଲାର ଶୁଣାଣି କରିବାକୁ ଅନେକ ବର୍ଷ ଲଗାଇ ଦେଉଛନ୍ତି। ସୁପ୍ରିମକୋର୍ଟରେ ପ୍ରାୟ ୮୧ ହଜାର, ହାଇକୋର୍ଟଗୁଡ଼ିକରେ ୬୨ ଲକ୍ଷ ୪୦ହଜାର ଏବଂ ଜିଲା ଓ ସବ୍‌ଅର୍ଡିନେଟ୍ କୋର୍ଟଗୁଡ଼ିକରେ ୪ କୋଟି ୭୦ ଲକ୍ଷ ମାମଲା ଗଡୁଛି। ଏହି କାରଣରୁ ସାଧାରଣ ଲୋକେ ନ୍ୟାୟ ପାଇବା ପ୍ରଭାବିତ ହେଉଛି। ଅଦାଲତଗୁଡ଼ିକ ଲମ୍ୱାଉଥିବା ଏତେ ସମୟକୁ ବ୍ୟାଖ୍ୟାକରିବା ପାଇଁ ଅନେକ ସମୟରେ 'ବିଳମ୍ବିତ ରାୟ, ବିଡ଼ମ୍ବିତ ନ୍ୟାୟ' ବାକ୍ୟ ବ୍ୟବହାର କରାଯାଇଥାଏ ବୋଲି ଏହି ଅଧ୍ୟାୟରେ ଲେଖାଯାଇଛି। ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ବୁଧବାର ସୁପ୍ରିମକୋର୍ଟ ଏନେଇ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି।

ଉକ୍ତ ନୂତନ ବହିର 'ନ୍ୟାୟପାଳିକାରେ ଦୁର୍ନୀତି' ଭାଗରେ ଉଲ୍ଲେଖ କରାଯାଇଛି ଯେ ବିଚାରପତିମାନେ ଏକ ଆଚରଣ ବିଧି ମାନିବାକୁ ବାଧ୍ୟ, ଯାହାକି କୋର୍ଟରେ ସେମାନଙ୍କ ବ୍ୟବହାର ଉପରେ ଅନୁଶାସନ ସହ କୋର୍ଟ ବାହାରେ ସେମାନଙ୍କ ନିଜସ୍ୱ ଆଚରଣକୁ ନିର୍ଦ୍ଧାରଣ କରିଥାଏ। ଏପରି କି ବିଚାରପତିମାନଙ୍କ ଉତ୍ତରଦାୟିତ୍ୱ ବଜାୟ ରଖିବା ପାଇଁ ଏଥିରେ ନ୍ୟାୟପାଳିକାର ଆଭ୍ୟନ୍ତରୀଣ ବ୍ୟବସ୍ଥା ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଅନୁରୂପ ଭାବେ ଅଭିଯୋଗ ଗ୍ରହଣ ନିମନ୍ତେ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍ସ ରିଡ୍ରେସ୍ ଆଣ୍ଡ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏଏମ୍‌ଏସ୍) ଜରିଆରେ ଏକ ପ୍ରକ୍ରିୟା ଆପଣାଇବାକୁ ପରାମର୍ଶ ଦିଆଯାଇଛି। ୨୦୧୭ରୁ ୨୦୨୧ ମଧ୍ୟରେ ଏହା ମାଧ୍ୟମରେ ୧,୬୦୦ରୁ ଅଧିକ ଅଭିଯୋଗ ଦାଖଲ ହୋଇଥିବା ଏନ୍‌ସିଇଆରଟି ପୁସ୍ତକରେ ଉଲ୍ଲେଖ ରହିଛି।

ଗମ୍ଭୀର ମାମଲାଗୁଡ଼ିକରେ ପାର୍ଲାମେଣ୍ଟ କାର୍ଯ୍ୟାନୁଷ୍ଠାନ ନେଇପାରିବ ☞ପୃଷ୍ଠା-୪

# ମାର୍ଚ୍ଚ ୧ମ ସପ୍ତାହରେ ରତ୍ନଭଣ୍ଡାର ଗଣତିମଣତି: ମନ୍ତ୍ରୀ

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ରତ୍ନଭଣ୍ଡାର ଗଣତିମଣତି ମାର୍ଚ୍ଚ ପ୍ରଥମ ସପ୍ତାହରେ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗଣତିମଣତି ନେଇ ସେ କହିଛନ୍ତି, ଏନେଇ ଛତିଶା ନିଯୋଗ ସହ ଆଲୋଚନା ହେଇଛି, ଖୁବ୍‌ଶୀଘ୍ର ସମୟ ସ୍ଥିର ହେବ। ପରିଚାଳନା କମିଟି ଓ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ଠାକୁରଙ୍କ ନୀତିକାନ୍ତି ଅନୁଯାୟୀ କେଉଁ ସମୟରେ କଲେ ଠିକ୍ ହେବ ବିଚାର କରାଯିବ। ଏସବୁ ବିଚାର ହେବାପରେ



ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ରତ୍ନଭଣ୍ଡାର ଗଣତିମଣତି ଲାଗି ଏସ୍‌ଓପି ପ୍ରସ୍ତୁତ ହୋଇସାରିଥିବା ବେଳେ ରାଜ୍ୟ ସରକାର ମଧ୍ୟ ତାକୁ ଅନୁମୋଦନ କରିସାରିଛନ୍ତି। ଏସ୍‌ଓପି ଅନୁଯାୟୀ, ମହାପ୍ରଭୁଙ୍କ ସମସ୍ତ ରତ୍ନ ଅଳଙ୍କାରର ଗଣତିମଣତି କରାଯିବ। ୧୯୭୮ରେ ହୋଇଥିବା ଗଣତିର ତାଲିକା ଅନୁସାରେ ମେଳକ କରାଯିବ। ଏନେଇ ଗତ ମଙ୍ଗଳବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା।

# ଝିଅର ପ୍ରେମ ପାଇଁ ମା', ଭାଇଙ୍କ ମୁଣ୍ଡ ଗଡ଼ିଥିଲା

**କୋରାପୁଟ/ ବୋରିଗୁମ୍ମା, ୨୫।୨ (ଅମିତାଭ ବେହେରା/ ବିଜୟ ନାରାୟଣ ସାହୁ)**

**ବୋରିଗୁମ୍ମା ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ**

**୫ ଅଭିଯୁକ୍ତ ଗିରଫ, ବାଳସୁଧାର ଗୃହରେ ନାବାଳିକା**

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ଚର୍ଚ୍ଚିତ ଡବଲ ମର୍ଡର ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ନାବାଳିକା ଝିଅ ପ୍ରେମିକଙ୍କୁ ପାଇବା ପାଇଁ ମା' ଓ ଭାଇଙ୍କୁ ହଟାଇବାର ଷଡ଼ଯନ୍ତ୍ର ରଚିଥିବା ପୋଲିସ ସୂଚନା ଦେଇଛି। ନାବାଳିକା ପ୍ରେମିକଙ୍କ ସହ ମିଶି ମା' ଓ ଭାଇଙ୍କୁ ହତ୍ୟା କରିଥିବା ନେଇ ଏସ୍‌ପି ରୋହିତ ବର୍ମା ବୁଧବାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଘଟଣାରେ ନାବାଳିକାଙ୍କ ପ୍ରେମିକ ଓ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ନାବାଳିକାଙ୍କ ପ୍ରେମିକ ବୋରିଗୁମ୍ମା ଦାସିରି ସାହିର ପି.ଆଦି ନାରାୟଣ ରାଓ (୨୧), ଦାସିରି ସାହିର ପ୍ରୀତ ନାୟକ (୧୯), ବିଜାପୁରର ଆଦିନାରାୟଣ ପାଣିଗ୍ରାହୀ (୧୯) ଓ କମତାର ଜଗନ୍ନାଥ ଯାନୀ(୨୦)। ନାବାଳିକାଙ୍କୁ ବାଳସୁଧାର ଗୃହରେ ରଖାଯାଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ସ୍କୁଟର ଜବତ କରାଯାଇଥିବା ସୂଚନା ମିଳିଛି।

ପୋଲିସ ସୂଚନାନୁଯାୟୀ, ଗତ ୧୮ ତାରିଖରେ ଦାସିରି ସାହିର ଅନୁଷ୍କା ପରିଡ଼ା ଓ ତାଙ୍କ ପୁଅ ଏହେମ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ନାବାଳିକା ତାଙ୍କ ପ୍ରେମିକ ପି.ଆଦି ନାରାୟଣ ଓ ଅନ୍ୟ ଅଭିଯୁକ୍ତଙ୍କ ସହ ମିଶି ଛୁରିରେ ପ୍ରଥମେ ଅନୁଷ୍କାଙ୍କ ତଣ୍ଟି କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ପରେ ଉକ୍ତ ଛୁରିରେ ଏହେମ୍‌ଙ୍କୁ ମଧ୍ୟ ଭୁସି ହତ୍ୟା କରିଥିଲେ। ଏକ ସ୍କୁଟିରେ ପ୍ରଥମେ ଏହେମଙ୍କ ମୃତଦେହକୁ ଜୟନ୍ତୀଗିରି କେନାଲରେ ଫିଙ୍ଗିଥିଲେ। ପରେ ପୁଣି ଥରେ ସ୍କୁଟିରେ ଅନୁଷ୍କାଙ୍କ ମୃତଦେହ ଆଣି କେନାଲରେ ପକାଇଥିଲେ। ଗତ ୨୦ ତାରିଖରେ ମୃତ ମହିଳାଙ୍କ ଭାଇ ସତ୍ୟବାନ ପାତ୍ର ନିଜ ଭଉଣୀ ଓ ଭଣଜା ନିଖୋଜ ନେଇ ବୋରିଗୁମ୍ମା ଥାନାରେ ଲିଖିତଭାବେ ଜଣାଇଥିଲେ। ଏହାପରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୋମବାର କୋଟପାଡ଼ ଥାନା ଅଧୀନ ଅଣ୍ଡରାମୁଣ୍ଡା କେନାଲରୁ ଏକ ☞ପୃଷ୍ଠା-୪

# ଆଜିଠୁ ୫ଦିନିଆ ଗସ୍ତରେ ମହାନଦୀ ଟ୍ରିବ୍ୟୁନାଲ କମିଟି

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କ ସମେତ ମୋଟ୍ ୧୦ ଜଣ ଗୁରୁବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏବଂ ତାଙ୍କ ସଦସ୍ୟମାନେ ନିଜ ପରିବାର ସହ ଆସୁଥିବା ବେଳେ ସେମାନଙ୍କୁ ରାଜ୍ୟ ଅତିଥି ଘୋଷଣା କରାଯାଇଛି। ଟ୍ରିବ୍ୟୁନାଲ କମିଟି ଯେତେବେଳେ ଝାରସୁଗୁଡ଼ା ଆସିବେ ସେମାନଙ୍କୁ ରାଜ୍ୟ ଅତିଥି ଭାବେ ସବୁ ସୁବିଧା ଯୋଗାଇଦେବା ପାଇଁ କୁହାଯାଇଛି। ଝାରସୁଗୁଡ଼ା ଜିଲାପାଳଙ୍କୁ ଏହିସବୁ ସୁବିଧା କରିବାର ବ୍ୟବସ୍ଥା ତଦାରଖ କରିବା ପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଚିଠି କରି ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ଜିଲାପାଳଙ୍କୁ ମଧ୍ୟ ବ୍ୟବସ୍ଥା କରିବାର ଦାୟିତ୍ୱ ଦିଆଯାଇଛି। ଟ୍ରିବ୍ୟୁନାଲ ସଦସ୍ୟମାନେ ଖୋର୍ଦ୍ଧା ଜିଲା ଗସ୍ତରେ ମଧ୍ୟ ଆସିବେ। ସେହିପରି ସେମାନେ ପୁରୀ ଯିବାକୁ ଥିବାବେଳେ ସେଠାର ସବୁ ବ୍ୟବସ୍ଥା ଦାୟିତ୍ୱ ସ୍ଥାନୀୟ ଜିଲାପାଳ ନେବେ। ଜଳ ସମ୍ପଦ ବିଭାଗ ପକ୍ଷରୁ ଜଣେ ଅଧିକାରୀ ରହି ଏସବୁ ବ୍ୟବସ୍ଥାର ତଦାରଖ କିପରି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କ୍ଷମତା ନିୟନ୍ତ୍ରଣର ଯୁଗ**

# ଆମେରିକା ଅର୍ଥନୀତି ଶକ୍ତିଶାଳୀ ହୋଇଛି: ଟ୍ରମ୍ପ

**'ଷ୍ଟେଟ୍ ଅଫ୍ ଦି ୟୁନିୟନ' ଅଭିଭାଷଣ**

- **ଭାଷଣ ବେଳେ ବିରୋଧୀଙ୍କୁ ପାଗଳ କହିଲେ**
- **୨୦୨୮ ନିର୍ବାଚନ ପାଇଁ ପ୍ରଚାର: ବିରୋଧୀ**



**ୱାଶିଂଟନ, ୨୫।୨**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର ୱାଶିଂଟନ ଡିସିସ୍ଥିତ 'ୟୁଏସ୍ କ୍ୟାପିଟୋଲ୍'ରେ ଦେଇଥିବା 'ଷ୍ଟେଟ ଅଫ୍ ଦି ୟୁନିୟନ' ଅଭିଭାଷଣ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ଏହି ଅଭିଭାଷଣଟି ପ୍ରାୟ ୧୦୮ ମିନିଟ (୧ ଘଣ୍ଟା ୪୮ ମିନିଟ) ଧରି ଚାଲିଥିଲା, ଯାହା ଆମେରିକା ଇତିହାସରେ ସବୁଠାରୁ ଦୀର୍ଘତମ ଅଭିଭାଷଣ। ଆମେରିକାରେ ଏଭଳି ଅଭିଭାଷଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାର୍ଷିକ କାର୍ଯ୍ୟକ୍ରମ। ଏହାକୁ ରାଷ୍ଟ୍ରପତିଙ୍କର 'ବାର୍ଷିକ ପ୍ରଗତି ପତ୍ର' ବୋଲି କୁହାଯାଇଥାଏ। ଟ୍ରମ୍ପ ତାଙ୍କ ଭାଷଣରେ ଅର୍ଥନୀତି, ବୈଦେଶିକ ନୀତି, ସୀମା ସୁରକ୍ଷା ଆଦି ପ୍ରମୁଖ ପ୍ରସଙ୍ଗରେ ନିଜ ସରକାରଙ୍କ ନୀତି ବିଷୟରେ ଉଲ୍ଲେଖ କରିଛନ୍ତି। ତାଙ୍କ ଶାସନ କାଳରେ ଆମେରିକାର ଅର୍ଥନୀତି ଶକ୍ତିଶାଳୀ ହୋଇଛି ଏବଂ ମୁଦ୍ରାସ୍ଫୀତି ହ୍ରାସ ପାଇଥିବା ସେ ଦାବି କରିଛନ୍ତି। ସେହିପରି ଟାରିଫ୍ କଥା ଉଠାଇ ସେ ସୁପ୍ରିମକୋର୍ଟଙ୍କୁ କଡ଼ା ସମାଲୋଚନା କରିଛନ୍ତି। ତାଙ୍କ ଭାଷଣ ସମୟରେ ବିରୋଧୀ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇଥିବାବେଳେ ସେମାନଙ୍କୁ ଟ୍ରମ୍ପ 'ପାଗଳ' ଆଖ୍ୟା ଦେଇଛନ୍ତି। ବିରୋଧୀଙ୍କ ମତରେ ଟ୍ରମ୍ପଙ୍କ ୧୦୮ ମିନିଟର ଭାଷଣ କେବଳ 'ରାଜନୈତିକ ଶୋ'। ସେମାନେ ଏହାକୁ ୨୦୨୮ ନିର୍ବାଚନ ପାଇଁ ଏକ ପ୍ରଚାର ବୋଲି ଅଭିହିତ କରିଛନ୍ତି।

ଟ୍ରମ୍ପ ଦାବି କରିଛନ୍ତି ଯେ ତାଙ୍କର 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଆକ୍ଟ ଯୋଗୁ ଆମେରିକାରେ ଟିକସ ହ୍ରାସପାଇଛି ଏବଂ ସାଧାରଣ ଲୋକଙ୍କ ପକେଟକୁ ଅଧିକ ଟଙ୍କା ଆସୁଛି। ୨୦୨୫ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ସମ୍ଭାବ୍ୟ ପରମାଣୁ ଯୁଦ୍ଧକୁ ସେ ନିଜ ହସ୍ତକ୍ଷେପ ଦ୍ୱାରା ରୋକିବାରେ ସଫଳ ହୋଇଛନ୍ତି। ବେଆଇନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଯଥେଷ୍ଟ କମିଥିବା ସେ ପ୍ରକାଶ କରିଛନ୍ତି। ଭାଷଣ ମଝିରେ ସେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିବାବେଳେ ଆମେରିକାର ପୁରୁଷ ହକି ଦଳକୁ ସେ ପ୍ରଶଂସା କରିଥିଲେ ଏବଂ ଗୋଲକିପରଙ୍କୁ 'ପ୍ରେସିଡେନ୍ସିଆଲ ମେଡାଲ ଅଫ୍ ଫ୍ରିଡମ୍' ପ୍ରଦାନ କରିଛନ୍ତି। ତେବେ ଭାଷଣ ସମୟରେ ବିରୋଧୀ ଡେମୋକ୍ରାଟ ସଦସ୍ୟମାନେ ପାଟିତୁଣ୍ଡ କରିବାରୁ ଟ୍ରମ୍ପ ରାଗିଯାଇ 'ଏହି ଲୋକମାନେ ପାଗଳ' ବୋଲି କହିଥିଲେ। ☞ପୃଷ୍ଠା-୪

## ଆମେରିକା ସନ୍ଧି କରାଇ ନ ଥିଲେ ୩୫ ନିୟୁତ ପ୍ରାଣ ହରାଇଥାନ୍ତେ

**ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିବା ଦାବିକଲେ ଟ୍ରମ୍ପ୍**

ଗତବର୍ଷ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କରାଇଥିବା ନେଇ ଦାବି କରିଆସୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସମାନ ବିଷୟ ଦୋହରାଇବା ସହ ନୂଆ ପ୍ରଘଟ କରିଛନ୍ତି। ଆମେରିକା କଂଗ୍ରେସରେ ମଙ୍ଗଳବାର ଦେଶବାସୀଙ୍କ ଉଦ୍ଦେଶ୍ୟରେ ସମ୍ବୋଧିତ କରି ଟ୍ରମ୍ପ କହିଛନ୍ତି, ଅପରେଶନ ସିନ୍ଦୂର ବେଳେ ସେ ହସ୍ତକ୍ଷେପ କରି ନ ଥିଲେ ୩୫ ନିୟୁତ ଲୋକ ପ୍ରାଣ ହରାଇଥାନ୍ତେ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ଜଣାଇଥିଲେ। ଆମେରିକୀୟ କମାଣ୍ଡର-ଇନ୍-ଚିଫ୍ ଟ୍ରମ୍ପ କହିଛନ୍ତି, ହ୍ୱାଇଟ୍ ହାଉସ୍‌ରେ ତାଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ସେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସାମରିକ ସଂଘର୍ଷ ସହ ୮ ଯୁଦ୍ଧ ବନ୍ଦ କରାଇଥିଲେ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ତାଙ୍କୁ ☞ପୃଷ୍ଠା-୪



ଇସ୍ରାଏଲ-ଅଧିକୃତ ଓ୍ବେଷ୍ଟ ବ୍ୟାଙ୍କସ୍ଥିତ ହେବ୍ରୋନ୍‌ରେ ଇସ୍ରାଏଲ ଆକ୍ରମଣରେ ଭାଙ୍ଗି ଯାଇଥିବା ଏକ ଗାଡ଼ିରେ ବସିଛନ୍ତି ପାଲେଷ୍ଟିନୀୟ ମହିଳା।

# ଏପ୍‌ଷ୍ଟିନ୍ ଫାଇଲ: କ୍ଷମା ମାଗିଲେ ବିଲ୍ ଗେଟ୍ସ

## ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କ ଅଭିଯୋଗକୁ ସ୍ୱୀକାର



ନୂଆଦିଲ୍ଲୀ,୨୫।୨

ବହୁ ଚର୍ଚ୍ଚିତ ଯୌନ କେଲେଙ୍କାରୀ ଏପ୍‌ଷ୍ଟିନ୍ ଫାଇଲ ପ୍ରସଙ୍ଗକୁ ନେଇ ଗେଟସ୍ ଫାଉଣ୍ଡେଶନ୍ ଅଧ୍ୟକ୍ଷ ବିଲ୍ ଗେଟସ୍ ତାଙ୍କର କର୍ମଚାରୀମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏପ୍‌ଷ୍ଟିନ୍ ଫାଇଲରେ ବିଲ୍‌ଙ୍କ ନାମ ପ୍ରକାଶ ପାଇବା ସହିତ ଜେଫ୍ରି ଏପ୍‌ଷ୍ଟିନଙ୍କ ମାଧ୍ୟମରେ ତାଙ୍କର ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କ ସାମ୍ନାକୁ ଆସିବା ପରେ ବିଭିନ୍ନ ମଞ୍ଚରେ ବିଲ୍‌ଙ୍କୁ ପ୍ରଶ୍ନବାଣର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ନିକଟରେ ଟାଉନ୍ ହଲ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ତାଙ୍କୁ ଏ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲାବେଳେ ୨ ରୁଷୀୟ ମହିଳାଙ୍କ ସହ ସମ୍ପର୍କକୁ ସେ ସ୍ୱୀକାର କରିଥିଲେ। ଏଥିପାଇଁ ସେ ଗେଟସ୍ ଫାଉଣ୍ଡେଶନ୍ କର୍ମଚାରୀଙ୍କୁ କ୍ଷମା ମାଗିଥିଲେ। ହେଲେ ଏପ୍‌ଷ୍ଟିନ୍ ଯୌନ କେଲେଙ୍କାରୀ ଘଟଣାରେ ମହିଳାଙ୍କୁ ଯେଭଳି ନିର୍ଯାତନା ଦିଆଯାଇଛି, ୨ ରୁଷୀୟ ମହିଳାଙ୍କ ସହ ତାଙ୍କର ସେଭଳି କୌଣସି ସମ୍ପର୍କ ନ ଥିଲା ବୋଲି ବିଲ୍ କହିଛନ୍ତି।

# ସତ୍ୟ, ବାସ୍ତବତାର ପଥ ବାଛିଛି ଭାରତ

## ମୋଦିଙ୍କୁ ଭାଇ ସମ୍ବୋଧନକଲେ ନେତାନ୍ୟାହୁ

ଜେରୁଜେଲମ୍,୨୫।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ୨ ଦିନିଆ ଇସ୍ରାଏଲ ଗସ୍ତରେ ଯାଇ ଭାରତୀୟ ସମୟ ଅପରାହ୍ନରେ ତେଲ୍ ଆଭିଭ୍‌ରେ ପହଞ୍ଚିଛନ୍ତି। ମୋଦି ତେଲ୍ ଆଭିଭ୍‌ସ୍ଥିତ ବେନ୍ ଗୁରିଅନ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ତାଙ୍କ ସ୍ତ୍ରୀ ସାରା ନେତାନ୍ୟାହୁଙ୍କ ଉପସ୍ଥିତିରେ ଇସ୍ରାଏଲୀ ମିଲିଟାରି ତାଙ୍କୁ ରେଡ୍ କାର୍ପେଟ୍ ସହ ସ୍ୱାଗତ କରିଛି। ୯ ବର୍ଷ ପରେ ମୋଦିଙ୍କ ଏହି ଦ୍ୱିତୀୟ ଗସ୍ତକୁ ନେଇ ଇସ୍ରାଏଲର ସବୁ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ସରକାରୀ ଅଧିକାରୀ, ରାଜନେତା, କୂଟନୀତିଜ୍ଞଙ୍କ ପର୍ଯ୍ୟନ୍ତ ସମସ୍ତେ ଖୁସିରେ ବିଭୋର ହୋଇଯାଇଥିବା ଦେଖାଯାଇଛି। ଇସ୍ରାଏଲର ପ୍ରମୁଖ ସହରଗୁଡିକର ରାସ୍ତାରେ ଦୁଇ ଦେଶର ଜାତୀୟ ପତାକା, ମୋଦି-ନେତାନ୍ୟାହୁଙ୍କ ଫଟୋରେ ଛାଉଣି ହୋଇଥିଲାବେଳେ ପ୍ରବାସୀ ଭାରତୀୟମାନଙ୍କୁ ଇସ୍ରାଏଲୀ ନାଗରିକମାନେ ନମସ୍କାର କରି ଅଭିନନ୍ଦନ ଜଣାଇଛନ୍ତି। ଇସ୍ରାଏଲର ଗଣମାଧ୍ୟମ ମୋଦିଙ୍କ ଏହି ଗସ୍ତକୁ ଐତିହାସିକ ବୋଲି ଦର୍ଶାଇବା ସହିତ ପ୍ରକୃଷ୍ଟ ସମୟରେ ମହତ୍ତ୍ୱପୂର୍ଣ୍ଣ ବୋଲି କହିଛି। ସାମ୍ପ୍ରତିକ ବୈଶ୍ୱିକ ସ୍ଥିତି ଏବଂ ବିଶେଷକରି ମଧ୍ୟପ୍ରାଚ୍ୟ ଭୂ-ରାଜନୀତିକୁ ନେଇ ଚାଲିଥିବା ଦ୍ୱନ୍ଦ୍ୱ ମଧ୍ୟରେ ମୋଦିଙ୍କ ଇସ୍ରାଏଲ ଗସ୍ତ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା ସହିତ ଭବିଷ୍ୟତ ରଣନୀତି ପ୍ରସ୍ତୁତ କରିବା ଦିଗରେ ସହାୟକ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ବିମାନ ବନ୍ଦରରୁ ଆସି ଜେରୁଜେଲମ୍‌ରେ ପହଞ୍ଚିବା ପରେ ମୋଦି ଏବଂ ନେତାନ୍ୟାହୁଙ୍କ ମଧ୍ୟରେ ବୈଠକ ହୋଇଥିଲା। ପରେ ପରେ ମୋଦି ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିଥିଲେ। ଇସ୍ରାଏଲ ସଂସଦକୁ ସମ୍ବୋଧିତ କରିବାରେ ସେ ହେଉଛନ୍ତି ପ୍ରଥମ ଭାରତୀୟ ନେତା। ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରହିଆସିଥିବା ସମ୍ପର୍କକୁ ଆଗାମୀ ଦିନରେ ଆହୁରି ମଜଭୁତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧିକରି ସମୃଦ୍ଧିର ପଥକୁ ପ୍ରଶସ୍ତ କରିବାକୁ ମୋଦି କହିଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ମୋଦିଙ୍କ ନେତୃତ୍ୱକୁ ଭୂରି ପ୍ରଶଂସା କରିବା ସହିତ ତାଙ୍କୁ ଭାଇ ସମ୍ବୋଧନକରି ଭାରତ ଇସ୍ରାଏଲକୁ ସମର୍ଥନ କରି ସତ୍ୟର ଆଶ୍ରୟ ନେଇଛି ବୋଲୀ କହିଥିଲେ। ଗୁରୁବାର ମୋଦି ଇସ୍ରାଏଲର ସରକାରୀ ସ୍ମୃତିସ୍ଥଳ ୟାଦ୍ ଭାସେମ୍‌ରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେବେ। ଭାରତ ଏବଂ ଇସ୍ରାଏଲ ମଧ୍ୟରେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା), କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସାଇବର୍ ସିକ୍ୟୁରିଟି ସମେତ ପ୍ରତିରକ୍ଷା ଦିଗରେ ଅନେକ ବୁଝାମଣା ହେବା କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ପରିକଳ୍ପିତ 'ହେକ୍ସାଗନ୍' ମେଣ୍ଟରେ ଭାରତ ସାମିଲହେବା ଏବଂ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ମଧ୍ୟ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।



ତେଲ୍ ଆଭିଭ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ।

## ଅନିଲ ଅମ୍ବାନୀଙ୍କ ୩୭୦୦ କୋଟିର କୋଠା ବାଜ୍ୟାପ୍ତ କଲା ଇଡି

ମୁମ୍ବାଇ,୨୫।୨

ଏକ ମନି ଲଣ୍ଡରିଂ ମାମଲାର ଯାଞ୍ଚ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବୁଧବାର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ୩୭୧୬ କୋଟି ଟଙ୍କାର ସମ୍ପତ୍ତି ଆଟାଚ୍ କରିଛି। ରିଲାଏନ୍ସ ଗ୍ରୁପ୍ ଅଧୀନସ୍ଥ ରିଲାଏନ୍ସ କମ୍ୟୁନିକେଶନ ଦ୍ୱାରା ହୋଇଥିବା ବିପୁଳ ଅର୍ଥ ହେର୍‌ଫେର୍ ମାମଲାରେ ଇଡି ଏହି ପଦକ୍ଷେପ ନେଇଛି। ଅନିଲଙ୍କ ମୁମ୍ବାଇ ପାଲି ହଲ୍‌ସ୍ଥିତ ୧୭ ମହଲା କୋଠା 'ଆବୋଡ୍'କୁ ଇଡି ନିଜ ହାତକୁ ନେଇଛି। ଏହାର ବଜାର ମୂଲ୍ୟ ୩୭୧୬.୮୩ କୋଟି ଟଙ୍କା ହେବ ବୋଲି ଇଡି ପକ୍ଷରୁ କୁହାଯାଇଛି।



## ଇଡି ମାମଲାରେ ହେମନ୍ତ ସୋରେନଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୫।୨

ଜମି ହେର୍‌ଫେର୍ ଅଭିଯୋଗରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଚଳାଇଥିବା ମାମଲାରେ ସୁପ୍ରିମକୋର୍ଟରୁ ହେମନ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି। ଏହି ମାମଲାକୁ ନେଇ ଇଡି ୨୦୨୪ରେ ହେମନ୍ତଙ୍କୁ ହାଜର ହେବା ଲାଗି ବାରମ୍ବାର ସମନ୍ ଜାରି କରିଥିଲା। ହେଲେ ହେମନ୍ତ ହାଜର ନ ହେବାରୁ ଇଡି ପକ୍ଷରୁ ଆଇପିସି ଧାରା ୧୭୪ ଅନୁସାରେ ପୁଣି ମାମଲା ରୁଜୁ କରାଯାଇ ତାଙ୍କୁ ଦଣ୍ଡିତ କରିବାକୁ ଆବେଦନ କରାଯାଇଥିଲା। ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲାବେଳେ ବୁଦବାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ମାମଲା ସ୍ଥଗିତ ରଖିବାକୁ କହିଛନ୍ତି।



## ଭିଏସ୍‌ଆର୍‌ର ସବୁ ବିମାନ ବ୍ୟାନ୍

ନୂଆଦିଲ୍ଲୀ,୨୫।୨

ଭିଆଇପି ଏବଂ କର୍ପୋରେଟ୍ ଟ୍ରାଭେଲ୍ ପାଇଁ ବିଜ୍‌ନେଶ ଜେଟ୍ ସମେତ ଅନ୍ୟାନ୍ୟ ମଧ୍ୟମ ଶ୍ରେଣୀର ବିମାନ ଯୋଗାଇ ଦେଉଥିବା ଭିଏସ୍‌ଆର୍ କମ୍ପାନୀ ବିରୋଧରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି କମ୍ପାନୀର ସମସ୍ତ ଜେଟ୍ ବିମାନ ଉପରେ ଡିଜିସିଏ ବ୍ୟାନ୍ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀର ୭ଟି ଅତ୍ୟାଧୁନିକ ଜେଟ୍ ବିମାନ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଦେଉଥିଲା ବେଳେ ଏଗୁଡିକ ଉପରେ ପ୍ରତିବନ୍ଧକ ଲାଗିଛି। ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାରଙ୍କ ବିମାନ ଦୁର୍ଘଟଣାକୁ ନେଇ ଡିଜିସିଏ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଅଜିତ୍ ଭିଏସ୍‌ଆର୍ କମ୍ପାନୀର ଏକ ଲିଅରଜେଟ୍‌ରେ ଯାତ୍ରା କରୁଥିଲା ବେଳେ ଏହି ବିମାନଟି ଅବତରଣ ବେଳେ ଦୁର୍ଘଟଣାଗ୍ରସ୍ତ ହେବାରୁ ଅଜିତ୍‌ଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଭିଏସ୍‌ଆର୍ କମ୍ପାନୀର ବିମାନଗୁଡିକର ସୁରକ୍ଷା ମାନ ଏବଂ ଆବଶ୍ୟକ ମାର୍ଗଦର୍ଶିକା ଅନୁପାଳନକୁ ନେଇ ପ୍ରଶ୍ନ ଉଠିବା ପରେ ଡିଜିସିଏ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଇଣ୍ଡିଗୋରେ ଯାନ୍ତ୍ରିକ ତ୍ରୁଟି: ବିମାନରେ ୨୦୦ ଯାତ୍ରୀ ୫ ଘଣ୍ଟା ହନ୍ତସନ୍ତ

ଚେନ୍ନାଇ,୨୫।୨

ବୁଧବାର ସକାଳେ ଚେନ୍ନାଇରୁ ସିଙ୍ଗାପୁର ଯିବାକୁ ଥିବା ଇଣ୍ଡିଗୋ ବିମାନ ୫ ଘଣ୍ଟା ଧରି ବିମାନ ବନ୍ଦରରେ ପଡ଼ିରହିବା ପରେ ଏଥିରେ ଯାତ୍ରା କରୁଥିବା ପ୍ରାୟ ୨୦୦ ଯାତ୍ରୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଛି। ଏହି ବିମାନ ସକାଳ ୭.୩୦ ମିନିଟ୍‌ରେ ଉଡ଼ାଣ କରିବାକୁ ରହିଥିଲାବେଳେ ଯାତ୍ରୀମାନଙ୍କୁ ୬.୩୦ ମିନିଟ୍ ପରେ ବୋର୍ଡିଂ ପାଇଁ ଅନୁମତି ଦିଆଯାଇଥିଲା। ଉଡ଼ାଣ ସମୟ ପୂର୍ବରୁ ସମସ୍ତ ଯାତ୍ରୀ ବୋର୍ଡିଂ କରିସାରିଥିଲେ ମଧ୍ୟ ବିମାନଟି ଉଡ଼ାଣ କରି ନ ଥିଲା। କକ୍‌ପିଟ୍ ତାପମାତ୍ରାକୁ ନେଇ କିଛି ସମସ୍ୟା ରହିଥିବା ପାଇଲଟ୍ ଅନୁଭବ କରିବାପରେ ସର୍ଭିସ୍ ଟେକ୍‌ନିସିଆନ୍‌ଙ୍କୁ ଡକାଯାଇଥିବା ବିମାନ କର୍ତ୍ତୃପକ୍ଷ କହିଥିଲେ। ହେଲେ ୫ ଘଣ୍ଟା ଧରି ଏହି ସମସ୍ୟା ଦୂର ହୋଇପାରି ନଥିଲା। ଏହାଭିତରେ ଉକ୍ତ ବିମାନରେ ଯିବାକୁ ଥିବା ଜଣେ ପାଇଲଟ୍ ମଧ୍ୟ ବିମାନ ଛାଡି ପଳାଇଥିଲେ। ଯାତ୍ରୀମାନେ ୫ ଘଣ୍ଟା ଧରି ବିମାନରେ ବସିରହିଥିଲେ। କିନ୍ତୁ ବାରମ୍ବାର ଏସି ବନ୍ଦ କରାଯାଉଥିବାରୁ ଛୋଟ ପିଲା ଏବଂ ବୟସ୍କ ଯାତ୍ରୀ ଅଣନିଃଶ୍ୱାସୀ ହୋଇପଡ଼ିବା ସହିତ ଯନ୍ତ୍ରଣାରେ ଛଟପଟ ହୋଇଥିଲେ।

## କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିୟୋଜିତ ହେବେ ରାଜ୍ୟ ପୋଲିସ

ନୂଆଦିଲ୍ଲୀ,୨୫।୨(ପି.ଟି.)

ଏଣିକି ଭୋଟଗ୍ରହଣ ଦିନ ବୁଥ୍‌ଗୁଡ଼ିକରେ ନିୟୋଜିତ ହେବାକୁ ଥିବା ରାଜ୍ୟ ପୋଲିସ କର୍ମଚାରୀମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ନିୟୋଜିତ ହୋଇଥିବା କେନ୍ଦ୍ରୀୟ ପୋଲିସ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନିୟୋଜନ କରିବା ବ୍ୟବସ୍ଥା ହେବ। ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ବଢ଼ାଇବାକୁ ନିର୍ବାଚନ କମିଶନ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପକ୍ଷପାତିତାକୁ ଏଡ଼ାଇବା ପାଇଁ ସ୍ଥାନୀୟ ପୋଲିସଙ୍କୁ ସେମାନଙ୍କ ଥାନା କ୍ଷେତ୍ର ବାହାରେ ନିୟୋଜିତ କରାଯିବ। ନିର୍ବାଚନ କମିଶନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପୋଲିସ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖି ପରାମର୍ଶ ଦେଇଛନ୍ତି।

## ପଶ୍ଚିମବଙ୍ଗ ଏସ୍‌ଆଇଆର୍: ନିୟୋଜିତ ହେବେ ଓଡ଼ିଶା, ଝାଡ଼ଖଣ୍ଡର ନ୍ୟାୟିକ ଅଧିକାରୀ

ନୂଆଦିଲ୍ଲୀ,୨୫।୨(ପି.ଟି.)

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ ୮୦ ଲକ୍ଷ ଆପତ୍ତି ଅଭିଯୋଗ ଆସିଥିବାବେଳେ ଏହାର ସମାଧାନ ପାଇଁ ସିଭିଲ ଜଜ୍‌ମାନଙ୍କୁ ନିୟୋଜିତ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର କୋଲକାତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁମତି ଦେବା ସହ ପଡ଼ୋଶୀ ଓଡ଼ିଶା ଓ ଝାଡ଼ଖଣ୍ଡରୁ ନ୍ୟାୟିକ ଅଧିକାରୀମାନଙ୍କୁ ଏହି କାର୍ଯ୍ୟରେ ଲଗାଇବାକୁ କହିଛନ୍ତି। ଏସ୍‌ଆଇଆର୍‌ରେ ୨୫୦ ଜଣ ଜିଲା ଜଜ୍‌ଙ୍କୁ ନିୟୋଜିତ କରାଯାଇଥିବାବେଳେ ସମସ୍ତ ଆପତ୍ତି ଅଭିଯୋଗର ସମାଧାନ ପାଇଁ ପ୍ରାୟ ୮୦ ଦିନ ଲାଗିଯିବ ବୋଲି କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତି ଜଣାଇବାରୁ ଏହାକୁ ବିଚାରକୁ ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଉପରୋକ୍ତ ଅନୁମତି ଦେଇଛନ୍ତି। ଏଥିପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ନିବେଦନ କରିବାକୁ ଖଣ୍ଡପୀଠ କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶା ଓ ଝାଡ଼ଖଣ୍ଡରୁ ନିୟୋଜିତ ହେବାକୁ ଥିବା ନ୍ୟାୟିକ ଅଧିକାରୀମାନଙ୍କ ଖର୍ଚ୍ଚ ନିର୍ବାଚନ କମିଶନ ବହନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହ ଫେବୃଆରୀ ୨୮ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବାକୁ କହିଛନ୍ତି।




## କ୍ୟାଟ୍ରିନା ସୁପର ହିରୋ: ବିକି

ମୁମ୍ବାଇ

ବଲିଉଡ୍‌ର ଅନ୍ୟତମ ଚର୍ଚ୍ଚିତ କପଲ୍ କ୍ୟାଟ୍ରିନା କୈଫ ଏବଂ ବିକି କୌଶଲ। ଉଭୟ ଆଜିକାଲି ସେମାନଙ୍କ ପୁତ୍ର ବିହାନ ସହ ସମୟ ବିତାଉଛନ୍ତି। ନିକଟରେ ବିକି ସୋସିଆଲ ମିଡିଆରେ ତାଙ୍କ ପିତା ହେବାର ଅଭିଜ୍ଞତା ବାଣ୍ଟିଛନ୍ତି। ବିହାନକୁ ଏବେ ତିନି ମାସ। ମୁଁ ଏବେ କେବଳ ଜଣେ ଚିୟରଲିଡର ହେବାକୁ ଚେଷ୍ଟା କରୁଛି । ଆଉ ତା' ବଡ଼ ହେବାକୁ ଅପେକ୍ଷା କରୁଛି ବୋଲି କହିଛନ୍ତି ବିକି। ଏଥିସହ ବିକି ସ୍ତ୍ରୀ କ୍ୟାଟ୍ରିନାଙ୍କୁ ମଧ୍ୟ ପ୍ରଶଂସା କରିଛନ୍ତି। ସ୍ତ୍ରୀଙ୍କ ପ୍ରତି ସମ୍ମାନ ପ୍ରଦାନ କରି ସେ କହିଛନ୍ତି, ବର୍ତ୍ତମାନ କ୍ୟାଟ୍ରିନା ଜଣେ ସୁପର ହିରୋ । ସେ ତାଙ୍କ ଗର୍ଭାବସ୍ଥାରେ ଜଣେ ଯୋଦ୍ଧା ଥିଲେ। ତାଙ୍କୁ ନେଇ ମୁଁ ଗର୍ବିତ ବୋଲି ମୁକ୍ତ କଣ୍ଠରେ ପ୍ରକାଶ କରିଥିବା ବିକି କହିଛନ୍ତି। ୨୦୨୫ ବିକିଙ୍କ ପାଇଁ ବ୍ୟକ୍ତିଗତ ଜୀବନ ଏବଂ କ୍ୟାରିଅର ଉଭୟ ଦୃଷ୍ଟିରୁ ଏକ ମହାନ ବର୍ଷ ପ୍ରମାଣିତ ହୋଇଛି। 'ଛାଭା' ଫିଲ୍ମରେ ଛତ୍ରପତି ସମ୍ଭାଜୀ ଭୂମିକାରେ ତାଙ୍କର ଅଭିନୟ ଏବଂ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ କେମେଷ୍ଟ୍ରିକୁ ଦର୍ଶକ ବହୁତ ପ୍ରଶଂସା କରିଥିଲେ। ପ୍ରଶଂସକମାନେ ତାଙ୍କୁ ସଞ୍ଜୟଲୀଲା ବଂଶାଲିଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ବିପକ୍ଷରେ ଦେଖିବା ପାଇଁ ମଧ୍ୟ ଉତ୍ସାହିତ ଅଛନ୍ତି।





ଭୁବନେଶ୍ୱର ଓୟୁଏଟି ପରିସର ଫାର୍ମରୁ ଉତ୍ପାଦିତ 'ବେବି କର୍ନ'କୁ ମହିଳାମାନେ ବିକ୍ରି ପାଇଁ ପ୍ରସ୍ତୁତ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସମସ୍ୟା ବୁଝି ସମୟ ବଢ଼ାଇଲେ

■ ଟୋକନ ଅବଧି ସରିବାର ୧୫ ଦିନ ଯାଏଁ ଚାଷୀଙ୍କ ଧାନ ଉଠିବ

■ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜାରି ରହିବ ଧାନକିଣା

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ଧାନକିଣା ନେଇ ରାଜ୍ୟବ୍ୟାପୀ ଚାଷୀଙ୍କ ଭିତରେ ଅସନ୍ତୋଷ ରହିଛି। ମଣ୍ଡିରୁ ଧାନ ନ ଉଠିବା, ସବୁଠାରେ ମଣ୍ଡି ନ ଖୋଲିବା, ଟୋକନ ପ୍ରଦାନ କରି ଯେଉଁ ଧାର୍ଯ୍ୟ ସମୟରେ ଧାନ ଉଠିବା କଥା ସେଥିରେ ବ୍ୟତିକ୍ରମ ଦେଖାଦେବା ଆଦି କଥାକୁ ନେଇ ବିଭିନ୍ନ ଆଡୁ ଖବର ଆସୁଛି। ସରକାର ଏହି ବିଷୟକୁ ଗୁରୁତ୍ୱର ସହ ବିଚାର କରୁଥିଲେ ମଧ୍ୟ ଅନେକ ସ୍ଥାନରେ ଏଭଳି ସମସ୍ୟାର ସମାଧାନ ଶତପ୍ରତିଶତ ହୋଇ ନ ପାରିବା ବିରୋଧୀ ଦଳଗୁଡିକୁ ସୁଯୋଗ ଦେଇଛି। ନିକଟରେ ସରିଥିବା ପ୍ରଥମ ପର୍ଯ୍ୟାୟ ବିଧାନସଭା ଅଧିବେଶନ ଏହି ପ୍ରସଙ୍ଗକୁ ନେଇ ଭଲ ଭାବେ ଚାଲିପାରି ନାହିଁ। ଚାଷୀ ପ୍ରସଙ୍ଗରେ ଲଗାତର ୭ଟି କାର୍ଯ୍ୟଦିବସ ଏକ ପ୍ରକାର ଧୋଇଯାଇଥିଲା। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ପକ୍ଷରୁ ଗତ ମଙ୍ଗଳବାର ଚାଷୀ ପ୍ରସଙ୍ଗରେ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ବିଶାଳ ପ୍ରତିବାଦ ସଭା କରାଯାଇଛି। ଏଭଳି ସ୍ଥିତିରେ ଚାଷୀଙ୍କ ସମସ୍ୟା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରି କହିଛନ୍ତି, କାହାର ଟୋକନ ଲାପ୍ସ ହେବାର ୧୫ ଦିନ ପର୍ଯ୍ୟନ୍ତ ଧାନ କିଣିବେ ସରକାର। ମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ପରେ ବିରୋଧୀଙ୍କ ଅଭିଯୋଗ ଏକ ପ୍ରକାର ଠିକ୍ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ମନ୍ତ୍ରୀ ପାତ୍ର ଆହୁରି କହିଛନ୍ତି, ଯେଉଁ ଚାଷୀଙ୍କ ଟୋକନ ସମୟ ସରିଯାଇଛି ସେମାନେ ବ୍ୟସ୍ତହେବା ଦରକାର ନାହିଁ। ଟୋକନ ସମୟ ଶେଷହେବାର ୧୫ ଦିନ ପର୍ଯ୍ୟନ୍ତ ସରକାର ଧାନ କିଣିବେ। ରାଜ୍ୟର ସବୁ ଜିଲାପାଳ ଏହି ସମୟ ଅବଧି ବୃଦ୍ଧି କରିପାରିବେ। ବିଳମ୍ବ କିମ୍ବା ସମସ୍ୟା ଯୋଗୁ ଏହି ସମୟ ଯୋଗୁ ରାଜ୍ୟର ଚାଷୀଙ୍କୁ ବାଦ୍ ଦିଆଯିବ ନାହିଁ। ମାର୍ଚ୍ଚ ୩୧ ଯାଏଁ ଧାନ କିଣା ଜାରି ରହିବ।

ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୫-୨୬ରେ ପଞ୍ଜୀକୃତ ଯୋଗ୍ୟ ବିବେଚିତ ଚାଷୀଙ୍କଠାରୁ ୭୩ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ। ଜିଲାଗୁଡ଼ିକୁ ଫେବୃଆରୀ ୧୬ ସୁଦ୍ଧା ୭୧,୧୬,୦୫୪ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଜିଲାଗୁଡ଼ିକରୁ ୫୮,୦୧,୯୬୮ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଛି ବୋଲି ମନ୍ତ୍ରୀ ପାତ୍ର ବିଧାନସଭାରେ ସୂଚନା ଦେଇଥିଲେ। ଭାଜପା ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପାତ୍ର କହିଥିଲେ, ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଅଦ୍ୟାବଧି ପ୍ରାୟ ୪.୭୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ବିଭିନ୍ନ ଗୋଦାମରେ ଗଚ୍ଛିତ ରହିଛି। ୬.୪୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କଷ୍ଟମ ମିଲରଙ୍କଠାରୁ ଆଦାୟ କରିବାର ପ୍ରକ୍ରିୟା ଚାଲୁ ରହିଛି। ଏହା ଆସନ୍ତା ଏପ୍ରିଲ ପର୍ଯ୍ୟନ୍ତ ☞ପୃଷ୍ଠା-୫

# ମାଓବାଦୀଙ୍କୁ ହତ୍ୟାକଲେ ମାଓବାଦୀ

## ଆତ୍ମସମର୍ପଣକୁ ନେଇ ଅନ୍ୱେଷଙ୍କୁ ମାରିଦେଲେ ଶୁକ୍ରୁ

**ଫୁଲବାଣୀ/ଦାରିଙ୍ଗିବାଡି, ୨୫।୨ (ରାକେଶ କୁମାର ରାଉତ/ଅରୁଣ ସାହୁ)**

କନ୍ଧମାଳ ଜିଲାରୁ ମାଓବାଦୀ ମୂଳୋତ୍ପାଟନ ପାଇଁ କୋମ୍ବିଂ ଅପରେଶନ ଜାରି ରହିଛି। କିଛିଦିନ ମଧ୍ୟରେ ପୋଲିସ ଗୁଳିରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ଆହୁରି ପ୍ରାୟ ୩୦ ଜଣ ମାଓବାଦୀ ଥିବା ପୋଲିସ ଅନୁମାନ କରୁଛି। ସେପଟେ ମୋଷ୍ଟ ୱାଣ୍ଟେଡ୍‌ମାନେ ଆତ୍ମସମର୍ପଣ କରୁଥିବାରୁ ମାଓବାଦୀ ସଙ୍ଗଠନରେ ଫାଟ ସୃଷ୍ଟି ହୋଇଛି।କନ୍ଧମାଳ ଜିଲା ସଙ୍ଗଠନ ଦାୟିତ୍ୱରେ ଥିବା ମୋଷ୍ଟ ୱାଣ୍ଟେଡ୍ ଶୁକ୍ରୁ ତାଙ୍କ ସାଥୀ ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିବା ଖବର ବୁଧବାର ☞ପୃଷ୍ଠା-୫



ହତ୍ୟାର ଶିକାର ହୋଇଥିବା ଅନ୍ୱେଷ।



ମୋଷ୍ଟ ୱାଣ୍ଟେଡ ଶୁକ୍ରୁ।

# କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଚୂଡ଼ାନ୍ତ

**ଭୁବନେଶ୍ୱର, ୨୫।୨ (ସୁନିତ୍ ମିଶ୍ର)**

ଭୁବନେଶ୍ୱର ବାଇପାସ୍ ଟେଣ୍ଡର ଚୂଡ଼ାନ୍ତ ହୋଇଯାଇଛି। କ୍ୟାପିଟାଲ ରିଜିଅନ ରିଂରୋଡ୍ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିବା ବେଳେ ତାହାର ଟେଣ୍ଡର ଚୂଡ଼ାନ୍ତ ହୋଇଥିବା ଜାତୀୟ ରାଜପଥ ପ୍ରାଧିକରଣ ଆଞ୍ଚଳିକ ମୁଖ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ 'X' ରେ ସୂଚନା ଦିଆଯାଇଛି। ୩ଟି ପ୍ୟାକେଜିଂ ପାଇଁ ୩ଟି ନିର୍ମାଣକାରୀ ସଂସ୍ଥା ଚୟନ ହୋଇଛନ୍ତି। ଖୋର୍ଦ୍ଧା-ରାମେଶ୍ୱର-ବିଲିପଦା ଓ ଗୋବିନ୍ଦପୁର-କଟକ-ଟାଙ୍ଗୀ ସଂଯୋଗ ହେବ। ୬ ଲେନ୍ ବିଶିଷ୍ଟ ଏହି ରିଂରୋଡ୍ ୧୧୦ କି.ମି. ରହିବ। ପ୍ରତ୍ୟେକ ଫେଜ୍ ପାଇଁ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ ହେବ। ଆସନ୍ତା ମାର୍ଚ୍ଚ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ବୋଲି ଉଲ୍ଲେଖ କରାଯାଇଛି। ପ୍ୟାକେଜ ୱାନ୍ ଲାଗି ପଟେଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ୧୨୩୮.୭୯ କୋଟି, ପ୍ୟାକେଜ-୨ ପାଇଁ ଭିଆର୍‌ସି କନ୍‌ଷ୍ଟ୍ରକ୍ସନ ଲିମିଟେଡ୍‌କୁ ୧୧୯୨.୨୪ କୋଟି ଏବଂ ପ୍ୟାକେଜ -୩ ଲାଗି ଏଚ୍‌ଜି ଇନ୍‌ଫ୍ରା ଇଞ୍ଜିନିୟରିଂ ଲିମିଟେଡ୍‌କୁ ୧୫୮୨.୧୧ କୋଟି ଟଙ୍କାରେ କାମ ମିଳିଛି।




Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 •• Rourkela: RM BAJAJ 90780 83803 • Sundergarh RM BAJAJ 9078083500 • • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.




# ଲାଟ୍ରିନ୍ ସଫାରେ ବିଳମ୍ବ ହେବାରୁ ଛାତ୍ରୀଛାତ୍ରଙ୍କୁ ମାଡ଼

## ୧୦ରୁ ଊର୍ଦ୍ଧ୍ୱ ଆହତ

- ଖବର ପାଇ ପହଞ୍ଚିଲେ ଅଭିଭାବକ, ସ୍କୁଲରେ ଉତ୍ତେଜନା
- ଆସିଲେନି ଏଡିଇଓ, ବିଇଓ

କବିସୂର୍ଯ୍ୟନଗର, ୨୫।୨ (କୃପାସିନ୍ଧୁ ସ୍ୱାଇଁ)

ସବୁ ଛାତ୍ରୀଛାତ୍ରଙ୍କୁ ଲହୁଲୁହାଣ କରି ନିଷ୍ଠୁର ପିଟିଛନ୍ତି ଜଣେ ସହାୟକ ଶିକ୍ଷୟିତ୍ରୀ। ପାଠ ପାଇଁ ନୁହେଁ, ଲାଟ୍ରିନ୍ ସଫା ସହ ସେମାନଙ୍କୁ କହିଥିବା ଅନ୍ୟ କାର୍ଯ୍ୟରେ ବିଳମ୍ବ ଯୋଗୁ ସେମାନଙ୍କୁ ଏପରି ଦଣ୍ଡ ମିଳିଛି। ଶିକ୍ଷୟିତ୍ରୀଙ୍କ ମାଡ଼ରେ କାହାର ହାତ, କାହାର ପିଠି ଆଉ କାହାର ଜଙ୍ଘରେ ନୋଳା ପଡ଼ିଯାଇଛି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏଭଳି ଘଟଣା ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଠଗଡ଼ପାଟଣା ଆଠଗଡ଼ ଦୁର୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଶିକ୍ଷାନୁଷ୍ଠାନ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଥିବା ବେଳେ ସରକାରଙ୍କ ନିୟମକୁ ଉଲ୍ଲଂଘନ କରାଯାଇଛି।

ଖବରରୁ ଜଣାପଡିଛି, ପ୍ରତିଦିନ ଭଳି ବୁଧବାର ଛାତ୍ରୀଛାତ୍ରମାନେ ସ୍କୁଲ ପରିସର ସଫା କରିବା ସହ ଗଛରେ ପାଣି ଦେଉଥିଲେ। ମାତ୍ର ଆଜି ପ୍ରଧାନ ଶିକ୍ଷୟିତ୍ରୀ ଆସିବାରେ ବିଳମ୍ବ ହେତୁ ସହାୟକ ଶିକ୍ଷୟିତ୍ରୀ ଝରଣା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଲାଟ୍ରିନ୍ ସଫା କରିବା, ଶ୍ରେଣୀକକ୍ଷ ଝାଡୁ କରିବା, ପାରିବେଶ ସଫା କରିବାକୁ କହିଥିଲେ। ପିଲାମାନେ ସେହି ଅନୁଯାୟୀ କାମ ମଧ୍ୟ କରିଥିଲେ। ମାତ୍ର କାର୍ଯ୍ୟରେ ବିଳମ୍ବ ହେତୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଝରଣା ନିଷ୍ଠୁର ମାଡ଼ ମାରିଥିଲେ। ଏ ନେଇ ଖବର ପାଇ ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚିଥିଲେ। ସରପଞ୍ଚଙ୍କୁ ଡାକିବାରୁ ସରପଞ୍ଚ ପ୍ରତିନିଧି ଆଦିତ୍ୟ ତ୍ରିପାଠୀ ବିଦ୍ୟାଳୟରେ ପହଞ୍ଚିଥିଲେ। ତ୍ରିପାଠୀ ଏନେଇ ବିଇଓ ଅଭିମନ୍ୟୁ ସାହୁଙ୍କୁ ଜଣାଇବାରୁ କାର୍ଯ୍ୟବ୍ୟସ୍ତତା ହେତୁ କାଲି ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏଥିରେ ଅସନ୍ତୁଷ୍ଟ ହୋଇ ଅଭିଭାବକମାନେ ସହାୟକ ଶିକ୍ଷୟିତ୍ରୀଙ୍କୁ ଆମ ପିଲାଙ୍କୁ କାହିଁକି ବାଡ଼େଇଲେ ବୋଲି ପଚାରି ଏହାର ଜବାବ ମାଗିଥିଲେ। ମାତ୍ର ଶିକ୍ଷୟିତ୍ରୀ ଝରଣା କିଛି ନ ଶୁଣି ମୋବାଇଲ ଫୋନ୍ ଦେଖୁଥିବା ଦେଖାଯାଇଥିଲା। ଅଭିଭାବକମାନେ ତାଙ୍କୁ ବାହାରକୁ ଯିବାକୁ କହିବାରୁ ସେ ସମସ୍ତଙ୍କୁ ଜୁହାର କରିବା ଦେଖିବାକୁ ମିଳିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ର, ସିଆରସିସି ସୀମାଞ୍ଚଳ ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଘଟଣା ସମ୍ପର୍କରେ ତାଙ୍କୁ ଯେତେ ପଚାରିଲେ ସୁଦ୍ଧା ସେ କୌଣସି ଉତ୍ତର ନ ଦେଇ ମୋବାଇଲ ଦେଖାରେ ବ୍ୟସ୍ତ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ, ସିଆରସିସି ପ୍ରଧାନ, ସରପଞ୍ଚ ପ୍ରତିନିଧି ତ୍ରିପାଠୀ ଅଭିଭାବକମାନଙ୍କୁ ବୁଝାଶୁଝା କରିବାରୁ ଉତ୍ତେଜନା ପ୍ରଶମିତ ହୋଇଥିଲା। ତେବେ ସମ୍ପୃକ୍ତ ସହାୟକ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରିବା ଓ ତାଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଦାବି କରିଥିଲେ।

ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ରୋମିତା ଅଜାଲିନ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଘଟଣା ବେଳେ ମୁଁ ବିଦ୍ୟାଳୟରେ ନ ଥିଲି। କ'ଣ ହୋଇଛି ମୁଁ ଦୃଷ୍ଟି ଦେବି। ସହାୟକ ଶିକ୍ଷୟିତ୍ରୀ ଜଣକ ଦୁଇଦିନ ଛୁଟିରେ ଯାଇଛନ୍ତି ବୋଲି ସେ କହିଥିଲେ। ଏଡିଇଓ ପ୍ରଭାତୀ କୁମାରୀ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ମୁଁ କବିସୂର୍ଯ୍ୟନଗର ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ପରୀକ୍ଷା ପରିଦର୍ଶନ କରି ଫେରିଛି। ଏ ନେଇ କୌଣସି ଖବର ତାଙ୍କ ପାଖରେ ନାହିଁ। ସହାୟକ ଶିକ୍ଷୟିତ୍ରୀ ଝରଣାଙ୍କ ମତାମତ ମିଳିପାରିନାହିଁ।

# ଏନ୍ଏଚ୍ଆର୍ସି ସ୍ପେଶାଲ ମନିଟରଙ୍କ ୬ ଦିନିଆ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୫।୨ (ସୁଚିସ୍ମିତା ସାହୁ)

ଜାତୀୟ ମାନବ ଅଧିକାର ଆୟୋଗ(ଏନ୍ଏଚ୍ଆର୍ସି)ର ସ୍ୱତନ୍ତ୍ର ମନିଟର ବାଲକ୍ରୀଷ୍ଣ ଗୋଏଲ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ବୁଧବାର ଅପରାହ୍ନରେ ସେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଭୁବନେଶ୍ୱର ଉପଜିଲାପାଳ, ଖୋର୍ଦ୍ଧା ଯୋଗାଣ ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ସ୍ୱାଗତ କରିଥିଲେ। ସେ ସିଆର୍ପିସ୍ଥିତ ଏକ ସରକାରୀ ସୁଲଭ ମୂଲ୍ୟ କେନ୍ଦ୍ରକୁ ଯାଇ ସାଧାରଣ ବଣ୍ଟନ ବ୍ୟବସ୍ଥାର ନିରୀକ୍ଷଣ କରିଥିଲେ। ସେଠାରେ ସେ ହିତାଧିକାରୀଙ୍କ ସହ ଆଲୋଚନା କରି ରାଶନର ସମୟୋଚିତ ବଣ୍ଟନ, ଚାଉଳର ଗୁଣମାନ, ରେକର୍ଡ ଓ ରେଜିଷ୍ଟରର ରକ୍ଷଣାବେକ୍ଷଣ ସମ୍ପର୍କରେ ପଚାରି ବୁଝିଥିଲେ। ପିଡିଏସ୍ ସାମଗ୍ରୀ ବଣ୍ଟନ ବ୍ୟବସ୍ଥାରେ ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ସରକାରୀ ସୁଲଭ ମୂଲ୍ୟ ଦୋକାନ କେନ୍ଦ୍ରଗୁଡ଼ିକରେ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ନିରୀକ୍ଷଣ ସମୟରେ ସିଏସ୍ଓ ଖୋର୍ଦ୍ଧା ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ଖଣ୍ଡଗିରିସ୍ଥିତ ସୁଭଦ୍ରା ମହତାବ ସେବାସଦନ ସ୍ପେଶାଲ ଆଡପ୍ଶନ ସେଣ୍ଟରକୁ ଯାଇ ୬ ବର୍ଷରୁ କମ୍ ବୟସର ଅନାଥ ଓ ଅସହାୟ ଶିଶୁଙ୍କ ସହ ସମୟ ବିତାଇଥିଲେ। ସେଠାରେ ସେ ଶିଶୁଙ୍କ ସ୍ୱାସ୍ଥ୍ୟ, ପୋଷଣ, ଆବାସ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଗିଥିଲେ। କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥିତି ପ୍ରଣାଳୀ ଚାଲୁ କରିବା ସହ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଗସ୍ତ ସମୟରେ ଖୋର୍ଦ୍ଧା ଶିଶୁ ସୁରକ୍ଷା ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଯତ୍ନ କେନ୍ଦ୍ରର ଅଧ୍ୟକ୍ଷ ଓ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ବଳଦେବ ଜୀଉଙ୍କ ରଥ ନିର୍ମାଣ ଲାଗି ୧ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ

ଭୁବନେଶ୍ୱର, ୨୫।୨ (ସୌମ୍ୟରଞ୍ଜନ ରାଉତ)


ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ।

ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ପ୍ରସିଦ୍ଧ ବଳଦେବ ଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ମଞ୍ଜୁର ହୋଇଛି। ଏଥିନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଗତ କିଛିବର୍ଷ ହେବ ରଥର ୧୪ ଚକର ଅବସ୍ଥା ଠିକ୍ ନ ଥିବାରୁ ରଥ ଚାଳନାରେ ବିଭିନ୍ନ ପ୍ରକାର ବିଘ୍ନ ସୃଷ୍ଟି ହେଉଥିଲା। ଫଳସ୍ୱରୂପ ରଥ ମାଉସୀ ମା' ମନ୍ଦିରରେ ନିର୍ଦ୍ଧାରିତ ସମୟରେ ପହଞ୍ଚିପାରୁ ନ ଥିଲା ଏବଂ ପାଖାପାଖି ୨ ଦିନ ବିଳମ୍ବ ହେଉଥିଲା। ବାହୁଡ଼ା ଯାତ୍ରା ସମୟରେ ମଧ୍ୟ ସମାନ ସ୍ଥିତି ଦେଖାଯାଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଭୁ ବଳଦେବ ଜୀଉଙ୍କ ନୂତନ ରଥ ନିର୍ମାଣରେ ଯେପରି କୌଣସି ଅସୁବିଧା ସୃଷ୍ଟି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି। ଏନେଇ ଆଇନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ବଳଦେବ ଜୀଉ ମନ୍ଦିରର ସମସ୍ତ ରୀତିନୀତି ଓ ପରମ୍ପରାର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି। ଏହି ଅନୁଦାନ ବଳଦେବ ଜୀଉଙ୍କ ପୀଠକୁ ଆସୁଥିବା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ତଥା ରାଜ୍ୟବାସୀଙ୍କ ପାଇଁ ଏକ ଆନନ୍ଦର ବିଷୟ ବୋଲି ମନ୍ତ୍ରୀ ହରିଚନ୍ଦନ ମତପ୍ରକାଶ କରିଛନ୍ତି।

# ବାପାଙ୍କୁ ସାଇକେଲରୁ ନେଇ ଦଳିଦେଲା, ଖସିଗଲେ ପୁଅ

## ହାତୀ ଆକ୍ରମଣରେ ଜଣେ ମୃତ

ନୟାଗଡ଼/ରଣପୁର, ୨୫।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ନୟାଗଡ଼ ଜିଲା ମୟୂରଝାଳିଆ ଅଞ୍ଚଳରେ ଗୋଟିଏ ହାତୀ ସାଇକେଲରୁ ଭିଡିନେଇ ବାପାଙ୍କୁ ମାରି ଦେଇଥିବାବେଳେ ପୁଅ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ମୟୂରଝାଳିଆ ଗାଁର କାଳୁ ମହାରଣା(୫୮)। ରଣପୁର ତହସିଲଦାର ଆର୍ଯ୍ୟ ଦାମନ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୟୂରଝାଳିଆ ଗାଁର କାଳୁ ପୁଅଙ୍କୁ ସାଇକେଲରେ ବସାଇ ନିଜ କାଜୁ ବଗିଚାକୁ ବୁଧବାର ସକାଳେ ଯାଉଥିଲେ। ମୟୂରଝାଳିଆ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଦନ୍ତା ହାତୀ କାଳୁଙ୍କୁ ହଠାତ୍ ଆକ୍ରମଣ କରିଥିଲା। ଏହି ସମୟରେ ପୁଅ ହାତୀ ହାତୀ ଚକ୍କାର କରି ଖସି ଯାଇଥିଲେ। ହେଲେ ବାପା କାଳୁ ହାତୀ କବଳରୁ ଖସି ପାରି ନ ଥିଲେ। ହାତୀ ସାଇକେଲରୁ କାଳୁଙ୍କୁ ଭିଡି ନେଇ ପ୍ରଥମେ ସାଇକେଲକୁ ଭାଙ୍ଗି ପରେ କାଳୁଙ୍କୁ ଚକଟି ମାରିଥିଲା।

ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲା କୁଞ୍ଜୁରୀ ନରମାନବୀ ଗାଁରେ ବାବୁଲି ପରିଡା(୫୮) ନାମକ ଜଣେ ବ୍ୟକ୍ତିଙ୍କୁ ଅନରୂପ ଭାବେ ହାତୀ ଭିଡି ନେଇ ଦଳି ଦେଇଛି। ଗୋଟିଏ ଦିନରେ ଖୋର୍ଦ୍ଧା ବନଖଣ୍ଡରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି।

ପ୍ରକାଶ ଯେ, ମୟୂରଝାଳିଆ ଅଞ୍ଚଳରେ କିଛି ଦିନ ହେବ ହାତୀଙ୍କ ଉତ୍ପାତ ବୃଦ୍ଧି ପାଇଛି। ଗତ ୧ମାସ ମଧ୍ୟରେ ୨ରୁ ୩ଜଣ ହାତୀ ଆକ୍ରମଣରେ ପ୍ରାଣ ହରାଇ ସାରିଲେଣି। ତେବେ ବନ ବିଭାଗର ପଦକ୍ଷେପ ନ ଥିବାରୁ ଜଣକ ପରେ ଜଣେ ହାତୀ ଆକ୍ରମଣରେ ପ୍ରାଣ ହରାଇ ଚାଲିଛନ୍ତି।

# ହୋଲିରେ ଗଡ଼ିବ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ହୋଲି ଏବଂ ଦୋଳଯାତ୍ରା ସମୟରେ ସୁଗମ, ଆରାମଦାୟକ ଏବଂ ଉତ୍ତମ ଯାତ୍ରା ସୁବିଧା ଜାରି ରଖିବା ପାଇଁ ଭାରତୀୟ ରେଳପଥ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଘୋଷଣା କରିଛି। ଓଡ଼ିଶାର ପ୍ରମୁଖ ଷ୍ଟେଶନ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର ନୂଆ, ପୁରୀ, ବ୍ରହ୍ମପୁର ଏବଂ ମାଳତୀପାଟପୁରକୁ ଦେଶର ପ୍ରମୁଖ ସ୍ଥାନ ସହ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ସେବା ଯୋଜନା କରାଯାଇଛି। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ମଧ୍ୟରେ ୦୪୦୬୬ ଆନନ୍ଦବିହାର ଟର୍ମିନାଲ-ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୪୦୬୫ ଖୋର୍ଦ୍ଧାରୋଡ୍-ଆନନ୍ଦବିହାର ଟର୍ମିନାଲ ସ୍ପେଶାଲ, ୦୭୧୬୫ ଚାର୍ଲାପଲ୍ଲୀ-ଭୁବନେଶ୍ୱର ନୂଆ ସ୍ପେଶାଲ ଏବଂ ୦୭୧୬୬ ଭୁବନେଶ୍ୱର ନୂଆ-ଚାର୍ଲାପଲ୍ଲୀ ସ୍ପେଶାଲ, ୦୧୯୨୯ ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି -ଖୋର୍ଦ୍ଧାରୋଡ୍ ସ୍ପେଶାଲ ଏବଂ ୦୧୯୩୦ ଖୋର୍ଦ୍ଧାରୋଡ୍-ବୀରଙ୍ଗନା ଲକ୍ଷ୍ମୀବାଈ ଝାନ୍ସି ସ୍ପେଶାଲ, ୦୩୨୩୦ ପାଟ୍ନା-ପୁରୀ ସ୍ପେଶାଲ ଏବଂ ୦୩୨୨୯ ପୁରୀ-ପାଟ୍ନା ସ୍ପେଶାଲ, ୦୮୦୧୧ ଭଞ୍ଜପୁର-ପୁରୀ ସ୍ପେଶାଲ ଏବଂ ୦୮୦୧୨ ପୁରୀ-ଭଞ୍ଜପୁର ସ୍ପେଶାଲ, ୦୨୮୩୯ ଶାଲିମାର-ପୁରୀ ସ୍ପେଶାଲ ଏବଂ ୦୨୮୪୦ ପୁରୀ-ଶାଲିମାର ସ୍ପେଶାଲ, ୦୨୮୬୩ ସାନ୍ତ୍ରାଗାଛି-ଯାଲାହାଙ୍କା ଜଙ୍କ୍ଶନ ସ୍ପେଶାଲ ଏବଂ ୦୨୮୬୪ ଯାଲାହାଙ୍କା ଜଙ୍କ୍ଶନ-ସାନ୍ତ୍ରାଗାଛି ସ୍ପେଶାଲ, ୦୨୮୪୧ ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ ସ୍ପେଶାଲ ଏବଂ ୦୨୮୪୨ ଚେନ୍ନାଇ ସେଣ୍ଟ୍ରାଲ-ଶାଲିମାର ସ୍ପେଶାଲ, ୦୭୦୨୭ ଚାର୍ଲାପଲ୍ଲୀ-ବ୍ରହ୍ମପୁର ସ୍ପେଶାଲ ଏବଂ ୦୭୦୨୮ ବ୍ରହ୍ମପୁର-ଚାର୍ଲାପଲ୍ଲୀ ସ୍ପେଶାଲ, ୦୫୦୬୪ ଗୋମତୀ ନଗର(ଲକ୍ଷ୍ନୌ)-ମାଳତୀପାଟପୁର ସ୍ପେଶାଲ ଏବଂ ୦୫୦୬୩ ମାଳତୀପାଟପୁର-ଗୋମତୀ ନଗର(ଲକ୍ଷ୍ନୌ) ସ୍ପେଶାଲ ସହ ୦୮୪୦୫ ପୁରୀ-ପୁଣେ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ଟ୍ରେନ୍ ସମ୍ପର୍କିତ ସୂଚନା ପାଇଁ ଅନୁମୋଦିତ ରେଳ ଅନୁସନ୍ଧାନ ପ୍ରଣାଳୀ ଏବଂ ଆଇଆର୍ସିଟିସି ପ୍ଲାଟ୍ଫର୍ମ ମାଧ୍ୟମରେ ଟ୍ରେନ୍ କାର୍ଯ୍ୟସୂଚୀ, ରହଣି ଓ ବୁକିଂ ଉପଲବ୍ଧତା ଯାଞ୍ଚ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଛି।

# ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରିବ ମହାନଦୀ ବଞ୍ଚାଅ ଆନ୍ଦୋଳନ

## ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡିଶା ଗସ୍ତକୁ ବିରୋଧ

ଭୁବନେଶ୍ୱର, ୨୫।୨ (ସୁଚିସ୍ମିତା ସାହୁ)

ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଗୁରୁବାରଠାରୁ ୫ଦିନିଆ ଓଡ଼ିଶା ଗସ୍ତରେ ଆସୁଛି। ହେଲେ ଏହାକୁ ବିରୋଧ କରୁଛି ମହାନଦୀ ବଞ୍ଚାଅ ଆନ୍ଦୋଳନ। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ବୈଠକ ବୁଧବାର ୟୁନିଟ-୬ସ୍ଥିତ ନେତାଜୀ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଟ୍ରିବ୍ୟୁନାଲର ରହଣି ଯାଏ ଅର୍ଥାତ୍ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୧୦ ସ୍ଥାନରେ ବାଲି ସତ୍ୟାଗ୍ରହ କରାଯାଇ ବିରୋଧ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୁଦର୍ଶନ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷା ବେଲା ଏମ୍ ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ. ରବି ରଞ୍ଜନ ଓ ତାଙ୍କ ସ୍ତ୍ରୀ ଡ. ସୁନିତା ରାୟ, ଝିଅ ଭବ ପ୍ରିୟଦର୍ଶୀନୀ, ନାତି ଗୁରୁ ବିକ୍ରମାଦିତ୍ୟ, ସଦସ୍ୟା ଜଷ୍ଟିସ ଇନ୍ଦରମୀତ କୌର୍ କୋଚର, ତାଙ୍କ ସ୍ୱାମୀ ଜଷ୍ଟିସ ଏ. କେ. ପାଠକ, ହିସାବ କାରକ ଏ.କେ. ସିଂହ, ଆସେସାର କୃଷ୍ଣନୁନ୍ନି ଏନ.ଏମ., ରେଜିଷ୍ଟ୍ରର ଚନ୍ଦନ ମୁଖାର୍ଜୀ, ସୁରକ୍ଷା ଅଧିକାରୀ ଅନିଲ ଦତ୍ତ ଶର୍ମା, ସୁଜିତ କୁମାର ଗିରି, ବିଭାଗ ଅଧିକାରୀ ମନୋଜ କୁମାର ପ୍ରମୁଖ ଏହି ଟିମରେ ଆସୁଛନ୍ତି। ଏହି ଗସ୍ତ ଏକ ଘରୋଇ ପିକନିକ ବୋଲି ବୈଠକରେ ମତ ପ୍ରକାଶ ପାଇବା ସହ ନାନା ପ୍ରଶ୍ନ ଉଠାଯାଇଛି?

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ

କଟକ, ୨୫।୨ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ସମଗ୍ର ରାଜ୍ୟର ୪୬୨ଟି କେନ୍ଦ୍ରରେ ଏହି ପରୀକ୍ଷା ଜାନୁଆରୀ ୨୮ରେ ଅନୁଷ୍ଠିତ ହୋଇଥିଲା। ମୋଟ ୭୭୬୪୪ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ଷ୍ଟେଜ-୧ରେ ୬ଷ୍ଠ ଶ୍ରେଣୀର ୪୧,୧୧୪ ଜଣ ଓ ଷ୍ଟେଜ-୨ରେ ନବମ ଶ୍ରେଣୀର ୩୬,୫୩୦ ଜଣ ପରୀକ୍ଷାର୍ଥୀ ଅଛନ୍ତି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବସାଇଟ୍ www.bseodisha.ac.inରେ ନିଜ ରୋଲ ନମ୍ବର ଜରିଆରେ ଫଳ ଜାଣିପାରିବେ।




# ଝଡ଼ବର୍ଷା: ୨୩ ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୨୫।୨ (ଅନୁରାଧା ମହାରଣା)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଥିବା ଘୂର୍ଣ୍ଣିବଳୟ ୧.୫ କିଲୋମିଟର ପର୍ଯ୍ୟନ୍ତ ଉପରକୁ ବିସ୍ତାରିତ ହୋଇ ରହିଛି। ଏହା ପୂର୍ବଦିଗରେ ଗତି କରି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବୁଧବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଗୁରୁବାର ୨୩ ଜିଲାରେ ଝଡ଼ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହିଛି। ୱାର୍ନିଂ ଜାରି ହୋଇଥିବା ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଓ ଢେଙ୍କାନାଳ ରହିଛି।

## ପ୍ରଥମ ପୃଷ୍ଠାରୁ

### ସମସ୍ୟା ବୃଦ୍ଧି...

ଚାଲିବ। ବଳକା ଚାଉଳର ଉପଯୋଗ ବିଷୟ ସରକାରଙ୍କ ବିଚାରାଧୀନ ରହିଥିବା ମନ୍ତ୍ରୀ କହିଛନ୍ତି।

ଉଲ୍ଲେଖ କରାଯାଇପାରେ, ଚାଷୀଙ୍କ ଠାରୁ ଧାନକିଣା ସମୟରେ ଯେତେବେଳେ ସମସ୍ୟା ହେଲା ସେହି ସମୟରେ ମିଲରଙ୍କ ପକ୍ଷରୁ ମଧ ବିଭିନ୍ନ ଅଭିଯୋଗ ଉଠାଯାଇଥିଲା। ମିଲରମାନେ କିଛି ଦାବି ନେଇ ଧାନ ଉଠାଇବାକୁ ପ୍ରଥମେ ରାଜି ହୋଇ ନ ଥିଲେ। ପୂର୍ବରୁ ସେମାନଙ୍କ ମିଲ୍‌ରେ ପଡ଼ି ରହିଥିବା ଧାନ ଖାଲି ହୋଇ ନ ଥିବା ଯୋଗୁ ସେମାନେ ଧାନ ଉଠାଇବାକୁ ଆଉ ରାଜି ହୋଇ ନ ଥିଲେ। ଏହାସହ ଅନ୍ୟ ରାଜ୍ୟ ତୁଳନାରେ ସେମାନଙ୍କୁ ସରକାର ଦେଉଥିବା ମିଲିଂ ଚାର୍ଜ ବୃଦ୍ଧି ପାଇଁ ମଧ ସେମାନେ ଦାବି କରିଥିଲେ, ଯାହାକୁ ନେଇ ମିଲର ଆସୋସିଏସନ ଏବଂ ସରକାରଙ୍କ ମଧ୍ୟରେ ବାରମ୍ବାର ବୈଠକ ବସିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଏହି ସମୟରେ ଶାସକ ଦଳ ପକ୍ଷରୁ ଦାବି କରାଯାଇଥିଲା, ଯେହେତୁ ଭାଜପା ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩,୧୦୦ ଟଙ୍କାକୁ ବୃଦ୍ଧି କରିଦେଲେ ସେଥିଲାଗି ରାଜ୍ୟର ସବୁଆଡ଼େ ଅନ୍ୟ ଚାଷ ଅପେକ୍ଷା ସମସ୍ତେ ଧାନ ଉତ୍ପାଦନ କରିବାକୁ ଚାହିଁଲେ; ଯେଉଁଥିଲାଗି ଧାନ ଫସଲ ବିଗତ ଦିନଗୁଡ଼ିକ ଅପେକ୍ଷା ଏଥର ବହୁ ଅଧିକ ହେଲା। ଏଭଳି ସ୍ଥଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ବଜେଟ ଉପସ୍ଥାପନା କରିବା ସମୟରେ ୨ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଚାଷୀଙ୍କୁ ସେମାନଙ୍କ ସମୟୋଚିତ ପାଉଣା ପୈଠକରିବା ଲାଗି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବାର ପ୍ରସ୍ତାବ ଅଛି। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ଲାଗି ପ୍ରସ୍ତାବ ରହିଛି।

### ମାଓବାଦୀଙ୍କୁ...

ପଦାକୁ ଆସିଛି। ଅନ୍ୱେଷ ଆତ୍ମସମର୍ପଣ କରିବାକୁ ଚାହୁଁଥିବାରୁ ହତ୍ୟାର ଶିକାର ହୋଇଛନ୍ତି। ଏହି ଘଟଣା ପରେ ଶୁକ୍ରୁ ଏବେ ପୋଲିସର ମୋଷ୍ଟ ୱାଣ୍ଟେଡ୍‌ଙ୍କ ତାଲିକାର ଆଗରେ ରହିଛନ୍ତି।

ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ କୁଟିମାହା ଗ୍ରାମ ନିକଟ ପକାରୀ ସଂରକ୍ଷିତ ଜଙ୍ଗଲରୁ ମାଓବାଦୀ ଅନ୍ୱେଷଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି।କେକେବିଏନ୍ ଡିଭିଜନାଲ କମିଟି ସଦସ୍ୟ ଅନ୍ୱେଷ ଏବଂ ତାଙ୍କର କେତେଜଣ ସହଯୋଗୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବାକୁ ଉଦ୍ୟମ କରୁଥିଲେ। ଏହାକୁ ସଙ୍ଗଠନ ନେତୃତ୍ୱ ନେଉଥିବା ଷ୍ଟେଟ କମିଟି ମେମ୍ବର ଶୁକ୍ରୁ ବିରୋଧ କରୁଥିଲେ।ବର୍ତ୍ତମାନ ସ୍ଥିତି ଭଲ ନ ଥିବା ଅନ୍ୱେଷ ବାରମ୍ବାର କହୁଥିଲେ ସୁଦ୍ଧା ଶୁକ୍ରୁ ଶୁଣୁ ନ ଥିଲେ।ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଗତ ଜାନୁୟାରୀ ୨୯ରେ ଶୁକ୍ରୁ ଏବଂ ତାଙ୍କର କେତେଜଣ ସାଥୀ ମିଶି ଅନ୍ୱେଷଙ୍କୁ ହତ୍ୟା କରି ପୋତି ଦେଇଥିଲେ। ଗତ ୨୩ ତାରିଖରେ ପୋଲିସ ସହ ମୁହାଁମୁହିଁ ବେଳେ ନିହତ ହୋଇଥିବା ଜାଗେଶ ମଧ ଶୁକ୍ରୁଙ୍କ ସହ ମିଶି ଏହି କାଣ୍ଡ କରିଥିଲେ ବୋଲି କନ୍ଧମାଳ ଏସ୍‌ପି ହରିଶ ବି.ସି. ପ୍ରକାଶ କରିଛନ୍ତି।ଅନ୍ୱେଷଙ୍କୁ ସଙ୍ଗଠନ ମଧ୍ୟରେ ହତ୍ୟା କରାଯିବା ପରେ ଯେଉଁମାନେ ଆତ୍ମସମର୍ପଣ କରିବାକୁ ଚାହୁଁଥିଲେ, ସେମାନଙ୍କ ମଧ୍ୟରେ ଏବେ ଭୟ ପଶିଯାଇଛି। ଅନ୍ୟପକ୍ଷରେ ଅନେକ ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଶୁକ୍ରୁଙ୍କୁ ଧରିବା ପାଇଁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।ଅନ୍ୱେଷଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ଏ ନେଇ ଦାରିଙ୍ଗିବାଡି ଥାନାରେ ନଂ.୫୮/୨୬ରେ ହତ୍ୟା ମାମଲା ରୁଜୁ ହୋଇଛି।



ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା

-ଫଗୁ ଦଶମୀ, ସୁଦଶାବ୍ରତ ଓ ଶ୍ରୀଜୀଉଙ୍କ ଚାଚେରୀ ବେଶ



# କ୍ଷମତା ନିୟନ୍ତ୍ରଣର ଯୁଗ



ଦେବଦତ୍ତ ପଟ୍ଟନାୟକ

ଶିକ୍ଷାବିତ୍‌ଙ୍କ ବାସ୍ତବ ତଥ୍ୟ ଓ ରାଜନେତାଙ୍କ ବିଚାରର ଦ୍ୱନ୍ଦ୍ୱ ମଧ୍ୟରୁ କେଉଁଟିକୁ ପସନ୍ଦ କରିବ ବୋଲି ଭାରତ ଯେଭଳି ଜଟିଳତାର ସମ୍ମୁଖୀନ ହୋଇଛି ଚାଇନା ମଧ୍ୟ ସେହିଭଳି ସ୍ଥିତିକୁ ସାମ୍ନା କରିଛି। କିନ୍ତୁ ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ଭାରତର ଇତିହାସ ବିବିଧତା ଉପରେ ଅଧାରିତ ଥିବାବେଳେ ଚାଇନାର ଇତିହାସ ହେଉଛି ଏକତାର ସମ୍ଭାର। ଭାରତରେ ଆନ୍ତଃଜାତି ବିବାହକୁ ବିଶ୍ୱାସ କରୁଥିବା ଅନେକ ଶହ ଜାତି ଅଛନ୍ତି। କର୍ମ ଓ ବର୍ଣ୍ଣ ଅନୁଯାୟୀ ସେମାନଙ୍କୁ ଚାରି ଭାଗରେ ବିଭକ୍ତ କରାଯାଇଛି। ଏଥିରେ ଆଉ କୌଣସି ନୂଆ ଜାତି ଯୋଡ଼ି ହୋଇନାହିଁ। ଏହିସବୁ ଜାତି ମଧ୍ୟରେ ବିଶ୍ୱାସ ରହିଛି ଯେ, ଜାତି ବାହାରେ ବିବାହ କରିବା ଏକ ଅପବିତ୍ର କାର୍ଯ୍ୟ। ପୁରାତନ ଯୁଗରେ ବୌଦ୍ଧ ଧର୍ମକୁ ଏକ ଧର୍ମ ଭାବେ ଗଣାଯିବା ପୂର୍ବରୁ ଅଧିକାଂଶ ଲୋକ, ଯେଉଁମାନେ ବୁଦ୍ଧଙ୍କୁ ଓ ବୌଦ୍ଧ ଧର୍ମର ବ୍ୟବସ୍ଥାକୁ ଗ୍ରହଣ କରୁଥିଲେ , ସେମାନେ ସେମାନଙ୍କ ଜାତି ପ୍ରତି ଅନୁରକ୍ତ ଥିଲେ। ତେବେ ବୌଦ୍ଧ ବିଚାରଧାରା ପରବର୍ତ୍ତୀ ସମୟରେ ଏକ ଧର୍ମ ଭାବେ ପରିପ୍ରକାଶ ହୋଇଥିଲା।

ବୌଦ୍ଧଧର୍ମ ଚାଇନାରେ ଯେତେବେଳେ ପ୍ରବେଶ କରିଥିଲା ସେତେବେଳେ ଚାଇନା ତାଓିଷ୍ଟ ଓ କନ୍‌ଫ୍ୟୁସିଆନ ସିଦ୍ଧାନ୍ତ ଆଧାରରେ ଚାଲୁଥିଲା। ସେ ସମୟରେ ଚାଇନାର ଆଧ୍ୟାତ୍ମିକ ବା ଦାର୍ଶନିକ ପଥ ପ୍ରତି ବୌଦ୍ଧଧର୍ମ ଏକ ଆହ୍ୱାନକାରୀ ଶକ୍ତି ଭାବେ ଉଭା ହୋଇଥିଲା। ହେଲେ ଧୀରେ ଧୀରେ ବୌଦ୍ଧ ବିଚାରଧାରାକୁ ଚାଇନା ଗ୍ରହଣ କରିଥିଲା। ତେବେ ଚାଇନାରେ ହାନ୍ ସିଦ୍ଧାନ୍ତ ଅଧିକ ଗ୍ରହଣୀୟ ହୋଇଛି। ଚାଇନା ଦର୍ଶନର ସଂସ୍କୃତିଗତ ଗ୍ରହଣୀୟତାକୁ ଆଧାର କରି ଗଢ଼ିଉଠିଥିବା ହାନ୍ ସିଦ୍ଧାନ୍ତ ସାମାଜିକ ବ୍ୟବସ୍ଥାର ଅଂଶ ପାଲଟିଯାଇଛି। ଏପରିକି ଚାଇନାକୁ ଶାସନ କରିଥିବା ମଙ୍ଗୋଲୀୟ ଓ ମାଞ୍ଚୁରୀୟ, ଉତ୍ତରଭାଗର ଯାଯାବର ସମୁଦାୟ ସମୟକ୍ରମେ ହାନ୍ ବିଚାରଧାରାକୁ ଗ୍ରହଣ କରିଯାଇଥିଲେ। ଏବେ ଚାଇନାର ୯୦% ଲୋକ ହାନ୍ ସିଦ୍ଧାନ୍ତକୁ ମାନିନେଇଛନ୍ତି। ହେଲେ ତିବ୍ବତର ବୌଦ୍ଧଧର୍ମାବଲମ୍ବୀ ଓ ଉଇଘରର ମୁସଲମାନମାନେ ଏହି ଦର୍ଶନକୁ ଗ୍ରହଣ କରିନାହାନ୍ତି, ଯେଉଁଥିପାଇଁ ରାଜନୈତିକ ସ୍ତରରେ ସେମାନଙ୍କୁ ଏକ ବିପଦ ବୋଲି ମନେକରାଯାଉଛି।

ଚାଇନାର ଇତିହାସକୁ ବୁଝିବାକୁ ହେଲେ ଏହାର କ୍ଷମତା, ଅବିଶ୍ୱାସ ମାନସିକତା, ପତନ ତଥା ପୁନରାବୃତ୍ତିର ଏକ ଚକ୍ରକୁ ବଝିବାକୁ ପଡ଼ିବ। ଅନେକ ଶତାବ୍ଦୀ ଧରି କନ୍‌ଫୁସିୟସ ଦର୍ଶନର ସମ୍ପର୍କବାଦ ଏବଂ ବିଧିବାଦୀ ଯୋଗ୍ୟତାବାଦ ମଧ୍ୟରେ ଚାଇନା ଲଗାତର ଆଗପଛ ହୋଇ ଚାଲିଆସିଛି। ଚାଇନା ଇତିହାସରେ ୩,୦୦୦ରୁ ଉର୍ଦ୍ଧ୍ୱ ଏକ ଡଜନରୁ ଅଧିକ ରାଜବଂଶ ଶାସନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ପ୍ରତ୍ୟେକେ ଅନ୍ୟଠାରୁ ନିଜକୁ ନିଆରା ବୋଲି ଦାବି କରନ୍ତି, ହେଲେ କାହାଣୀ ସବୁବେଳେ ସମାନ ହୋଇଛି। ନୂଆ ସମ୍ରାଟ ଆସିଛନ୍ତି, କିନ୍ତୁ ଏକାପ୍ରକାର ଏକଚ୍ଛତ୍ରବାଦ ଆପଣାଇଛନ୍ତି। ଶାସନରେ ନୂଆ ପତାକା



ହୋଇଛି, ହେଲେ ସମାନ ପ୍ରକାର ଭୟ ରହିଛି। ଗୋଟିଏ ରାଜବଂଶର ପତନ ଘଟିଛି ଏବଂ ପୁନର୍ବାର ଏକ ନୂଆ ଜାତି, ନୂଆ ପ୍ରଥାକୁ ନେଇ ଆଉ ଏକ ରାଜବଂଶର ଉତ୍‌ଥାନ ଆରମ୍ଭ ହୋଇଛି। ରାଜବଂଶ ଶାସନର ଅଧ୍ୟାୟରେ କେବେ ବି ପରିବର୍ତ୍ତନ ଘଟିନାହିଁ। କୃଷକମାନେ ଭୋକରେ ମୃତ୍ୟୁବରଣ କରୁଥିବାବେଳେ ଶାସକମାନେ ବିଳାସରେ ସମୟ କାଟନ୍ତି। ପରେ ଏଭଳି ସ୍ଥିତିକୁ ନେଇ ବିଦ୍ରୋହ ତେଜିବା ଅପରିହାର୍ଯ୍ୟ ହୋଇପଡ଼େ। ବିଦ୍ରୋହରୁ ପରିବର୍ତ୍ତନର ଧାରା ଆସେ। ଦାବି କରାଯାଏ ଯେ,'ସ୍ୱର୍ଗର ଦେବଶକ୍ତି' ତାଙ୍କୁ ଶାସକ ଭାବେ ବାଛିଛି ଏବଂ ସେ ପୁରୁଣା ସମ୍ରାଟଙ୍କୁ ହତ୍ୟା କରି ସିଂହାସନ ଦଖଲ କରନ୍ତି । ନିଜକୁ ସ୍ୱର୍ଗର ପୁତ୍ର ବୋଲି ଘୋଷଣା କରନ୍ତି। ଗୋଟିଏ କିମ୍ବା ଦୁଇଟି ପିଢ଼ି ପାଇଁ ଏଭଳି ବ୍ୟବସ୍ଥା ଜାରି ରହେ। ତା'ପରେ ଆସିଯାଏ ବନ୍ୟା, ଦୁର୍ଭିକ୍ଷର ପ୍ରଭାବ ଏବଂ ଟିକସ ଚାପ। ସମ୍ରାଟଙ୍କ କ୍ଷମତା ବଢ଼େ ଏବଂ କୃଷକ ହତାଶ ହୋଇଯାଏ। ସମୟକ୍ରମେ ସାମ୍ରାଜ୍ୟ ଭୁଶୁଡ଼ି ପଡ଼େ ଏବଂ ଆଉ ଏକ ପର୍ଯ୍ୟାୟ ଆରମ୍ଭର ସଙ୍କେତ ଦିଏ। ଅବଶ୍ୟ ଏହା ହେଉଛି ନିଶ୍ଚିତ ରୂପେ ଏକ ନିରାଶାବାଦୀ ଦୃଷ୍ଟିକୋଣ।

ପ୍ରତ୍ୟେକ ରାଜବଂଶ ଏକଚ୍ଛତ୍ରବାଦକୁ ନୂଆ ରୂପ ଦେଇଛନ୍ତି। କିନ୍ ରାଜବଂଶ ବିଧିବାଦ ଅର୍ଥାତ କଠୋର ଆଇନକୁ ଉପଯୋଗ କରିଥିଲା, ଯାହାର ସାମାଜିକ, ଭାବଗତ କିମ୍ବା ବୃତ୍ତିଗତ ପରିଣାମ ଅତ୍ୟନ୍ତ ଭୟଙ୍କର ଥିଲା। ହାନ୍ ବଂଶ ରାଜତ୍ୱ ସମୟରେ କନ୍‌ଫୁସିୟସ ବିଚାରରେ ଏକଚ୍ଛତ୍ରବାଦକୁ ଆପଣାଇଥିଲା। ସେ ସମୟର ସିଭିଲ ସର୍ଭିସ ପରୀକ୍ଷା ହେଉଛି ୨୦୦୦ ବର୍ଷର ଏକ ପୁରୁଣା ବ୍ୟବସ୍ଥା। ଟାଙ୍ଗ ବଂଶର ଶାସନ ସମୟରେ କାବ୍ୟର ବିକାଶ ହେବା ସହ ପ୍ରାସାଦରେ ହତ୍ୟା ଲାଗି ବେଶ୍ ଜଣାଶୁଣା। ସୋଙ୍ଗ୍ ବଂଶ ରାଜତ୍ୱ କାଳ ଆର୍ଥିକ ସମୃଦ୍ଧିର ସୁବର୍ଣ୍ଣ ଯୁଗ ହେଲେ ମଧ୍ୟ ନିଜକୁ ରକ୍ଷା କରିପାରି ନ ଥିଲା। ୟୁଆନ କହିଲେ ବିଦେଶୀ ମଙ୍ଗୋଲ ଶାସକଙ୍କ ସମୟକୁ ବୁଝାଏ, ଯେଉଁମାନେ ଚାଇନାର ଲମ୍ବା ପୋଷାକ ପରିଧାନ କରୁଥିଲେ। ମିଙ୍ଗ୍ ବଂଶ ରାଜତ୍ୱରେ ୱାଲ ନିର୍ମାଣ କରାଯିବା ସହ ସମୁଦ୍ର ପଥରେ ଜାହାଜ ପୋଡ଼ିଥିଲେ, ଯାହା ବିଦେଶୀଙ୍କୁ ଘୃଣା କରିବାର ଏକ ବଡ଼ ଦୃଷ୍ଟାନ୍ତ। କ୍ୱିଙ୍ଗ୍ ଶାସନରେ ପୁରୁଷଙ୍କୁ କପାଳ ସାମ୍ନା ଲଣ୍ଡା ହୋଇ ପଛରେ ଜଟ ଭଳି ଚୁଟି ରଖିବାକୁ ବାଧ୍ୟ କରାଯାଇଥିଲା ଏବଂ ନିଜର ବିଫଳତା ଯୋଗୁ ଏହି ରାଜବଂଶର ଅଧପତନ ଘଟିଥିଲା। ଦେଖିବାକୁ ଗଲେ ଚାଇନାରେ ପ୍ରତ୍ୟେକ ରାଜବଂଶର ପତନର କାହାଣୀ ସମାନ ରହିଛି। ଜଣେ ଐତିହାସିକଙ୍କ ମତରେ, ଚାଇନାରେ ସଭ୍ୟତା କମ୍ ଏବଂ ନିଜ ସ୍ୱାର୍ଥ ପାଇଁ ଲୋକଙ୍କୁ ନିୟନ୍ତ୍ରଣ କରୁଥିବା ଲୋକଙ୍କ ଦ୍ୱାରା ଏହା ଚାଲିଆସିଛି।

ରାଜବଂଶ ଶାସନ ବଡ଼ ଆକାରରେ ଆରମ୍ଭ ହୋଇଥିଲେ ମଧ୍ୟ ଗ୍ରହଣୀୟ ହୋଇନାହିଁ, କ୍ଷମତା ଭୁଶୁଡ଼ି ପଡ଼ିଛି। ତଥାପି ଶାସନ ସବୁବେଳେ ଲୋକଙ୍କୁ ଖାଦ୍ୟ ଯୋଗାଇବା ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଛି। ସବୁ ଆହ୍ୱାନର ସମ୍ମୁଖୀନ ହୋଇ ଆଗକୁ ବଢ଼ିଛି। ଏହି ଦେଶ ପ୍ରତିଯୋଗିତାରେ ବିଜୟୀ ହୋଇଛି। ୫୦୦ ବର୍ଷର ଲଗାତର ଯୁଦ୍ଧ ପରେ ଏହି ଦେଶର ଅସ୍ତିତ୍ୱ ଆଜକୁ ୨୨୦୦ ବର୍ଷ ତଳେ ସାମ୍ନାକୁ ଆସିଥିଲା ଏବଂ ରକ୍ଷକର ଭୂମିକା ନିଭାଇଥିଲା, ଯାହା ଏବେ ସୁଦ୍ଧା ରହିଆସିଛି। ତେବେ ବିଂଶ ଶତାବ୍ଦୀରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ସେହି ବ୍ୟବସ୍ଥା ପୁନରାବୃତ୍ତି ପାଇଁ ପଦକ୍ଷେପ ନେଇଥିଲା। ସେମାନେ ରାଜବଂଶ ଶାସନକୁ ନ ହଟାଇ କେବଳ ଏହାର ପୁନଃନାମକରଣ କରି ପରିବର୍ତ୍ତନ କରିଥିଲେ। ରାଜକୀୟ ଆଦେଶ ବଦଳରେ ପାର୍ଟି ନିର୍ଦ୍ଦେଶ ପ୍ରଚଳନ ହୋଇଛି। 'ସ୍ୱର୍ଗର ଦେବତାଙ୍କ ପ୍ରେରିତ ଶାସକ'ର ସିଦ୍ଧାନ୍ତ ବଦଳରେ ଏବେ ଚାଇନିଜଙ୍କ ପ୍ରବୃତ୍ତିରେ ସମାଜବାଦ କିମ୍ବା ପୁଞ୍ଜିବାଦ ବସା ବାନ୍ଧିଛି। ଚାଇନା ଏବେ ସୁଦ୍ଧା ଏକ ଦଳୀୟ ଶାସନ ବ୍ୟବସ୍ଥାରେ ରହିଛି। କିନ୍ତୁ ଏକ ବଡ଼ ପରିବର୍ତ୍ତନ ଘଟିଥିଲା। ଅନେକ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲେ ବି ଖୁବ୍ କମ୍ ସମୟ ମଧ୍ୟରେ ସଂଖ୍ୟାଧିକ ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଥିଲେ, ଯାହା ଏକ ଉଲ୍ଲେଖନୀୟ ସଫଳତା ହୋଇ ରହିଛି।

୩,୦୦୦ ବର୍ଷ ପୂର୍ବେ, ସ୍ୱର୍ଗର ଶକ୍ତି ନାମରେ ଚାଇନାରେ କ୍ଷମତା ଦଖଲ କରାଯିବା ଦେଖାଯାଇଛି। ସ୍ଥାୟିତ୍ୱ ବଦଳରେ ଭୟ ରହିଥିଲା। ଲୋଭ ଏବଂ ଦୁର୍ନୀତି ଯୋଗୁ ଶାସନ ଭୁଶୁଡ଼ି ପଡ଼ିଥିଲା। ରାଜବଂଶ ପରେ ରାଜବଂଶ, ପାର୍ଟି ପରେ ପାର୍ଟି କ୍ଷେତ୍ରରେ ଏହା ଘଟିଛି। ଚାଇନାର ଇତିହାସ ଜ୍ଞାନର ଏକ ନଦୀ ନୁହେଁ, ବରଂ ଏହା ହେଉଛି କ୍ଷମତା ନିୟନ୍ତ୍ରଣର ଏକ ଚକ୍ର। କେବଳ ରାଜବଂଶ ଶାସନ ସମୟରେ ଅଧିକ ଟିକସ, ବନ୍ୟା ଓ ଯୁଦ୍ଧ ସହୁଥିବା କୃଷକଙ୍କ ନିର୍ଯ୍ୟାତନା ସ୍ଥାୟୀ ଭାବେ ରହିଆସିଛି। ଏହି ଦୀର୍ଘ କାହାଣୀରୁ ଯେଉଁ ଗୋଟିଏ ଶିକ୍ଷା ମିଳିଛି ତାହା ହେଉଛି ନାମାନୁସାରେ ଶାସନ ବଦଳିଛି, କିନ୍ତୁ ଘଟଣାଚକ୍ରର ପୁନରାବୃତ୍ତି ଜାରି ରହିଛି। ଯଦି ପ୍ରାସାଦରେ ଜନ୍ମ ହୋଇଛନ୍ତି ତୁମେ ମହାନ, ଯଦି କୃଷକ ଭାବେ ଜନ୍ମ ହୋଇଛନ୍ତି ତେବେ ତୁମେ ତାହା ନୁହେଁ। ଭାରତ ସମ୍ପର୍କରେ ଜଣେ ଏହି ସମାନ କଥା କହିପାରନ୍ତି, ଯେଉଁଠି ସବର୍ଣ୍ଣ ଜନ୍ମିତ ଶୋଷକ ଥିବାବେଳେ ଶୋଷିତ ଅସବର୍ଣ୍ଣ ଅଛନ୍ତି।

-devduttofficial@gmail.com

## ଏଇ ଭାରତରେ

କର୍ଣ୍ଣାଟକର ଗ୍ରାମାଞ୍ଚଳ ପିଲାଙ୍କୁ ସ୍ମାର୍ଟ ଶିକ୍ଷା ଦେବା ପାଇଁ ଏକ ଅଭିନବ ଉପାୟ ଆପଣାଇଛନ୍ତି ଅକ୍ଷୟ ମାଶେଲ୍‌କର। ସେ ଏଥିପାଇଁ ଏକ ରୋବୋ ନିର୍ମାଣ କରିଛନ୍ତି। ଏପରି ରୋବୋ ଏବେ ପାଠ ପଢ଼ାଉଛି କର୍ନାଟକର ସିର୍‌ଶି ଗାଁରେ। ରୋବୋ ଶିକ୍ଷକ ମଣିଷଙ୍କ ଭଳି ପଢ଼ାଇପାରୁଛି। ୩୦ ବର୍ଷିଆ ଅକ୍ଷୟ କୋଭିଡ୍ ମହାମାରୀ ସମୟରେ ଏହି ରୋବୋ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁଯାୟୀ ଯୋଜନା ପ୍ରସ୍ତୁତ କରିଥିଲେ। ୨୦୨୨ରେ ସେ ତାଙ୍କ ଯୋଜନାକୁ ବାସ୍ତବରୂପ ଦେଇପାରିଥିଲେ। ଏହି ରୋବୋ ଶିକ୍ଷକର ନାମ ଶିଖା। ସେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ କନ୍ନଡ ଓ ଇଂଲିଶ୍‌ରେ ପଢ଼ାଇପାରୁଛି। ଶିଖା ରାଇମ୍ ମଧ୍ୟ ଗାଉଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ରୋବୋ ତିଆରିରେ ସେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ଏହା ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୧୮ ମାସ ସମୟ ଲାଗିଯାଇଥିଲା। ଏବେ ସେ ପ୍ରାୟ ୩୫,୦୦୦ ଟଙ୍କାରେ ଅନ୍ୟ ଏକ 'ଶିଖା' ତିଆରି କରିବାକୁ ମନସ୍ଥ କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲ୍‌ରେ ପିଲା ସ୍ମାର୍ଟ ଶିକ୍ଷା ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟଙ୍କ ନିକଟରୁ ପିଲାମାନେ ରୋବୋଟିକ୍ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ପାଇ ରୋବୋ ନିର୍ମାଣ କରିପାରୁଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିବାରେ ସକ୍ଷମ ହୋଇଗଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ଫେବୃଆରୀ ୧୯୭୭

- ରାଜ୍ୟରେ କୃଷି ଶିଳ୍ପର ବିକାଶ ଲାଗି ବିଶ୍ୱବ୍ୟାଙ୍କ ୨୦ ନିୟୁତ ଡଲାର ମଞ୍ଜୁର କରିଛନ୍ତି।
- ହରିଆଣା ବିଧାନସଭା ସଭ୍ୟ ରୁଳିଆ ରାମ କଂଗ୍ରେସ ଦଳରୁ ଇସ୍ତଫା ଦେଇ ଗଣତାନ୍ତ୍ରିକ କଂଗ୍ରେସରେ ଯୋଗ ଦେଇଛନ୍ତି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 8 | | | | 2 | 4 | 5 |
| | | | | | | | | |
| | 7 | | | 2 | 4 | 3 | | |
| | | | 2 | | | 5 | 9 | |
| | 2 | | 7 | | 9 | 8 | | |
| | | 1 | | | 3 | 7 | 2 | |
| 4 | 6 | 2 | 1 | 3 | 5 | | 8 | |
| 8 | 1 | | | | | | | 2 |
| | 3 | 9 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 9 | 6 | 2 | 4 | 3 | 8 | 1 |
| 6 | 1 | 8 | 9 | 7 | 3 | 4 | 5 | 2 |
| 2 | 4 | 3 | 8 | 1 | 5 | 6 | 7 | 9 |
| 3 | 9 | 4 | 1 | 8 | 6 | 5 | 2 | 7 |
| 7 | 2 | 6 | 4 | 5 | 9 | 8 | 1 | 3 |
| 1 | 8 | 5 | 7 | 3 | 2 | 9 | 4 | 6 |
| 4 | 5 | 2 | 3 | 9 | 1 | 7 | 6 | 8 |
| 9 | 6 | 7 | 2 | 4 | 8 | 1 | 3 | 5 |
| 8 | 3 | 1 | 5 | 6 | 7 | 2 | 9 | 4 |

ଗତକାଲିର ଉତ୍ତର

# ସାମାଜିକ ନ୍ୟାୟ ସଙ୍କଳ୍ପ



ଅଧ୍ୟାପକ ଗୋପବନ୍ଧୁ

ଓଡ଼ିଶା ଏପରି ଏକ ରାଜ୍ୟ, ଯେଉଁଠାରେ ସର୍ବାଧିକ ଅନଗ୍ରସର ବର୍ଗର ଲୋକ ବସବାସ କରନ୍ତି। ଯେଉଁଠାରେ ଶତାଂଶ ଦୃଷ୍ଟିରୁ ମିଳିତ ଭାବେ ଭାରତବର୍ଷର ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ଏବଂ ଓବିସିମାନେ ବସବାସ କରନ୍ତି। ଆଉ କେଉଁ ରାଜ୍ୟରେ ଏମାନେ ଏତେ ସଂଖ୍ୟାରେ ନାହାନ୍ତି। ଯେଉଁଥିରେ ଏସ୍‌ଟିଙ୍କ ସଂଖ୍ୟା ଶତକଡା ୨୨.୮୫ ଭାଗ ଓ ଏସ୍‌ସିଙ୍କ ସଂଖ୍ୟା ଶତକଡା ୧୭.୧୩ ଭାଗ ୨୦୧୧ ମସିହାର ଜନଗଣନା ଅନୁଯାୟୀ। ଏମାନଙ୍କ ସମୁଦାୟ ସଂଖ୍ୟା ଶତକଡା ୪୦ ଭାଗ। କୁହାଯାଉଛି ଏ ସଂଖ୍ୟା ଏବେ ଆହୁରି ବଢ଼ିଛି। ରାଜ୍ୟରେ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡା ୫୪ ଭାଗ ୧୯୩୧ ମସିହା ଜନଗଣନା ଅନୁଯାୟୀ। ତେବେ ୨୦୨୩ ମସିହା ସର୍ଭେ ଅନୁଯାୟୀ ଏସ୍‌ଇବିସିଙ୍କ ସଂଖ୍ୟା ୩୯.୩୧%। ୧୯୩୧ର ଓବିସି ସଂଖ୍ୟାକୁ ମିଶାଇଲେ ସମୁଦାୟ ସଂଖ୍ୟା ଶତକଡା ୯୪ ଭାଗ ଓ ୨୦୨୩ର ରିପୋର୍ଟକୁ ନେଲେ ଏହା ପାଖାପାଖି ଶତକଡା ୯୦ ଭାଗ ହେବ। ଏମାନେ ଏତେସଂଖ୍ୟାରେ ଥିଲେହେଁ ରାଜ୍ୟର ସମସ୍ତ କ୍ଷେତ୍ରରେ ନିଜର ସମାନୁପାତିକ ଅଧିକାର ହାସଲ କରିପାରିନାହାନ୍ତି।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆଯାଉଥିଲା, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ସଂରକ୍ଷଣ ମିଳିବା କଥା। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲ ଭିତରେ ବନ୍ଧା ହୋଇ ରହିଲା, କର୍ଯ୍ୟକାରୀ ହୋଇପାରିଲା ନାହିଁ। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମ୍‌ବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୦୦୦ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏ ହରାଉଛନ୍ତି ତାହାର ହିସାବ ହେବା ଉଚିତ। ଏପରି ଉଦାସୀନତାର ତର୍ଜମା ହେବା ଜରୁରୀ।

ରାଜ୍ୟରେ ଓବିସି/ଏସ୍‌ଇବିସିଙ୍କ ଅବସ୍ଥା ଆହୁରି ସଙ୍ଗିନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ। ଓଡ଼ିଶାରେ ୨୦୨୩ ସର୍ଭେ ଅନୁଯାୟୀ ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୩୯.୩୧ ଭାଗ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଛି କେବଳ ଚାକିରି କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ ଏ ସୁବିଧା ରାଜ୍ୟ ସରକାର ଦେଇ ନଥିଲେ। ମଣ୍ଡଳ କମିଶନଙ୍କ ସୁପାରିସ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ପାଇବା କଥା, ତାହା ଦେବା ପାଇଁ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇନାହାନ୍ତି। ରାଜ୍ୟରେ ଚାକିରି କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନ ଦେଇ



ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରି ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହଜାର ଏମ୍‌ବିବିଏସ୍ ଆସନ ହରାଇଲେଣି। ଗତବର୍ଷ ଏ କ୍ଷେତ୍ରରେ ପ୍ରାୟ ୭୦୦ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ କେତେ ଆସନ ହରାଇଛନ୍ତି ତାହାର ହିସାବ ଜରୁରୀ।

ରାଜ୍ୟରେ ଭାଜପା ସରକାର ଗଠିତ ହେବା ପରେ ଏ ଦିଗରେ ଆଶାର ସଞ୍ଚାର ହୋଇଛି। ସମ୍ବିଧାନସମ୍ମତ ଭାବେ ଏହି ବର୍ଗର ଲୋକମାନଙ୍କୁ ବର୍ଦ୍ଧିତ ସଂରକ୍ଷଣ ସୁବିଧା ଦେବା ଦିଗରେ ପଦକ୍ଷେପ ନେଉଛନ୍ତି। ପୂର୍ବରୁ ସେ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ଅଧ୍ୟୟନ ପାଇଁ ଅନୁସୂଚିତ ଜାତି ଓ ଜନଜାତିର ସଂରକ୍ଷଣ ହାରକୁ ୨୦%ରୁ ବଢ଼ାଇ ୩୮.୭୫% କରିଛନ୍ତି ଏବଂ ଏସ୍‌ଇବିସିଙ୍କ ପାଇଁ ସଂରକ୍ଷଣ ହାର ୧୧.୨୫% କରିଛନ୍ତି। ପୂର୍ବରୁ ଏସ୍‌ଇବିସିଙ୍କ ପାଇଁ ସାଧାରଣ ଉଚ୍ଚ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧା ନଥିଲା। ସରକାରଙ୍କ ଏ ପ୍ରକାର ପଦକ୍ଷେପ ସ୍ୱାଗତଯୋଗ୍ୟ। ତେବେ ଏ ପ୍ରକାର ପରିବର୍ଦ୍ଧିତ ସଂରକ୍ଷଣ ଯଥେଷ୍ଟ ନୁହେଁ ବୋଲି ସାମାଜିକ ନ୍ୟାୟ ସମର୍ଥିତ ବିଭିନ୍ନ ସଂଗଠନ ଓ ସଂଗଠକ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏପ୍ରକାର ବର୍ଦ୍ଧିତ ସଂରକ୍ଷଣ ସୁବିଧା ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ପ୍ରଦାନ ପାଇଁ ଦାବିକରି ଆସିଛନ୍ତି।

ନିକଟରେ ଜାତୀୟ 'ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା' ବିଭାଗର ଯୋଜନା ପ୍ରଣୟନ କମିଟି ବୈଠକରେ ସର୍ବସମ୍ମତିଭାବେ ସୁପାରିସ ହୋଇଛି ସମସ୍ତ ଶିକ୍ଷାନୁଷ୍ଠାନରେ ସଂରକ୍ଷଣ ହାର ବୃଦ୍ଧି ପାଇଁ। ଅର୍ଥାତ ସମସ୍ତ ଡାକ୍ତରୀ, ଇଞ୍ଜିନିୟରିଂ ଏବଂ ଅନ୍ୟାନ୍ୟ ବୈଷୟିକ ଓ କାରିଗରି ଶିକ୍ଷାନୁଷ୍ଠାନରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ। ସୁପାରିସ ଅନୁଯାୟୀ ଅନୁସୂଚିତ ଜାତିଗୁଡ଼ିକ ସଂରକ୍ଷଣ ୮% ରୁ ବଢ଼ି ୧୬.୨୫% ହେବ ଓ ଅନୁସୂଚିତ ଜନଜାତିଗୁଡ଼ିକ ପାଇଁ ୧୨%ରୁ ବଢ଼ି ୨୨.୫% ହେବ, ମୋଟ ୩୮.୭୫% ହେବ। ସେହିପରି ଏସ୍‌ଇବିସିମାନେ ମଧ୍ୟ ଏହି ଅନୁଷ୍ଠାନଗୁଡ଼ିକରେ ୧୧.୨୫% ସଂରକ୍ଷଣ ସୁବିଧା ପାଇବେ। ବିଭିନ୍ନ ସୂତ୍ରରୁ ଯାହା ଜଣାପଡୁଛି ରାଜ୍ୟ ସରକାର ୨୦୨୬-୨୭ ଶିକ୍ଷା ବର୍ଷରୁ ଏହାକୁ କର୍ଯ୍ୟକାରୀ କରିବା ପାଇଁ ମନସ୍ଥ କରିଛନ୍ତି। ଏ ବାବଦକୁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବାକୁ ବାକି ରହିଛି। ସରକାରଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ। ଏ ପଦକ୍ଷେପ ଯୋଗୁ କୋଟି କୋଟି ଦଳିତ ଓ ଆଦିବାସୀ ଉପକୃତ ହେବେ। ଏସଇବିସି ମଧ୍ୟ ଲାଭ ପାଇବେ।

ଅନ୍ୟ ଏକ ପଦକ୍ଷେପ ରାଜ୍ୟ ସରକାରଙ୍କ ନେତୃତ୍ୱକୁ ଆହୁରି ମଜଭୁତ କରିବ, ତାହା ହେଉଛି ରାଜ୍ୟରେ ଓବିସିଙ୍କ ସଂରକ୍ଷଣକୁ ୧୧.୨୫%ରୁ ମଣ୍ଡଳ କମିଶନ ସୁପାରିସ ମୁତାବକ ୨୭%କୁ ବୃଦ୍ଧି କରିବା। ଏ ବାବଦକୁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ଓଡ଼ିଶାର ସ୍ୱତନ୍ତ୍ର ସାମାଜିକ ସ୍ଥିତି ଅନୁଯାୟୀ ଏ ବିଷୟ ସମ୍ବନ୍ଧିତ ଏକ ବିଧେୟକ ଓଡ଼ିଶା ବିଧାନସଭାରେ ପାରିତ କରି ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ସହିତ ପୂର୍ବ ସରକାର ଅମଳରେ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଓବିସି ସମ୍ବନ୍ଧୀୟ କେସ୍‌ର ଆନ୍ତରିକତାର ସହିତ ପରିଚାଳନା ଜରୁରୀ।

ବାରିପଦା, ମୟୂରଭଞ୍ଜ
ମୋ: ୭୦୦୮୯୭୬୧୮୦

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜିଟାଲ ପେମେଣ୍ଟରେ ଦାନ ଦିଆଯାଉ

ମହାଶୟ,

ଡିଜିଟାଲ ଦ୍ୱାରା ଅର୍ଥ ଦେଣନେଣରେ ଭାରତ ବିଶ୍ୱରେ ଆଗକୁ ବଢ଼ିବାରେ ଲାଗିଛି। ଏବେ ଆମ ଦେଶ ବିକାଶ ହେବା ଲକ୍ଷ୍ୟରେ ଅଗ୍ରସର ହେଉଥିବା ବେଳେ ଏହି ମାଧ୍ୟମ ହିଁ ଟନିକ୍ ଭଳି କାମ କରୁଛି। ଆଜିର ଦିନରେ ଅନେକ ବୁଲାବିକାଳି ଓ ଗାଁ ଗାଁ ବୁଲି ଲୁହାଲକଡ଼ି କିଣୁଥିବା କବାଡ଼ିଆ ମଧ୍ୟ ଫୋନ୍ ପେ' ବ୍ୟବହାର କଲେଣି। ଛୋଟରୁ ଅତି ଛୋଟ ଦୋକାନୀ ଫୋନ୍ ପେ' ବ୍ୟବହାର କରୁଥିବା ବେଳେ ଆମିଷ ହାତରେ ମାଛ ମାଂସ ବିକ୍ରେତା କାରବାର କରୁଥିବା ନଗଦ ଟଙ୍କାପଇସାର ପବିତ୍ରତା ନଷ୍ଟ ହେଉଛି। ଏ ହାତରୁ ସେ ହାତ ହୋଇ ଅପବିତ୍ର ରାଶି ମନ୍ଦିର ପୂଜକଙ୍କ ଅଣ୍ଟାକୁ ଯିବା ସହିତ ମନ୍ଦିର ଦାନବାକ୍ସରେ ମଧ୍ୟ ପଡୁଛି। ଏଭଳି ସ୍ଥିତିରେ ଏବେ ଡିଜିଟାଲ ଯୁଗରେ ମାଛ ମାଂସ କିଣାବିକା ବେଳେ ଦୋକାନୀ ଓ ଗରାଖ କେବଳ ଫୋନ୍ ପେ' ବ୍ୟବହାର କରିବା ଦରକାର। ଏଭଳି ନିୟମ ପାଳନ ପାଇଁ ସରକାରୀ ଆଦେଶ ଆସିବା ଦରକାର।

-ମନୋରଞ୍ଜନ ପାତ୍ର, ଶୁନହଟ, ବାଲେଶ୍ୱର

# ହିଙ୍ଗା ଓ ବୁଢ଼ୀ ହଳଦୀ



ଡ.ଚନ୍ଦନ କୁମାର ସିଂହ

ଶୀତର ଦାଉ ଏବେ ଦୁର୍ବିପାକ ଅବସ୍ଥାକୁ ଆସିଗଲାଣି। ଦିହକୁ କାଟୁନି ଖରାତାତି। ବେଳ ନ ଗଡୁଣୁ ଡଙ୍ଗର ଉପରୁ ଚହଲି ଆସୁଛି ଜାଡୁଆ ପବନ। ଗଛପତର ଜାଡ଼ରେ କାଠ ପାଲଟିଯାଉଛି। ଗାଁର ମଣିଷ କଥା ପଚାରୁଛି କିଏ ସତରେ! ମାଣ୍ଡିଆ, ବିରି ଅମଳ ସରିଗଲାଣି। କୋଳଥ ଅମଳ ହେଉଛି। କାନ୍ଦୁଲ ବାଡ଼ରେ କାନ୍ଦୁଲ ହସୁଛି। କାନ୍ଦୁଲ ଗଛରେ ହଳଦିଆ ଫୁଲ ପବନରେ ଥରି ଥରି ହସୁଛି। ଗତ ବରଷ ଏଇ ମାସରେ ବରଷା ବରଷିଲାରୁ କାନ୍ଦୁଲ ଫୁଲ ଝଡ଼ିଗଲା। କାନ୍ଦୁଲ ହେଲା ନାହିଁ। ଏଥରକ ଶୀତ ବଢ଼ିଛି। କାନ୍ଦୁଲ ଗଛରେ ଫୁଲ ଭର୍ତ୍ତି। ଦିନରେ ଖରା ସାଙ୍ଗରେ ଶୀତୁଆ ପବନ। ଆଉ ଦିନରେ ଡଙ୍ଗର ଦିହରୁ ଆସୁଥିବା ପବନ। ନହନହକା ଗଛ ନିଜ ନିଜ ଖାମ୍ପୁରା ଦିହରେ କାନ୍ଦୁଲ ଧରି ଠିଆ ହୋଇଛନ୍ତି। କେଉଁଠି କାନ୍ଦୁଲ ଧରିଲାଣି ତ ଆଉ କେଉଁଠାରେ ଫୁଲ କନ୍ଦିରୁ ମୁରୁକି ହସୁଛି କାନ୍ଦୁଲ, କଷି କାନ୍ଦୁଲ। ମାତ୍ର ଏଣେ ପଦର ଆଉ ଗୁଡ଼ିଆରେ ହିଙ୍ଗା ପତର (ହଳଦୀ) ଶୁଖିଗଲାଣି। କିଏ କିଏ ହିଙ୍ଗା ଅମଳ କଲେଣି ତ ଆଉ କେହି କାନ୍ଦୁଲ ପରବ ପରେ ପରେ ହିଙ୍ଗା ଅମଳ କରିବେ। କୁଇ କନ୍ଧ କୁଳ ସମାଜରେ କାନ୍ଦୁଲ ସହ ହିଙ୍ଗାର ଅମଳ ଯୋଡ଼ାଯୋଡ଼ି। ଔଷଦ ଦିଆ ଯାଏନାହିଁ। ଖୋଲା ଆକାଶର ପାଣି, ଖରା, ପବନ ଓ ଗୁଡ଼ିଆ ଦିହରୁ ହିଙ୍ଗା ରସ ନେଇ ନିଜ ଶରୀରକୁ ଗଢ଼ିଥାଏ। ଚାଟିକଣା, ବିଷମ କଟକ, ହାଟ ମୁନିଗୁଡ଼ା, ମୁନିଖୋଲ ହାଟରେ ବିକ୍ରି ହୁଏ ହିଙ୍ଗା। ଯିଏ ଗଲାବରଷ ବିକ୍ରି କରି ନ ପାରିଛନ୍ତି ହିଙ୍ଗା ପାଲଟିଛି ବୁଢ଼ୀ ହଳଦୀରେ। ବୁଢ଼ୀ ହଳଦୀର ଟାଣ ବେଶି। ନୂଆ ହିଙ୍ଗା ଆଉ ବୁଢ଼ୀ ହଳଦୀ ମିଶିଲେ ହଳଦୀ ଗୁଣ୍ଡ ସହଜ ହୁଏ। ଖାଲି ହିଙ୍ଗା, ଖାଲି ବୁଢ଼ୀ ହଳଦୀ ଅଡୁଆ ତଡୁଆ। ପଦର, ଗୁଡ଼ିଆ ଓ ଡଙ୍ଗର ତଳର ପ୍ରାଥମିକ ଶିକ୍ଷାରେ ହିଙ୍ଗା ଓ ବୁଢ଼ୀ ହଳଦୀର ପ୍ରୟୋଗ ଖୁବ୍ ଅହେତୁକ ଓ ଦରକାରୀ। ଅର୍ଥାତ୍ ନୂଆ ଓ ପୁରୁଣା ପ୍ରାଥମିକ ଶିକ୍ଷା ଦିହକୁ ଦଣ୍ଡାଟିଏ ପରି। ଧୀରେ ଧୀରେ ପାଦଥାପି ପିଲାଙ୍କ ପାଖକୁ ଯାଇ ହୁଏ। ତାଙ୍କ ପହୁଞ୍ଚ ଭିତରକୁ ପଶି ପାରିବା ସହଜ ହୁଏ। ଏହି ନୂଆ ପୁରୁଣା ହେଉଛନ୍ତି ପ୍ରାଥମିକ ଶିକ୍ଷାର ଭାଷା ସମ୍ବଳ। ବିଶେଷଭାବେ କୋମଳମତି ଶିଶୁଟି ତା'ପରିବାର ଭିତରୁ ହିଁ ବୁଝିବା, ନ ବୁଝିବା, ଶୁଣିବା, ନ ଶୁଣିବା, ଦେଖିବା, ନ ଦେଖିବା ଆଦି ପ୍ରସଙ୍ଗଗୁଡ଼ିକୁ ବହୁ ସରାଗରେ ସାଉଁଟି ଧରିଥାଏ। ଏଥିପାଇଁ ନୂଆ ପୁରୁଣାର ଆୟମଟି ବହୁ ପ୍ରସ୍ଥର। ତାଲିମ ଅପେକ୍ଷା ଅଧିକତର ଭାବେ ତଳିପକାକୁ ବୁଝାଇଥାଏ। ଅର୍ଥାତ୍ ଏଇଟି ଭିତରୁ କେତେ କେତେ କଥା। ପ୍ରାଥମିକ ଶିକ୍ଷା ହେଉଛି ତଳିପକା କାମ। ମାଟିକୁ ପାଗ କରାଯାଉଥିବ। ବିହନ ଏହି ତଳିରେ ହିଁ ପଡ଼ିବା ଭାରି ନରମ ମାଟି। ଅଥଚ ହାଲୁକା ମାଟି। ପ୍ରାଥମିକ ଶିକ୍ଷାର ପାଗ ହିଁ ଏହି ତଳିପତାର ମାଟି। ଏହାରି ଭିତରେ ଭାଷା ହିଁ ଖୁବ୍ ମୌଳିକ। ତା' ପାଖର ଗୀତ, ତାପ, ଚିତ୍ର, ଉଦାହରଣ ଭାଷାର ରୂପଦିଅନ୍ତି।

ତୁଚ୍ଛା ଭାଷା କେବେ ହେଲେ ନ ଥାଏ। ଏସବୁର ଆଦର ଯେତେ ଯେତେ ପିଲାର ବୁଝିବା ମଧ୍ୟ ସେତେ ସେତେ। ବେଳେ ଏହାରି ଭିତରୁ ପିଲା ପାଟିରୁ କେତେ କେତେ ଶବ୍ଦ ଛାଆଁକୁ ଛାଆଁ ବାହାରି ପଡ଼େ। ଶ୍ରେଣୀ କକ୍ଷର ଶିକ୍ଷକଙ୍କ ପାଇଁ ଏହା ରଙ୍ଗ ବେରଙ୍ଗର ବାଲି ଗରଡ଼ା ପରି। ଆଗକୁ ପାଠକୁ ନେବାରେ ଏହା ଖୁବ୍ ସାହାଯ୍ୟ କରନ୍ତି। ପଦର-ଜୀବନରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ଖୁବ୍ ଅନ୍ତରଙ୍ଗ ଶବ୍ଦ ଗୋଟିଏ ଉଚ୍ଚାରଣ କରନ୍ତି ବେଳ ଅବେଳରେ "ବଡ଼ ବାଆଧା ଏକା" ଏହି ଖଣ୍ଡବାକ୍ୟଟି ପିଲାଙ୍କ ବୋଧଗମ୍ୟତା ପାଇଁ ଏକ ନମୁନା ଭଳି। ପ୍ରତିଦିନ ଶ୍ରେଣୀ କକ୍ଷରେ ଶିକ୍ଷକ ଓ ପିଲାଙ୍କ ତୁଣ୍ଡ-ଆଲୋଚନାରେ ଅନେକ ଶବ୍ଦ ସ୍କୁଲ ଅଙ୍ଗନକୁ ପୂର୍ଣ୍ଣ କରିଦିଅନ୍ତି। ଏସବୁକୁ ସାଉଁଟି ଆଣି ସେ ସବୁର ପ୍ରୟୋଗ କରି ଜାଣିଲେ ପ୍ରାଥମିକ ଶିକ୍ଷାରେ ଭାଷା ସମ୍ବଳ ପ୍ରସଙ୍ଗ ଆହୁରି ପୁଷ୍ଟ ହୋଇ ଉଠେ। ଲିଖିତ ଅବା ଅଲିଖିତ ଅବା କଥିତ ଭାଷାରେ ଅନେକ ଶବ୍ଦ ବ୍ୟଞ୍ଜନ ସୁଦୂର ପ୍ରସାରୀ ଅର୍ଥ ବହନ କରନ୍ତି। ଭାବାବେଗକୁ ଆଧାର କରି ଏହାର ନିହିତାର୍ଥ ଗଭୀର। ତେଣୁ ହିଙ୍ଗା ଓ ବୁଢ଼ୀ ହଳଦୀ ପ୍ରାଥମିକ ଶିକ୍ଷାର ଅଭିଭାବକ ପରି। ସଲପଗଛର ବାହୁଙ୍ଗା ଭିତରୁ ଠେଲି ଆସୁଥିବା ଶୀତୁଆ ପବନ ଝରଣା କୂଳର ସରଗି ଜଙ୍ଗଲ ଭିତରୁ ମାଟି ଉପରେ ପଡୁଥିବା ଚେନା ଚେନା ଖରା ଭିତରଦେଇ ପ୍ରାଥମିକ ଶିକ୍ଷାର ଭାଷା ଆମ ପାଇଁ ସବୁବେଳେ ଏକ ଆଶ୍ୱାସନାର ଆହ୍ୱାନ।

ବିଷମ କଟକ, ରାୟଗଡ଼
ମୋ: ୮୨୪୯୬୫୭୭୮

## ଚିରନ୍ତନୀ

ଜଳେ ଥଳେ କେତେ ନିରେଖିଲି ନୂଆ ଭାବର
ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା, କଲି ଆଦର
ସୁଖ ଲଭି ।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଖରିଫ ଧାନମଣ୍ଡି ଶେଷହେବା ନାଁ ଧରୁନାହିଁ

■ ସଂଗ୍ରହ ହେଲାଣି ୬୩ ଲକ୍ଷ କୁଇଣ୍ଟାଲ, ଆହୁରି ୨ ଲକ୍ଷ ବାକି
■ ମିଲରଙ୍କ ଷ୍ଟକ୍ ଭେରିଫିକେସନ ଦାବି

ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଖରିଫ ଧାନ ସଂଗ୍ରହକୁ ଇତିମଧ୍ୟରେ ୩ ମାସ ପୂରିବାକୁ ବସିଥିଲେ ବି ଶେଷହେବା ନାଁ ଧରୁନାହିଁ। ଜିଲା ପ୍ରଶାସନ ପ୍ରଥମେ ଫେବୃଆରୀ ୧୫ ପରେ ୧୭,୨୦ ଓ ଏବେ ୨୫ ତାରିଖରେ ମଣ୍ଡି ଶେଷହେବ ବୋଲି ଲକ୍ଷ୍ୟ ରଖିଥିବାବେଳେ ତାହା ମଧ୍ୟ ହୋଇପାରିଲା ନାହିଁ। ତୃତୀୟ ପର୍ଯ୍ୟାୟ ଟୋକନ ଆସିବା ପରେ ବିଭାଗ ପକ୍ଷରୁ ଆହୁରି ୩ ଲକ୍ଷ କୁଇଣ୍ଟାଲ ଧାନ କିଣିବା ନିମନ୍ତେ ଟାର୍ଗେଟ ପାଇଁ ଅନୁରୋଧ କରାଯାଇଥିଲା। ହେଲେ ଦେଢଲକ୍ଷ କୁଇଣ୍ଟାଲ ଟାର୍ଗେଟ ଆସିଥିଲା। ନୂଆ ଟାର୍ଗେଟ ଆସିବା ପରେ ବର୍ତ୍ତମାନ ପ୍ରାୟ ୯୦ଟି ମଣ୍ଡି ବନ୍ଦ ଥିବାବେଳେ ଅନ୍ୟ ମଣ୍ଡିଗୁଡିକ ପୁନର୍ବାର ଖୋଲିଛି ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଣ୍ଡିରୁ ଧାନ ଉଠାଣ ପାଇଁ ଚାଷୀ ଚିନ୍ତାରେ ଥିବାବେଳେ ବର୍ତ୍ତମାନ ରବିଚାଷ ପାଇଁ ସେମାନଙ୍କ ଯାତନା ବଢ଼ିବାରେ ଲାଗିଛି। ଜିଲାର ବଡ଼ ଚାଷୀମାନେ ଟୋକନରେ କମ୍ କୁଇଣ୍ଟାଲ ଆସିଥିବା ଯୋଗୁ ଚିନ୍ତାରେ ପଡିଛନ୍ତି। ଜଳସେଚିତ ଜମି ପାଇଁ ୧୯ କୁଇଣ୍ଟାଲ ଧାନ ବିକ୍ରି କରିବେ ବୋଲି ସରକାର ନିଷ୍ପତ୍ତି ନେଇଥିବାବେଳେ ବଡ ଚାଷୀମାନେ ଏକର ପିଛା ୨୫ରୁ ୩୦ କୁଇଣ୍ଟାଲ ଉତ୍ପାଦନ କରିଛନ୍ତି। ବାକି ଥିବା ଓ ଟୋକନ ଆସି ନ ଥିବା ଧାନ ବିକ୍ରି କରିବା ପାଇଁ ଚାଷୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଅନ୍ୟପଟେ ଦଲାଲ ଜରିଆରେ ମିଲରମାନେ ଫଲ୍ସ ଏଣ୍ଟ୍ରି ପାଇଁ ମସୁଧା ଚଳାଇଥିବାବେଳେ ନୂଆ ଟାର୍ଗେଟ କାହାପାଇଁ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ଜିଲାର ଜୁନାଗଡ଼, ଧର୍ମଗଡ଼ ଓ କୋକସରା ବ୍ଲକର ଲଦୁଗାଁ ଅଞ୍ଚଳରେ ବ୍ୟାପକ ଫଲ୍ସ ଏଣ୍ଟ୍ରି ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ମିଲରମାନଙ୍କ ଷ୍ଟକ୍ ଭେରିଫିକେଶନ କଲେ ବହୁ ଗୁମର ଫିଟନ୍ତା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଟାର୍ଗେଟ ବଢୁଥିଲେ ମଧ୍ୟ ଚାଷୀଙ୍କ ଧାନମଣ୍ଡିରେ ପଡ଼ିରହିବା ଘଟଣା ତଦନ୍ତ ସାପେକ୍ଷ। ରାଜ୍ୟ ସରକାର ତୁରନ୍ତ ଏ ନେଇ ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଗଠନକରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଟାର୍ଗେଟ ୬୬ ଲକ୍ଷ ୮ ହଜାର କୁଇଣ୍ଟାଲ ରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ଜିଲାରେ ୧ ଲକ୍ଷ ୧୭ ହଜାର ୨୭୪ ଚାଷୀଙ୍କ ୬୩ ଲକ୍ଷ ୪୯ ହଜାର ୬୯୬ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ଗତବର୍ଷ ଖରିଫଠାରୁ ଏଥର ୨ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବାବେଳେ ଆହୁରି ପ୍ରାୟ ୩ ହଜାରରୁ ଅଧିକ ଟୋକନ ଥିବା ଓ ସେହି ଅନୁସାରେ ୨ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରହିଥିବା ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କଠାରୁ ଜଣାପଡିଛି। ଗତବର୍ଷ ଖରିଫ ଧାନ ସଂଗ୍ରହ ଫେବୃଆରୀ ୧୦ରେ ଶେଷ ହୋଇଥିବାବେଳେ ଚଳିତ ଖରିଫ ଧାନ ସଂଗ୍ରହ ବର୍ତ୍ତମାନ ଯାଏ ଚାଲିଛି। ବିଗତ ବର୍ଷମାନଙ୍କରେ ଫେବୃଆରୀ ପ୍ରଥମ ସପ୍ତାହରେ ମଣ୍ଡି ଶେଷ ହେଉଥିବାବେଳେ ଏଥର କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।



ଜିଲାର ଏକ ମଣ୍ଡିରେ ଧାନ କିଣା ଚାଲିଛି।

# ୨୭ରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ଅବସରରେ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର।

ଭବାନୀପାଟଣା,୨୫।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ହଲରେ ଆସନ୍ତା ୨୭ ତାରିଖରେ ମେରା ଯୁବ ଭାରତ, ଜାତୀୟ ସେବା ଯୋଜନା ପ୍ରଭାଗ ଓ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଜିଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଯୁବଶକ୍ତି ପ୍ରାୟ ୨୦୦ ଜଣରୁ ଅଧିକ ଯୋଗଦାନକରିବା ଲାଗି ଆହ୍ୱାନ କରାଯାଇଛି। ଏଥିରେ ୧୮ରୁ ୨୫ ବର୍ଷର ଯୁବତୀଯୁବକ ଓ ମେରା ଯୁବା ଭାରତ ପୋର୍ଟାଲ ଜରିଆରେ ପଞ୍ଜୀକରଣ କରିବା ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ତିନୋଟି ଭାଷା ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ମାଧ୍ୟମରେ ୫୦ ବର୍ଷର ଜରୁରିକାଳୀନ ପରିସ୍ଥିତି : ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା ଶୀର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୫ଜଣ ପ୍ରତିଯୋଗୀଙ୍କୁ ବିଚାରକ ମଣ୍ଡଳୀ ଦ୍ୱାରା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମେରା ଯୁବା ଭାରତ, କଳାହାଣ୍ଡି ଜିଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ବିଶ୍ୱବିଦ୍ୟାଳୟର ଉପ କୁଳସଚିବ, ମେଜର ଡ. ଜୟଦେବ ସାହୁ ପ୍ରମୁଖ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

# ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ

ଖଡ଼ିଆଳ,୨୫।୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସେମାନଙ୍କ ଯୋଜନା ଅଧିକାରୀଙ୍କ ସହ ଯୋଗଦେଇଥିଲେ। ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଯୁକ୍ତ ୨ ଅଧକ୍ଷ ଡ. ରଣବୀର ସିଂ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ମଡେଲ ଡ଼ିଗ୍ରୀ ମହାବିଦ୍ୟାଳୟର ସହପ୍ରଫେସର ପ୍ରହ୍ଲାଦ ମାଝୀ, ଯୁକ୍ତ ୩ ଯୋଜନା ଅଧିକାରୀ ଅଧ୍ୟାପକ ଡ. ସୁରଞ୍ଜନ ପ୍ରଧାନ ପ୍ରମୁଖ ବିଚାରକ ଭାବରେ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲାର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀଙ୍କ ମଧ୍ୟରେ 'ଜରୁରିକାଳୀନ ପରିସ୍ଥିତି ଗଣତନ୍ତ୍ର ପାଇଁ ଏକ ଅଧ୍ୟାୟର ୫୦ ବର୍ଷ ପୂର୍ତ୍ତି' ଶୀର୍ଷକରେ ତର୍କ ପ୍ରତିଯୋଗିତା ହୋଇଥିଲା। ଏଥିରେ ୫ଜଣ ଯଥା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁଜ୍ଞାନ ସିଂ ବାରିକ, ଶୁଚିସ୍ମିତା ନାଗ, ସନ୍ଦୀପ ନାଏକ, ଶୁଭଶ୍ରୀ କଣ୍ଡିଆ ଓ ନୂଆପଡ଼ା ନାଶନାଲ ମହାବିଦ୍ୟାଳୟର ଜାନକୀ ଦଣ୍ଡସେନାଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ଯୁକ୍ତ ୨ ଏନ୍‌ଏସ୍‌ଏସ୍ ଅଧିକାରୀ ରାଜେନ୍ଦ୍ର କଳସାଇ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ





ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସର ବିକ୍ଷୋଭ

ନୂଆପଡ଼ା,୨୫।୨ (ମକାରୁ ବେମାଲ)

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା କାରଣରୁ କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀ, କେନ୍ଦ୍ରମନ୍ତ୍ରୀ କିରେନ ରିଜିଜୁ ଓ ଏମ୍‌ପି ନିଶିକାନ୍ତ ଦୁବେଙ୍କ ବିରୋଧରେ ମାମଲା ପଞ୍ଜିକରଣ କରିବା ଦାବିରେ ବୁଧବାର ନୂଆପଡ଼ା ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଏକତା ଛକଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଏସ୍‌ପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପ୍ରାୟ ୧ ଘଣ୍ଟା କାଳ ବିକ୍ଷୋଭ ପ୍ରଦର୍ଶନ ପରେ ଏଏସ୍‌ପି ରଣଜିତ ନାଏକ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାହୁଲ ଗାନ୍ଧୀଙ୍କ ବିରୋଧରେ ବାରମ୍ବାର ଯେଉଁମାନେ ଅପମାନ ଜନକ, ମାନହାନି ପୂର୍ଣ୍ଣ ଓ ଧମକପୂର୍ଣ୍ଣ ଭାଷା ବ୍ୟବହାର କରିଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଉ ବୋଲି କର୍ମକର୍ତ୍ତା ଦାବି କରିଥିଲେ। ଏହି ସମୟରେ ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ଉପସଭାପତି ହୀରା ପଟେଲ, ସାଧାରଣ ସମ୍ପାଦକ ସୁଧିର ମିଶ୍ର, ନୂଆପଡା ବ୍ଲକ ସଭାପତି ସୌରଭ ଚନ୍ଦ୍ରକାର, କୋମନା ବ୍ଲକ ସଭାପତି ନୀଳାଚଳ ମହାନନ୍ଦ, ବୋଡେନ ବ୍ଲକ ସଭାପତି ବାଗୀ ଦଣ୍ଡସେନା, ସାଧାରଣ ସମ୍ପାଦକ ହୀରାଧର ମାଝି, ଯୁବ କଂଗ୍ରେସ ସଭାପତି ଅମିତ କୁମାର ଅହିର ପ୍ରମୁଖ ଉପସ୍ଥିତ ଥିଲେ ।

# ଖଡ଼ିଆଳରେ କୋସଲୀ ଦିବସ ପାଳିତ

ଖଡ଼ିଆଳ,୨୫।୨ (ସୁଜିତ କୁମାର ପ୍ରଧାନ)

କୋସଲୀ ରତନ ପ୍ରୟାଗଦତ୍ତ ଯୋଶୀଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ଖଡ଼ିଆଳଠାରେ କୋସଲୀ ଦିବସ ପାଳିତ ହୋଇଯାଇଛି। ପ୍ରୟାଗଦତ୍ତ ଯୋଶୀ ଛକଠାରେ ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଖଡ଼ିଆଳ ସେଲ୍ଫି ପଏଣ୍ଟ ପାଖରେ ବୈଠକ ଅନୁଷ୍ଠିତ ହୋଇଥିଲା। ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେଶବ ବେହେରା, ଜିଲା ସଂଯୋଜକ କୋସଲୀ ମଞ୍ଚ ରଞ୍ଜିତ ସିଂ ମହାରଥୀ, ଗୌତମ ପ୍ରସାଦ ମୁଣ୍ଡ, କୁଞ୍ଜଲତା ସିଂ ମହାରଥୀ, ପ୍ରୟାଗଦତ୍ତ ଯୋଶୀଙ୍କ କନ୍ୟା ପ୍ରଭାସିନୀ ଯୋଶୀ, ଚୈତନ୍ୟ ତାଣ୍ଡି, ଭବାନୀ ଶଙ୍କର ପଣ୍ଡା, କୁମାରୀ ସୁଷମା ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୋସଲୀ ଭାଷାକୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଚଳନ କରିବା, କୋସଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ଦେବା, କୋସଲୀ ଅଞ୍ଚଳ ପ୍ରତି ସରକାର ଦୃଷ୍ଟିଦେବା ପାଇଁ ଆହ୍ୱାନ ଦେଇଥିଲେ।

# ବିଶ୍ୱଶାନ୍ତି ଷୋହଳପ୍ରହର ନାମଯଜ୍ଞ ଉଦ୍‌ଯାପିତ



ମଣ୍ଡପରେ ନାମ ଗାନ କରୁଛନ୍ତି ସଂକୀର୍ତ୍ତନ ଦଳ।

ପଲମ, ୨୫।୨ (ଭିକାରି ଗଉଡ଼)

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅନ୍ତର୍ଗତ ପଲମ ପଞ୍ଚାୟତ ରାସ୍ତାମାଲ ପଡ଼ାରେ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ଷୋହଳ ପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୨୨ରେ ଗଙ୍ଗାବରଣ ଅଧିବାସ, କଳସଯାତ୍ରା, ୨୩ରେ ନାମ ଆରମ୍ଭ, ୨୫ରେ ପୂର୍ଣ୍ଣାହୁତି ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବରେ ଗ୍ରାମର ଭକ୍ତ ଚରଣ ମାଝୀ ତାଙ୍କ ସ୍ତ୍ରୀ ଜ୍ୟୋସ୍ନା ଦାୟିତ୍ୱ ତୁଲାଇଥିଲେ। ସପ୍ତଋଷି ଭାବରେ ରାଜେନ୍ଦ୍ର ମାଝୀ, ସୀମାଞ୍ଚଳ ମାଝୀ, ମହିରାଜ ମାଝୀ, ବିଭୂତି ମାଝୀ, ହର ମାଝୀ, ଆଦିତ୍ୟ ମାଝୀ, ପୂର୍ଣ୍ଣଚନ୍ଦ୍ର ମାଝୀ ରହି ପ୍ରତ୍ୟେକ ପୂଜାକାର୍ଯ୍ୟ କରିଥିଲେ। ଭୁଲା ଶଙ୍କର ମିଶ୍ର ପୂଜକ, ଉମାଶଙ୍କର ମିଶ୍ର ଜପକ ଓ ରବିଚନ୍ଦ୍ର ଗୁରୁ ପାଠକ ଭାବେ କାର୍ଯ୍ୟନିର୍ବାହ କରିଥିଲେ। ଏହି ନାମଯଜ୍ଞରେ ୧୨ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ଗାନ କରିଥିଲେ। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ।

# ବାଲି ବୋଝେଇ ହାଇୱା ଜବତ



ରିଷିଡ଼ା, ୨୫।୨ (ସୁଶାନ୍ତ ମଲ୍ଲିକ): କର୍ଲାମୁଣ୍ଡା ବ୍ଲକ ତେରେସିଂହା ତେଲନଦୀରୁ ବୁଧବାର ଏକ ହାଇୱାରେ ବେଆଇନ ବାଲି ଚାଲାଣ ବେଳେ ରିଷିଡା ପୋଲିସ ଏହାକୁ ଜବତ କରିଛି। ବାଲି ବୋଝେଇ ହାଇୱା କଅଁସିଲ ଛକର ଏକ ଫ୍ୟାକ୍ଟ୍ରିକୁ ଯାଉଥିବା ବେଳେ ରିଷିଡା କଲେଜ ଛକ ନିକଟରେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହାକୁ ଜବତ କରି ଫାଣ୍ଡିକୁ ଆଣିଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଛି। ଓଡି୦୫ ବିଭି–୫୮୯୨ନଂ. ହାଇୱା ଗାଡି ଜବତ ପରେ ବାଲି ମାଫିଆଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

# ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ସମନ୍ୱୟ ବୈଠକ

ନୂଆପଡ଼ା,୨୫।୨ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ୧୮ତମ ଜିଲା ସ୍ତରୀୟ ସମନ୍ୱୟ ବୈଠକ ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ ହେମ୍ବ୍ରମ, ଜିଲା କଲ୍ୟାଣ ଅଧିକାରୀ ଦୀପ୍ତିମନ୍ତ ଭୋଇ,ଜିଲା ଶ୍ରମ ଅଧିକାରୀ ଜସ୍ମିନ ଶୁଭଦର୍ଶିନୀ ସାହୁଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ କହିଥିଲେ, ଜିଲାରୁ ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦକରିବା ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସମୟୋପଯୋଗୀ ହସ୍ତକ୍ଷେପ ମାଧ୍ୟମରେ ଏହାକୁ ଏକ ମିଶନ ଭାବେ ଗ୍ରହଣକରି କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଆହ୍ୱାନ କରିଥିଲେ। ସମସ୍ତ ବିଡିଓଙ୍କୁ ବ୍ଲକ୍‌ସ୍ତରରେ ସମନ୍ୱୟ ବୈଠକ କରିବା ଓ ବୈଠକର କାର୍ଯ୍ୟ ବିବରଣୀ ଓଡ଼ିଆ ଭାଷାରେ ପ୍ରସ୍ତୁତକରିବା ପାଇଁ ଶ୍ରମ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ବିଭିନ୍ନ ବିଭାଗ ପ୍ରବାସୀ ଶ୍ରମିକ ଓ ତାଙ୍କ ପରିବାରର କଲ୍ୟାଣ ପାଇଁ ଗୃହୀତ ଯୋଜନା ସମ୍ପର୍କରେ ଅବଗତ କରିଥିଲେ ।



ବୈଠକରେ ପ୍ରବାସୀ ଶ୍ରମିକ ପ୍ରଥା ଉଚ୍ଛେଦ ଉପରେ ଆଲୋଚନା କରାଯାଉଛି।

# ଘୁଷୁରି ମରା ଭିଡିଓ ଭାଇରାଲ, ବନ ବିଭାଗର ତଦନ୍ତ

କୋକସରା,୨୫।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ): କିଛି ଯୁବକ ଏକ ଘୁଷୁରୀକୁ ମାରି ନିଆଁରେ ପୋଡୁଥିବା ଓ ମାଂସ କାଟୁଥିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଧର୍ମଗଡ଼ ଦକ୍ଷିଣ ବନଖଣ୍ଡ ଅଧୀନସ୍ଥ ଆମପାଣି ଫରେଷ୍ଟ ସେକ୍ସନ ପକ୍ଷରୁ ତଦନ୍ତ କରାଯାଇଥିଲା। ଭାଇରାଲ ହୋଇଥିବା ଉକ୍ତ ଭିଡିଓରେ ସ୍ଥାନୀୟ ତେଲିଗୁଡା ଗ୍ରାମର ଜଣେ ଯୁବକ ଥିବା ଜଣାପଡିଥିଲା। ଏ ନେଇ ଆମପାଣି ଫରେଷ୍ଟର ରାଜେନ୍ଦ୍ର ନାଏକ ଓ ତାଙ୍କ ଟିମ୍ ତେଲିଗୁଡା ଗ୍ରାମରେ ତଦନ୍ତ କରିଥିଲେ। ଭିଡିଓରେ ଥିବା ଯୁବକ ମଧୁସୂଦନ ମାଝୀଙ୍କ ଘରେ ବନ କର୍ମଚାରୀ ପହଞ୍ଚି ତାଙ୍କୁ ପଚରାଉଚରା କରିଥିଲା। ତେବେ ଭାଇରାଲ ଭିଡିଓଟି ହାଇଦ୍ରାବାଦର ବୋଲି ଜଣାପଡିବା ପରେ ବନ ବିଭାଗ ମଧୁସୂଦନଙ୍କୁ ତାଗିଦ କରି ଫେରିଛି।

# ମଧୁପ୍ରିୟା ପଣ୍ଡା ଉକ୍‌ଲା ପଞ୍ଚାୟତର ନୂତନ ସରପଞ୍ଚ

ଭବାନୀପାଟଣା,୨୫।୨(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଉକ୍‌ଲା ପଞ୍ଚାୟତର ନୂତନ ଭାରପ୍ରାପ୍ତ ସରପଞ୍ଚ ଭାବେ ମଧୁପ୍ରିୟା ପଣ୍ଡା ନିଯୁକ୍ତ ହୋଇଛନ୍ତି। ଭବାନୀପାଟଣା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଜାରି ହୋଇଥିବା ପତ୍ର ସଂଖ୍ୟା ୧୫୬୩୧ ଅନୁସାରେ ତାଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ସରପଞ୍ଚ ଦାୟିତ୍ୱରେ ଥିବା ମୀରା କୁମାରଙ୍କୁ ଅନାସ୍ଥା ପ୍ରସ୍ତାବ ପରେ ଗତ ଜାନୁୟାରୀ ୧୬ରେ କଳାହାଣ୍ଡି ଜିଲାପାଳଙ୍କ ଆଦେଶ କ୍ରମେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଫଳରେ ସେବେଠାରୁ ଏହି ପଞ୍ଚାୟତର ସରପଞ୍ଚ ପଦବୀ ଖାଲିପଡ଼ିଥିଲା। ତେବେ ଗ୍ରାମପଞ୍ଚାୟତ ଆଇନ ୧୯୬୪ର ଧାରା ୨୧ (୪) ଅନୁଯାୟୀ ଉପଜିଲାପାଳ ଉକ୍‌ଲା ୪ନଂ. ୱାର୍ଡ ସଦସ୍ୟା ମଧୁପ୍ରିୟାଙ୍କୁ ସରପଞ୍ଚ ଭାବେ ନିଯୁକ୍ତ କରିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ ସରପଞ୍ଚଙ୍କ ସମସ୍ତ କାର୍ଯ୍ୟ ଓ କ୍ଷମତା ପ୍ରୟୋଗ କରିବେ ବୋଲି ଆଦେଶରେ ଉଲ୍ଲେଖ କରିଛନ୍ତି।



# ହାତଗଣତି ଲୋକଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନ

ଥୁଆମୂଳ ରାମପୁର, ୨୫।୨ (ଦୁର୍ଗା କୀର୍ତ୍ତି)

ବନ୍ୟ ପ୍ରାଣୀଙ୍କୁ ନିଆଁ ଦାଉରୁ ରକ୍ଷା କରନ୍ତୁ, ବନାଗ୍ନିରୁ ଜଙ୍ଗଲକୁ ବଞ୍ଚାନ୍ତୁ ଏହିସବୁ ନାରାକୁ ପାଥେୟ କରି ସରକାର ଜଙ୍ଗଲକୁ ନିଆଁରୁ ରକ୍ଷାକରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍‌ରେ ବନ ବିଭାଗ ପକ୍ଷରୁ ଆୟୋଜିତ ସଚେତନତା ସଭା କେବଳ ବିଭାଗୀୟ କର୍ମଚାରୀ ଓ ହାତଗଣତି କେତେଜଣ ଲୋକଙ୍କ ମଧ୍ୟରେ ସୀମିତ ରହୁଥିବା ଦେଖିବାକୁ ମିଳିଛି। ଏହି ସଚେତନତା ଲୋକଙ୍କ ପାଖରେ ପହଞ୍ଚିଛି ନା କେବଳ ପୋଷ୍ଟର ବ୍ୟାନର ମଧ୍ୟରେ ଆବଦ୍ଧ ରହୁଛି ତାକୁ ନେଇ ପ୍ରଶ୍ନ ଉଠିଛି। ଗତ ସୋମବାର ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ କୋଷାବରାସ୍ଥିତ ହେଲୋ ପଏଣ୍ଟଠାରେ ଓ ମଙ୍ଗଳବାର ସାଇସୁରୁନୀ ଉତ୍ତର ବନାଞ୍ଚଳ ପକ୍ଷରୁ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ସଚେତନତା ସଭା ହୋଇଥିଲା। ଏଥିରେ ଏସିଏଫ୍ ବିମଳ କୁମାର ଟପ୍ପୋ, ବନପାଳ ନିହାର ଠାକୁର, ବନରକ୍ଷୀ ସୁଶାନ୍ତ ଦାଶ, ରାମ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଥୁଆମୂଳ ରାମପୁର ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ଜଙ୍ଗଲ ନିଆଁକୁ କିପରି ଆୟତ୍ତ କରିବେ, ଆହତଙ୍କୁ କିପରି ଉଦ୍ଧାର କରିବେ ଏବଂ ସାପ କାମୁଡ଼ିଲେ କି ସାବଧାନତା ଅବଲମ୍ବନ କରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି କାର୍ଯ୍ୟକ୍ରମରେ ସାଧାରଣ ଜନତାଙ୍କ ଉପସ୍ଥିତି ନଗଣ୍ୟ ଥିଲା। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ୫୦ରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ। ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଜଙ୍ଗଲ ନିଆଁକୁ ରୋକିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି କରାଯାଇଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ 'ଜଙ୍ଗଲ ସାଥୀ'ଙ୍କୁ ନିଆଁ ଲିଭାଇବା ପାଇଁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା।



ଜଙ୍ଗଲରେ ନିଆଁଲିଭା କୌଶଳ ଶିଖାଉଛନ୍ତି ବନ କର୍ମଚାରୀ।

## ବନାଗ୍ନି ସଚେତନତା ସଭା


Canara Bank — A Government of India Undertaking — Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଙ୍କ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ୧୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇକ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅବିଭାବକ ଭାବେ ତାଙ୍କର ପ୍ରତିନିଧୀତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଇଳ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ସଂକ୍ଷେପରେ

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଝାରବନ୍ଧ,୨୫।୨(ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ପଗାରପାଣିଠାରେ ତିନିଦିନ ଧରି ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରର ୧୧ତମ ପ୍ରାଣ ପ୍ରତିଷ୍ଠା ଓ ରାଧା କୃଷ୍ଣ ମନ୍ଦିରର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବଇଦପାଲି, ଜଟରଲା, ନୂଆପଡ଼ା, ରାଜେନ୍ଦ୍ରପୁର, ପଗାରପାଣିର ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ କର୍ତ୍ତା ଭାବରେ ଗାଁର ଗୌନ୍ତିଆ ଚକ୍ରଧର ଶଗର ଓ ତାଙ୍କ ସହଧର୍ମିଣୀ ଅଷ୍ଟମୀ ଶଗର କାର୍ଯ୍ୟ ତୁଲାଇଥିଲେ। ଯଜ୍ଞ ପୁରୋହିତ ଭାବରେ ପଣ୍ଡିତ ଝସକେତନ ନନ୍ଦ, ସନାତନ ନନ୍ଦ, ଚନ୍ଦ୍ରଶେଖର ମିଶ୍ର ହୋମ ଯଜ୍ଞ ସମ୍ପାଦନ କରିଥିଲେ। ରବିବାର ସ୍ଥାନୀୟ ପୋଖରୀରୁ ଶହେ ଆଠ ପୂର୍ଣ୍ଣ କଳସ ଆଣି ଗାଁରେ କଳସ ଶୋଭାଯାତ୍ରା ପରେ ରାଧା କୃଷ୍ଣ ପ୍ରତିମୂର୍ତ୍ତିଠାରେ ସ୍ଥାପନ କରି ନାମ ସଂକୀର୍ତ୍ତନ୍ୟ ଆରମ୍ଭ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଦହି ହାଣ୍ଡି ଭଙ୍ଗାଯାଇ କଳସ ବିସର୍ଜନ କରାଯାଇଥିଲା। ପରେ ସମସ୍ତ କୀର୍ତ୍ତନ ଦଳକୁ ନେଇ ଭାବ ଭକ୍ତିର କାର୍ଯ୍ୟକ୍ରମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଷୋହଳ ପ୍ରହର ନାମଯଜ୍ଞକୁ ଗଙ୍ଗାଧର ଶଗର, ରାଧେଶ୍ୟାମ ନର୍ମଦା, ନୀଳମଣି ନାଏକ, ଜଗଦୀଶ ନାଏକ, ଚୁନୁଲାଲ ଝଗରା, ବିଷ୍ଣୁ ବରିହା ପ୍ରମୁଖ ଯଜ୍ଞ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ଦିନ ସମସ୍ତଙ୍କ ପାଇଁ ଅନ୍ନ ଭୋଗର ବ୍ୟବସ୍ଥା କରାଯାଇଥିଲା।

### ସାନଭାଇଙ୍କୁ ହତ୍ୟା, ବଡ଼ ଗିରଫ



**ବରପାଲି,୨୫।୨(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ କେବାଡ଼ ଗ୍ରାମରେ ମଙ୍ଗଳବାର ଘଟିଥିବା ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସେ ହେଲେ ହତ୍ୟାକାଣ୍ଡରେ ମୃତ ତୀର୍ଥ ବିଶି(୩୦)ଙ୍କ ବଡ଼ଭାଇ ଅନିଲ ବିଶି(୩୫)। ତାଙ୍କୁ ବରପାଲି କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୭୮/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମୃତ ତୀର୍ଥ ଶୋଇଥିବା ସମୟରେ ଅଭିଯୁକ୍ତ ଅନିଲ ଏକ ଲୁହାନିର୍ମିତ ରେଞ୍ଚ ପାନାରେ ତାଙ୍କ ମୁଣ୍ଡକୁ ଜୋର୍‌ରେ ଆଘାତ କରିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ ଏବଂ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ସ୍ତ୍ରୀ ସୀତା(୩୨) ବରପାଲି ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଉପରୋକ୍ତ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଟିକରପଡ଼ାରେ ଶ୍ରୀରାମ ସୀତାଙ୍କ ବିବାହୋତ୍ସବ

**ବଘିଆପଦା,୨୫।୨(ଶ୍ରୀକାନ୍ତ ସାହୁ):** ବୌଦ୍ଧ ବ୍ଲକ ଟିକରପଡା ଗ୍ରାମରେ ମଙ୍ଗଳବାର ଦେବ ଦମ୍ପତି ଶ୍ରୀରାମ ଓ ସୀତା ଦେବୀଙ୍କ ବିବାହ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜାମୁଖୋଲ ଗ୍ରାମରେ ୨୪ ତମ ଦୋଳ ମହୋତ୍ସବ ନବାହ୍ନ ପାରାୟଣ ଅବସରରେ ସନ୍ଧ୍ୟା ୬ ଘଣ୍ଟା ସମୟରେ ଜାମୁଖୋଲ୍ ଗ୍ରାମରୁ ଶ୍ରୀ ରାମଚନ୍ଦ୍ରଙ୍କ ବରଯାତ୍ରୀ ଦଳ ବାହାରିଥିଲେ। ଢୋଲ, ବାଦ୍ୟ ଓ ବାଣ ରୋଷଣୀ ସହ ବିମାନରେ ଶ୍ରୀରାମଙ୍କୁ ଧରି ଟିକରପଡା ଗ୍ରାମସ୍ଥ ଦେବୀ ସୀତାଙ୍କ ପିତା ଜନକ ମହର୍ଷି ସାଜିଥିବା ରାମ ସାହୁଙ୍କ ଘରେ ବରଯାତ୍ରୀ ପହଞ୍ଚିଥିଲେ। ଶ୍ରୀରାମଙ୍କ ପିତା ଦଶରଥ ସାଜିଥିବା ଜାମୁଖୋଲ ଗ୍ରାମର ଗଜେନ୍ଦ୍ର ମଲ୍ଲିକ ବେଦିରେ ବସି ଶ୍ରୀରାମ ଓ ସୀତା ଦେବୀଙ୍କ ବିବାହ କରାଇଥିଲେ। ବିବାହ ଉତ୍ସବ ସାରି ବିଳମ୍ବିତ ରାତିରେ ଶ୍ରୀରାମ ସୀତାଙ୍କୁ ଧରି ଶ୍ରଦ୍ଧାଳୁମାନେ ଅଯୋଧ୍ୟା ନଗରୀ ସାଜିଥିବା ଜାମୁଖୋଲ୍ ଗ୍ରାମକୁ ଫେରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଗୌର ମଲ୍ଲିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ବିଦ୍ୟୁତ୍ ଦେୟ ବାବଦକୁ ଧାନ ଜମାଦେଲେ

## ମିଳିନି ଟୋକନ, ବିକ୍ରି ହୋଇନି ଧାନ

**ଭେଡ଼େନ,୨୫।୨(ହୃଷୀକେଶ ଖମାରୀ)**



ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଆଗରେ ଗଦା କରିଥିବା ଧାନ।



ବିକ୍ରି ହୋଇ ପାରି ନଥିବା ସମ୍ପୃକ୍ତ ଚାଷୀଙ୍କ ଧାନ।

ବରଗଡ଼ ଜିଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ୩ ମାସ ବିତିଯାଇଛି। ମାତ୍ର ଏପର୍ଯ୍ୟନ୍ତ ଜିଲାର ବିଭିନ୍ନ ସ୍ଥାନରେ ହଜାର ହଜାର ବସ୍ତା ଧାନ ବିକ୍ରିଅପେକ୍ଷାରେ ରହିଛି। ଧାନ ବିକ୍ରି କରି ପାରି ନ ଥିବାରୁ ଚାଷୀଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ପରିବାର ଗୁଜରାଣ ମେଣ୍ଟାଇବା କଷ୍ଟସାଧ ହୋଇପଡୁଥିବାବେଳେ ବିଦ୍ୟୁତ୍ ଦେୟ ପୈଠ, ପିଲାଙ୍କ ପଢ଼ା ଖର୍ଚ୍ଚ, ଋଣ ପରିଶୋଧ ଆଦି କ୍ଷେତ୍ରରେ ଚାଷୀମାନଙ୍କୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଛି।

ମଙ୍ଗଳବାର ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ କୁଶନପୁରୀ ଗ୍ରାମରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ଧାନ ବିକ୍ରି କରିପାରି ନ ଥିବାରୁ ଉକ୍ତ ଗ୍ରାମର ଚାଷୀ ରମେଶ ମହାପାତ୍ର ବକେୟା ବିଦ୍ୟୁତ୍ ଦେୟ ପୈଠ ବାବଦକୁ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ୪ ବସ୍ତା ଧାନ ଗଦାକରି ଜମାଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ରମେଶ ଏବଂ ତାଙ୍କ ଭଉଣୀ ସଂଯୁକ୍ତାଙ୍କ ନାମରେ ୮ ଏକର ଚାଷଜମି ରହିଛି। ସେମାନେ ସେଥିରେ ଧାନଚାଷ କରିଥିଲେ। ସେହି ଜମିରୁ ପ୍ରାୟ ୪୦୦ ପ୍ୟାକେଟ୍ ଧାନ ଅମଳ ହୋଇଛି। ମାତ୍ର ଏପର୍ଯ୍ୟନ୍ତ ରମେଶ କିମ୍ବା ସଂଯୁକ୍ତାଙ୍କୁ ଧାନବିକ୍ରି ଟୋକନ ମିଳିନାହିଁ। ଫଳରେ ସେମାନଙ୍କ ଅମଳ ଧାନ ଖଳାରେ ପଡ଼ି ରହିଥିବା ସେମାନେ କହିଛନ୍ତି।

ଅନ୍ୟପଟେ କିଛିଦିନ ତଳେ ରମେଶଙ୍କୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ନୋଟିସ ଦିଆଯାଇଥିଲା। ଉକ୍ତ ନୋଟିସରେ ବକେୟା ବିଦ୍ୟୁତ୍ ଦେୟ ପୈଠ ନ କଲେ ଫେବୃଆରୀ ୨୫ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯିବ ବୋଲି ସୂଚାଇ ଦିଆଯାଇଛି। ତେବେ ଧାନ ବିକ୍ରି କରିପାରି ନ ଥିବାରୁ ସେ ବିଦ୍ୟୁତ୍ ଦେୟ ପୈଠ କରିପାରିନାହାନ୍ତି ଏବଂ ଦେୟ ପୈଠ ପାଇଁ ସେ ସେଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ରମେଶ କହିଛନ୍ତି। ଅପରପକ୍ଷେ ଧାନ ଆଣିବାକୁ ସେମାନେ କହି ନ ଥିଲେ ଏବଂ ସମ୍ପୃକ୍ତ ଚାଷୀଙ୍କୁ ଧାନ ନେଇଯିବାକୁ କୁହାଯାଇଛି ବୋଲି ସ୍ଥାନୀୟ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

# ତାଲପାଲିରେ ରତ୍ନମୁଦ ମହୋତ୍ସବ

**ବରଗଡ,୨୫।୨(ପ୍ରେମାନନ୍ଦ ଖମାରୀ)**



ରତ୍ନମୁଦ ମହୋତ୍ସବରେ ଅତିଥି, ଭକ୍ତବୃନ୍ଦ ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତାଲପାଲି ଗ୍ରାମରେ ବୁଧବାର ପରମପୂଜ୍ୟ ସୁବାସ ଚନ୍ଦ୍ର ବାବା ମହାରାଜଙ୍କ ସମାଧି ମନ୍ଦିରର ରତ୍ନମୁଦ ମହୋତ୍ସବ ଅନୁଷ୍ଠିତ ହୋଇଛି। ତାଲପାଲି ଗ୍ରାମବାସୀ, ଆତ୍ମ ଚେତନା ସଂଘ ଓ ଅଞ୍ଚଳବାସୀଙ୍କ ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ପଣ୍ଡିତ ବିଘ୍ନ ରାଜ ହୋତା, ସୁଧାଂଶୁ ଦାଶ, ଦୀପକ ହୋତା, ରାଜା ଦାଶ ପ୍ରମୁଖ ପୂଜାର୍ଚ୍ଚନା କରୁଛନ୍ତି। ସେହିପରି ରାଜା ଦୋରା, ମିତ୍ରଭାନୁ ମାଝୀ, ନବୀନ ପଟେଲ, ଶିବାନନ୍ଦ ସା, ତ୍ରିଲୋଚନ ସା, ନାରାୟଣ ସା ପ୍ରମୁଖ ସସ୍ତ୍ରୀକ ଯାମିନୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ଭଜନ କୀର୍ତ୍ତନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟକ ମନୋରଞ୍ଜନ ମେହେର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୂର୍ବାଦଳ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ବିଶିଷ୍ଟ ଲେଖିକା କମଳିନୀ ଦେବୀ, ମୀନା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବାବାଙ୍କ ବିଭୂତି ଲାଭ କରିଥିଲେ। ଆସନ୍ତା ୨୬ ତାରିଖ ଏହି ସମାଧି ମନ୍ଦିରର ରତ୍ନମୁଦ ଉତ୍ସବ ମହାସମାରୋହରେ ସମ୍ପନ୍ନ ହେବ ବୋଲି ମହୋତ୍ସବ ସମିତି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

# ଶିବିରରେ ୧୨୫ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ବରଗଡ,୨୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବୁଧବାର ରୋଟାରୀ କ୍ଲବ ଅଫ ବରଗଡ ସେଣ୍ଟ୍ରାଲ ଏବଂ ଡା. ନିଶାନ୍ତ ଦେବତାଙ୍କ ମିଳିତ ଆନୁକୁଲ୍ୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୫ ଜଣ ରୋଗୀ ମାଗଣାରେ ବିଭିନ୍ନ ପରୀକ୍ଷା କରାଇ ଉପକୃତ ହୋଇ ଥିଲେ। ଆଶିଷ ପନସାରୀଙ୍କ ନେତୃତ୍ୱରେ ଉମେଶ ଅଗ୍ରୱାଲ, ପିୟୁଶ ଚୌଧୁରୀ, ମନୋଜ ବିର୍ମିୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ସ୍ତ୍ରୀ ହତ୍ୟା ମାମଲା: ଅଭିଯୁକ୍ତ ସ୍ୱାମୀ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ,୨୫।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଦୌରାଜଜ୍ ପ୍ରତାପ କୁମାର ପାତ୍ର ଏକ ହତ୍ୟା ମାମଲାର ବିଚାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ବୁଧବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନା ଅନୁସାରେ, ବୌଦ୍ଧ ଥାନା ଗୁଡପଡା ଗ୍ରାମର କେଟା ନାୟକଙ୍କ ଝିଅ ମିତା ବେହେରାଙ୍କୁ ବୌଦ୍ଧ ଥାନା ନାଗପାଲି ଗ୍ରାମର ସାର୍ତ୍ତିକ ବେହେରା ବିବାହ କରିଥିଲେ। ଗତ ତା୧।୧୦।୨୩ ରିଖ ରାତିରେ ପାରିବାରିକ କଳହ କାରଣରୁ ସାର୍ତ୍ତିକ ମିତାଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ। ଖବର ପାଇ ମିତାଙ୍କ ପରିବାର ଲୋକେ ନାଗପାଲି ଗ୍ରାମକୁ ଯାଇ ତାଙ୍କୁ ଉଦ୍ଧାର କରି ପ୍ରଥମେ ବୌଦ୍ଧ ମେଡିକାଲ ଓ ପରେ ବୁର୍ଲା ମେଡିକାଲକୁ ନେଇଥିଲେ। ସେଠାରୁ ବୁର୍ଲାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମିତାଙ୍କ ମୃତ୍ୟୁ ଘଟିଥିଲା। ଏପଟେ ଘଟଣା ପରଦିନ ମିତାଙ୍କ ମା' ଲକ୍ଷ୍ମୀ ବେହେରା ଏ ନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୩୨/୨୩) ରୁଜୁ କରି ତଦନ୍ତ କରିଥିଲା ଏବଂ ଅଭିଯୁକ୍ତ ସାର୍ତ୍ତିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ଏହି ମାମଲା ଜିଲା ଦୌରାଜଜ୍ଙ୍କ ଅଦାଲତରେ (ଏସ୍‌ଟି କେସ୍ ନଂ.୭/୨୪)ରେ ବିଚାର ହୋଇଥିଲା। ସରକାରଙ୍କ ପକ୍ଷରୁ ୨୬ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ସାର୍ତ୍ତିକଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ କୁମାର ମହାରଣା ମାମଲା ପରିଚାଳନା କରୁଥିଲେ।

# ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ



 କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି ।

## ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦ

**ବୌଦ୍ଧ,୨୫।୨(ଅଜିତ କୁମାର ବାରିକ)**

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଦୁଇ କେନ୍ଦ୍ର ମନ୍ତ୍ରୀ ଓ ଜଣେ ସାଂସଦ ଅଶାଳୀନ ମନ୍ତବ୍ୟ ଦେବା ପ୍ରତିବାଦରେ ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବୌଦ୍ଧ ଜିଲା କଂଗ୍ରେସ ସଭାନେତ୍ରୀ ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀମାନେ ଦୁଇ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂ ପୁରୀ, କିରଣ ରିଜିଜୁ ଏବଂ ସାଂସଦ ନିଶିକାନ୍ତ ଦୁବେ ରାହୁଲ ଗାନ୍ଧୀଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ସେମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଦାବି କରିଥିଲେ। ଏଥିସହ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସୁରେନ୍ଦ୍ର ସାହୁ, ସୁମିତ୍ରା ପେରା, ଉଦ୍ଧବ ବେହେରା, ବିଷ୍ଣୁ ଚରଣ ବେହେରା, ଉତ୍ତମ ବେହେରାଙ୍କ ସମେତ ବହୁ ସଂଖ୍ୟା କଂଗ୍ରେସ ନେତା ଓ କର୍ମୀ ସାମିଲ ଥିଲେ।

# ବାର୍ଷିକୋତ୍ସବ, ସୀତା ବିବାହ କାର୍ଯ୍ୟ ସମ୍ପନ୍ନ

**ବରପାଲି,୨୫।୨(ଚିତ୍ତରଞ୍ଜନ ସାହୁ)**



ସୀତାବିବାହ କାର୍ଯ୍ୟ ସମ୍ପନ୍ନ।

ବରପାଲି ୱାର୍ଡ ନଂ ୨ ଶାନ୍ତିନଗର ପଡ଼ାରେ ନବ ନିର୍ମିତ ଆଶୁତୋଷ ବାବା ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପୌରାଣିକ କଥା ବସ୍ତୁକୁ ନେଇ ରାମାୟଣରେ ଆଧାରିତ ସୀତା ବିବାହ ଅନୁଷ୍ଠିତ ହୋଇଯାଇଛି। ରାମ ଓ ସୀତାବିବାହ ଉତ୍ସବରେ ସୀତାଙ୍କ ପିତା ଓ ମାତା ଭାବରେ ଚିତ୍ତରଞ୍ଜନ ସାହୁ ଓ ପ୍ରଭାତୀ ସାହୁ କର୍ତ୍ତା କାର୍ଯ୍ୟ ତୁଲାଇବା ସାଙ୍ଗକୁ ବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ରୀତିରେ ସମ୍ପନ୍ନ କରିଥିଲେ। ଆଶୁତୋଷ ବାବାଙ୍କ ମନ୍ଦିର ପୂଜାର୍ଚ୍ଚନାରେ କର୍ତ୍ତା ଭାବେ ପଦ୍ମଲୋଚନ ପଣ୍ଡା-ଜୟନ୍ତୀ ପଣ୍ଡା କାର୍ଯ୍ୟ ତୁଲାଇଥିଲେ। ପୂର୍ବାହ୍ନ ୧୧ଟାରେ ମହିଳାମାନଙ୍କ ଏକ ଭବ୍ୟ ଶୋଭାଯାତ୍ରା ମନ୍ଦିରରୁ ବାହାରି ନଗର ପରିକ୍ରମା କରି ବଡ଼ କେନାଲଠାରେ କଳସ ପୂଜା କରି ପୂର୍ଣ୍ଣ କଳସ ଅଣାଯାଇଥିଲା ଏବଂ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ପୌରୋହିତ ଭାବେ କିଶୋର କୁମାର ମିଶ୍ର ଓ ସାଥୀମାନେ କାର୍ଯ୍ୟ ସମ୍ପାଦନା କରିଛନ୍ତି।

# ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ଅଭିଯୋଗ

## ଏସ୍‌ପିଙ୍କୁ ଏତଲା ଦେଲା ଜିଲା କଂଗ୍ରେସ

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ଅଭିଯୋଗରେ ମନ୍ତ୍ରୀ କିରଣ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ଏତଲା ପ୍ରଦାନ କରାଯାଇଛି। ବରଗଡ଼ କଚେରି ପ୍ରାଙ୍ଗଣରୁ କଂଗ୍ରେସ ଦଳର ସମସ୍ତ କର୍ମକର୍ତ୍ତା ଏକତ୍ରିତ ହୋଇ ଜିଲା କଂଗ୍ରେସ ସଭାପତି ହରଦୀପ ସିଂହଙ୍କ ନେତୃତ୍ୱରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ କଂଗ୍ରେସ ଦଳର ସର୍ବମାନ୍ୟ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ପାଇଁ ମନ୍ତ୍ରୀ କିରଣ ରିଜିଜୁ ଓ ସାଂସଦ ନିଶିକାନ୍ତ ଦୁବେଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ପି.ଏସ୍ ମିନିଙ୍କୁ ଲିଖିତ ଏତଲା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରୋଜ କୁମାର ଷଡ଼ଙ୍ଗୀ, ଅନନ୍ତ ଶୟନ ପାଢ଼ୀ, କିଶୋର ଦଫାଦାର, ବ୍ରହ୍ମାନନ୍ଦ ମହାକୁଡ଼, ପ୍ରତାପ ଚନ୍ଦ୍ର ନାୟକ, ଆନନ୍ଦ ପ୍ରଧାନ ଓ ଅନେକ କଂଗ୍ରେସକର୍ମୀ ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ କଂଗ୍ରେସ ନେତୃବୃନ୍ଦ ଅଭିଯୋଗପତ୍ର ଦେଉଛନ୍ତି।

# ଆର୍‌ଏସ୍‌ଏସ୍‌ର ଶହେ ବର୍ଷର ଯାତ୍ରା ଆଲୋଚନାଚକ୍ର

**ବରଗଡ଼,୨୫।୨(ପ୍ରେମାନନ୍ଦ ଖମାରୀ)**




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ)ର ଶହେ ବର୍ଷର ଯାତ୍ରା ନେଇ ମଙ୍ଗଳବାର ବରଗଡ଼ରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆର୍‌ଏସ୍‌ଏସ୍ ପକ୍ଷରୁ ବରଗଡ଼ ସାମ୍ବାଦିକ ଭବନ ସଭାକକ୍ଷରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଆର୍‌ଏସ୍‌ଏସ୍‌ର ଓଡ଼ିଶା ପୂର୍ବ ଓ ଓଡ଼ିଶା ପଶ୍ଚିମ ପ୍ରାନ୍ତର ପ୍ରଚାର ପ୍ରମୁଖ ସୃଷ୍ଟିଧର ବିଶ୍ୱାଳ ଯୋଗଦାନ କରିଥିଲେ। ସଂଘର ଶହେ ବର୍ଷର ଯାତ୍ରା ବିଷୟରେ ସେ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିଥିଲେ। ଆମର ପୂର୍ବଜମାନେ ସଂସ୍କୃତି ପ୍ରତି ସଚେତନ ଥିଲେ, ମାତ୍ର ଏବେ ସମାଜରେ ସେଥିରେ କିଭଳି ବ୍ୟତିକ୍ରମ ଦେଖାଦେଇଛି, ସେ ନେଇ ଆଲୋଚନା କରିଥିଲେ। କୁଟୁମ୍ବ ପ୍ରବନ୍ଧନ, ପର୍ଯ୍ୟାବରଣ, ନାଗରିକ ଶିଷ୍ଟାଚାର, ସ୍ୱଦେଶୀ, ଆଦି ବିଷୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପର୍ଯ୍ୟାବରଣ ଓ ଛୁଆଁଅଛୁଆଁ ଭେଦଭାବ ସମାଜରେ ଏକ ବଡ଼ ସମସ୍ୟା ଏବଂ ଏହାର ଦୂରୀକରଣ କିପରି ହେବ ଏହାକୁ ସମାଜରେ ସବୁ ବର୍ଗର ଲୋକମାନଙ୍କୁ ସଚେତନତା ଆବଶ୍ୟକତା ଅଛି ବୋଲି ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ହିନ୍ଦୁମାନେ ସଚେତନ ହେଲେ ସମାଜ ନିଶ୍ଚିତ ପରିବର୍ତ୍ତନ ହେବ। ଖବରଦାତାମାନେ ହିଁ ସମାଜର ଦାୟିତ୍ୱବାନ ଜାଗ୍ରତ ପ୍ରହରୀ। ଏମାନେ ସମାଜ ପରିବର୍ତ୍ତନର ଏକ ବାହକ। ଫଳରେ ଖବରଦାତାମାନେ ମଧ୍ୟ ଅଧିକ ଦାୟିତ୍ୱ ନେବାର ଅଛି ବୋଲି ହୋତା ମତବ୍ୟକ୍ତ କରିଥିଲେ। ଜିଲା ପ୍ରଚାରକ ବିଭୂତି ଭୂଷଣ ବେହେରା କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ବରଗଡ଼ ନଗରର ସଂଘ ଚାଳକ ଆନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଭୂତମୁଣ୍ଡା ଜୟ ବୁଢ଼ାରଜା କ୍ରିକେଟ କପ୍ ଉଦ୍‌ଘାଟିତ

**ପାଇକମାଳ,୨୫।୨(ବଢ଼ ଶତପଥୀ)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଭୂତମୁଣ୍ଡାରେ ୬ଷ୍ଠ ଜୟ ବୁଢ଼ାରଜା କ୍ରିକେଟ କପ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ କମିଟି ସଦସ୍ୟ ଜଗଦୀଶ ନାୟକ, ସୁବାସ ଚନ୍ଦ୍ର ମହାନ୍ତି, ସତାର ମାଝୀ, ଲବ ପଟେଲ, ନୃପରାଜ ମାଝୀ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ଭୂତମୁଣ୍ଡା ଓ କାଂସଡା ମଧ୍ୟରେ ଭୂତମୁଣ୍ଡା ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଭୂତମୁଣ୍ଡା ଓ ଦର୍ଲିମୁଣ୍ଡା ମଧ୍ୟରେ ଦର୍ଲିମୁଣ୍ଡା ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଦର୍ଲିମୁଣ୍ଡା ଓ ଢେଙ୍କିମୁଣ୍ଡା ମଧ୍ୟରେ ଢେଙ୍କିମୁଣ୍ଡା ବିଜୟୀ ହୋଇଥିଲା। ସ୍କୋରର ଯଦୁମଣି ମାଝୀ, ଶଶୀଭୂଷଣ ପଟେଲ ଥିବା ବେଳେ ଜୟକାନ୍ତ ମାଝୀ, ହେମନ୍ତ ମାଝୀ, ସାର୍ଥକ ମହାନ୍ତି ଖେଳ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ମହାନ୍ତି ଧାରାବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁଙ୍କ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇକ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁ ଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

**(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ୱଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଳ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିନ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧୀକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

# ହତ୍ୟା ଉଦ୍ୟମ: ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲଦଣ୍ଡ

**ରାଉରକେଲା,୨୫।୨(ସଙ୍ଗୀତା ଜେନା):** ପ୍ରଥମ ଓ ଅତିରିକ୍ତ ଜିଲା ଏବଂ ଦୌରାଜଜ୍ ମୁକ୍ତିରଞ୍ଜନ ଶତପଥୀ ବୁଧବାର ଏକ ମାମଲାର ବିଚାର କରି ୨ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ କ୍ଷେତ୍ରରେ ଅତିରିକ୍ତ ୨ମାସ କାରାଦଣ୍ଡ ନିର୍ଦ୍ଦେଶ ରହିଛି। ଉକ୍ତ ଅଭିଯୁକ୍ତ ଦ୍ୱୟ ହେଲେ ବିଶ୍ରା ଥାନା ଅଞ୍ଚଳର ସୋମବାରୀ ଭୂମିଜ(୩୦) ଓ ଅନୀଲ ମୁଣ୍ଡାରୀ(୨୨)। ୨୦୨୩ରେ ବିଶ୍ରା ଥାନା ଅଞ୍ଚଳରେ ଏହି ହତ୍ୟା ଉଦ୍ୟମ ମାମଲାକୁ ପୋଲିସ ଅଧିକାରୀ ଭଗବାନ ପୂଜାରୀ ଯାଞ୍ଚ କରୁଥିଲେ। ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଦସ୍ତାବିଜ୍‌କୁ ଆଧାର କରି ଏହି ଦଣ୍ଡାଦେଶ କରାଯାଇଛି। ସରକାରୀ ଓକିଲ ଅମ୍ବିକା ପ୍ରସାଦ ସିଂ ଓ ରବିଶଙ୍କର ମିଶ୍ର, ଡେପୁଟି ଡାଇରେକ୍ଟର କହ୍ନେଇଲାଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ମାମଲା ପରିଚାଳନା ହୋଇଥିଲା। ରାୟ ପରେ ଅଭିଯୁକ୍ତ ଦ୍ୱୟଙ୍କୁ ଜେଲକୁ ପଠାଇ ଦିଆଯାଇଥିଲା।


ବୁଧବାର ସେକ୍ଟର-୧୬ ପିଏଚ୍ କଲୋନୀ ନିକଟସ୍ଥ ଜଙ୍ଗଲରେ ଲାଗିଥିବା ନିଆଁକୁ ଆର୍‌ଏସ୍‌ପି ଅଗ୍ନିଶମ ବାହିନୀ ପାଣି ପକାଇ ଆୟତ୍ତ କରୁଛନ୍ତି। (ଫଟୋ: ସଙ୍ଗୀତା ଜେନା)

# ବିକଶିତ ଭାରତ ଯୁବ ସଂସଦ ପ୍ରାର୍ଥୀ ଚୟନ ଶେଷ

**ରାଉରକେଲା,୨୫।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ସୁନ୍ଦରଗଡ଼ ଜିଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମାପନ ହୋଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୪୦ ଜଣ ଛାତ୍ରୀଛାତ୍ର ବକ୍ତୃତା ପ୍ରତିଯୋଗିତାରେ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରୁ ୩ ଛାତ୍ର ଓ ୨ ଛାତ୍ରୀ ଭୁବନେଶ୍ୱରଠାରେ ଆସନ୍ତା ମାସରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ପରବର୍ତ୍ତୀ ସମୟରେ ରାଜ୍ୟସ୍ତରରୁ ଅଖିଳ ଭାରତୀୟ ସ୍ତରରେ ଦିଲ୍ଲୀରେ ସମାପନ କାର୍ଯ୍ୟକ୍ରମ ହେବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଲକ୍ଷ୍ୟ ନେଇ ଯୁବପିଢ଼ିଙ୍କ ସାମଗ୍ରିକ ଯୋଗଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ। ପଚାଶ ବର୍ଷର ପୂର୍ତ୍ତି ଉପଲକ୍ଷେ ଚଳିତ ବର୍ଷର ବିଷୟବସ୍ତୁ ହେଉଛି ଜରୁରୀକାଳୀନ ପରିସ୍ଥିତିର ଗଣତନ୍ତ୍ର ଉପରେ ପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ହରିହର ଦାଶ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ଚାନ୍ଦିନୀ ମୁଖ୍ୟ ଅତିଥି, ଡ. ସନାତନ ପ୍ରଧାନ ବିଶେଷ ଅତିଥି ଏବଂ ବିଜୟଲକ୍ଷ୍ମୀ ଦେଓ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଭାରତର ଉଜ୍ଜ୍ୱଳ ଭବିଷ୍ୟତ, ଗଣତନ୍ତ୍ର ରାଷ୍ଟ୍ରରେ ନାଗରିକ କର୍ତ୍ତବ୍ୟ ଓ ରାଷ୍ଟ୍ର ପ୍ରତି ସମର୍ପଣ ଭାବ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଦୀପ୍ତ କୁମାର ମିଶ୍ର, ଅଚିନ୍ତ୍ୟ ନାରାୟଣ ଜେନା, ସତ୍ୟାନନ୍ଦ ବେହେରା, ଚନ୍ଦ୍ରଲେଖା ପଣ୍ଡା ଓ ଅର୍ଘଦୀପ ବାନାର୍ଜୀ ବିଚାରକ ଭାବେ ଯୋଗଦାନ କରିଥିଲେ। ସୁନ୍ଦରଗଡ଼ ଜିଲା ଜାତୀୟ ସେବା ସଂସ୍ଥାର ସଂଯୋଜିକା ଡ. ଦିବ୍ୟକାନ୍ତି ବିଲୁଙ୍ଗଙ୍କ ତତ୍ତ୍ୱାବଧାନ ଏବଂ ସୁଦିପ୍ତୀ କେରକେଟା ଓ ଦିପ୍ତିରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଦେହୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# କୁଆଁରମୁଣ୍ଡା ବନାଞ୍ଚଳରେ ଦନ୍ତା, ଲୋକେ ଭୟଭୀତ

**କୁଆଁରମୁଣ୍ଡା,୨୫।୨(ମହେନ୍ଦ୍ର କୁମାର ସାହୁ):** ରାଉରକେଲା ବନଖଣ୍ଡ କୁଆଁରମୁଣ୍ଡା ରେଞ୍ଜ୍ ଅନ୍ତର୍ଗତ ପଦମପୁର ଓ ଡୁମେରଯୋର ପଞ୍ଚାୟତ ଅଞ୍ଚଳରେ ଗତ ୩ ଦିନ ହେଲା ଏକ ଦନ୍ତା ବୁଲୁଛି। ହାତୀଟି ଜଙ୍ଗଲ ଭିତରେ ନ ରହି ନଦୀପାର୍ଶ୍ୱ ଗ୍ରାମାଞ୍ଚଳ ନିକଟରେ ରହୁଥିବାରୁ ଲୋକେ ଭୟଭୀତ ହେଉଛନ୍ତି। ଉକ୍ତ ହାତୀଟି ଗ୍ରାମ ନିକଟରେ ବୁଲୁଥିବା ବେଳେ କାହାରି କିଛି କ୍ଷତି କରୁ ନ ଥିବାରୁ କେତେଜଣ ଲୋକ ଏହାକୁ କେଉଁଠାରୁ ପଳାଇ ଆସିଥିବା ପୋଷାହାତୀ ହୋଇଥାଇପାରେ ବୋଲି ଆଲୋଚନା କରୁଛନ୍ତି। ମାତ୍ର ଏହା ପୋଷାହାତୀ ନୁହେଁ ବୋଲି ସ୍ଥାନୀୟ ବନ ରେଞ୍ଜ୍ ଅଧିକାରୀ ପଞ୍ଚନାରାୟଣ ସରାଫ୍ କହିଛନ୍ତି। ଏହାସହ ପ୍ରତିଦିନ ଉକ୍ତ ହାତୀର ଗତିବିଧି ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଦିଆଯାଉଛି ବୋଲି ରେଞ୍ଜର ସରାଫ୍ କହିଛନ୍ତି।

# ଏଡିଏମ୍‌ଙ୍କୁ ଦେଲେ ୧୧ ଦଫା ଦାବିପତ୍ର

## ବିରୋଧ ଦିବସ ପାଳିଲା ବିଏମ୍‌ଏସ୍

**ରାଉରକେଲା,୨୫।୨(ସଙ୍ଗୀତା ଜେନା)**

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)ର ପୁରୀ ରାଷ୍ଟ୍ରୀୟ ଅଧିବେଶନର ନିଷ୍ପତ୍ତି ଅନୁଯାୟୀ ଫେବୃଆରୀ ୨୫ତାରିଖରେ ଦେଶବ୍ୟାପୀ ବିରୋଧ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ବିଏମ୍‌ଏସ୍ ରାଉରକେଲା ଶାଖା ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ଦିବସ ପାଳନ କରାଯାଇଛି। ବିଏମ୍‌ଏସ୍‌ର ସୁନ୍ଦରଗଡ଼ ଜିଲା ସମ୍ପାଦକ ଅମର ଭୂୟାଁଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବି ମଧ୍ୟରେ ସମସ୍ତ କ୍ଷେତ୍ର ଓ ବର୍ଗର ଶ୍ରମିକ ପାଇଁ ଶ୍ରମ ଆଇନ କଡାକଡ଼ି ଲାଗୁ କରିବା, ଶିଳ୍ପ ସମ୍ପର୍କ କୋଡ୍ ୨୦୨୦ ଓ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟସ୍ଥିତି କୋଡ୍ ୨୦୨୦ରେ ଥିବା ଶ୍ରମିକ ବିରୋଧୀ ନିୟମ ସଂଶୋଧନ, ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଭାରତୀୟ ଶ୍ରମ ସମ୍ମିଳନୀ କରିବା ସହ ବିଭିନ୍ନ ତ୍ରିପାକ୍ଷିକ କମିଟି ଗୁଡ଼ିକର ପୁନର୍ଗଠନ କରି ନିୟମିତ ବୈଠକ ଆଦି ରହିଛି। ଉକ୍ତ ବିକ୍ଷୋଭରେ ଅଖିଳ ଭାରତୀୟ ପଦାଧିକାରୀ ତଥା ଉଦ୍ୟୋଗ ପ୍ରଭାରୀ (ଇସ୍ପାତ) ହିମାଂଶୁ ବଳ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟା ସମିତା ମିଶ୍ର, ସୁରେନ୍ଦ୍ର କଂସାରୀ, ରାଜେନ୍ଦ୍ର ନାଥ ମହାନ୍ତ, ଉମାକାନ୍ତ ସାମଲଙ୍କ ସମେତ ସୁନ୍ଦରଗଡ଼ ଜିଲା ବିଏମ୍‌ଏସ୍ ସହବନ୍ଧିତ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ସଂଘର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ୫୦ ଦିନରେ ପହଞ୍ଚିଲା ବିକ୍ଷୋଭ



ବିଶ୍ରା ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ରାଉରକେଲା,୨୫।୨(ସଙ୍ଗୀତା ଜେନା)**

## ଇଏସ୍‌ଆଇସି ହସ୍ପିଟାଲ ଦାବି

ରାଉରକେଲାରେ କର୍ମଚାରୀ ରାଜ୍ୟ ବୀମା ନିଗମର ମେଡିକାଲ କଲେଜ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଚାଲିଥିବା ଧାରଣା ବୁଧବାର ୫୦ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଅପରାହ୍ନ ୫ଟାରେ ଇଏସ୍‌ଆଇସି କ୍ରିୟାନୁଷ୍ଠାନ କମିଟି ରାଉରକେଲା ଓ ହିନ୍ଦ୍ ମଜଦୁର ସଭା ପକ୍ଷରୁ ବିଶ୍ରା ଛକରେ ବିକ୍ଷୋଭ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାର ରାଉରକେଲାକୁ ଅଣଦେଖା କରିଚାଲିଛନ୍ତି। ଏହାର ଉଦାହରଣ ରାଉରକେଲାରେ କର୍ମଚାରୀ ରାଜ୍ୟ ବୀମା ନିଗମ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ରାଉରକେଲା ପରିବର୍ତ୍ତେ ଭୁବନେଶ୍ୱରରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ରାଉରକେଲାରେ ନିତାନ୍ତ ଜରୁରୀ ଓ ରାଉରକେଲାର ଜନସାଧାରଣଙ୍କ ଜରୁରୀ ସ୍ୱାସ୍ଥ୍ୟସେବା ଆବଶ୍ୟକ। ଏଥିସହିତ ଇଏସ୍‌ଆଇସି ଅଧିକ ବିମାଭୁକ୍ତ ବ୍ୟକ୍ତି ରାଉରକେଲାରେ ରହୁଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରିବାକୁ ବିକ୍ଷୋଭକାରୀମାନେ ଚେତାବନୀ ଦେଇଛନ୍ତି। ଉକ୍ତ ବିକ୍ଷୋଭରେ ହିନ୍ଦ୍ ମଜଦୁର ସଭାର ଦିଗମ୍ବର ମହାନ୍ତି, ଗଗନ ସାହୁ, ନିର୍ମଳ ଦାସ, ଚକ୍ରାନ୍ତ ଜେନା, ନଟବର ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ୪୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା,୨୫।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ମ୍ୟୁନିସିପାଲ କଲେଜର ୪୫ତମ ତିନି ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ହାଇଟେକ ମେଡିକାଲ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫେସର ଡା. ରାକେଶ ପାଣିଗ୍ରାହୀ ସମ୍ମାନିତ ଅତିଥି, ଅନ୍ତର୍ଜାତୀୟ କୋଚ୍ ଡ. ଶିବ ପ୍ରସାଦ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ମ୍ୟୁନିସିପାଲ କଲେଜ ଏକ କ୍ରୀଡ଼ା ହବ୍ ବୋଲି କହିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଯୁକ୍ତ ୨ ବାଳକ ବିଭାଗରେ ଆୟୁଷ୍ମାନ ମହାପାତ୍ର, ବାଳିକା ବିଭାଗରେ ଆଞ୍ଜେଲିନା ଟିଗା ଏବଂ ଯୁକ୍ତ ୩ ବାଳକ ବିଭାଗରେ ମହାବୀର ଖଡିଆ, ବାଳିକା ବିଭାଗରେ ବିଶାଖା ସା ଚାମ୍ପିୟନ ହୋଇ ଟ୍ରଫି ଏବଂ ମାନପତ୍ର ଗ୍ରହଣ କରିଥିଲେ। ଖେଳ ଶିକ୍ଷକ କ୍ୟାପଟେନ ସତ୍ୟ ନାରାୟଣ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ସୁବାସ ଚନ୍ଦ୍ର ବଳ, ସତ୍ୟ ରଞ୍ଜନ ପଣ୍ଡା, ଅଜୟ କୁମାର ରାଉତ, ସନ୍ଧ୍ୟାରାଣୀ ପରିଡ଼ା, କିରଣ ଏରିକା ଖାଲଖୋ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସେଲ୍ ସାବାସ ଯୋଜନାରେ ୨୧ କର୍ମଚାରୀ ପୁରସ୍କୃତ



ଅତିଥିମାନଙ୍କ ଗହଣରେ ପୁରସ୍କୃତ କର୍ମଚାରୀ।

**ରାଉରକେଲା,୨୫।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ମେଲ୍ଟିଂ ଶପ୍-୧ ବିଭାଗୀୟ ସମ୍ମିଳନୀ ହଲରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ଏସ୍‌ଏମ୍‌ଏସ୍-୧ ବିଭାଗର ଅଧିକାରୀଙ୍କ ସମେତ ୨୧ ଜଣ କର୍ମଚାରୀଙ୍କୁ ସେଲ୍ ସାବାସ୍ ଯୋଜନା ଅଧୀନରେ ଉତ୍ପାଦନ, ଗୁଣବତ୍ତା ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି। ଏସ୍‌ଏମ୍‌ଏସ୍-୧ ବିଭାଗର ସିଜିଏମ୍ ବି. ସୁନୀଲ କାର୍ଥା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୭ ଜଣ କର୍ମଚାରୀଙ୍କୁ ସେଲ୍ ସାବାସ୍ ଯୋଜନା ବର୍ଗ-୧ ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ୧୪ ଜଣଙ୍କୁ ସେଲ୍ ସାବାସ୍ ଯୋଜନାର ବର୍ଗ-୨ ଅଧୀନରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଉତ୍ସବରେ ଏସ୍‌ଏମ୍‌ଏସ୍-୧ ବିଭାଗର ଜିଏମ୍ ମେକାନିକାଲ୍ ସି. ତିର୍କୀ, ଜିଏମ୍ ଇଲେକ୍ଟ୍ରିକାଲ ପି. ନାଥ, ଜିଏମ୍ ଅପରେଶନ ସମ୍ମିତ ପଟ୍ଟନାୟକ, ଆର୍. ଏସ୍ ଫ୍ଲୋରା ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏସ୍‌ଏମ୍‌ଏସ୍-୧ ବିଭାଗର ଏଜିଏମ୍ ଅନତ ଅନିକେତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଡିଆର୍‌ଏମ୍‌ଙ୍କ ରାଉରକେଲା ଷ୍ଟେଶନ ପରିଦର୍ଶନ

**ରାଉରକେଲା,୨୫।୨(ସଙ୍ଗୀତା ଜେନା)**

ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁର ଡିଆର୍‌ଏମ୍ ତରୁଣ ହୁରିଆ ବୁଧବାର ଏକଦିବସୀୟ ରାଉରକେଲା ଷ୍ଟେଶନ ପରିଦର୍ଶନରେ ଆସିଥିଲେ। ସକାଳେ ସେ ଝାରସୁଗୁଡ଼ା ଷ୍ଟେଶନ ଓ ପରିଦର୍ଶନ କାର୍ଯ୍ୟ ସମୀକ୍ଷା କରିବା ପରେ ଅପରାହ୍ନ ସାଢ଼େ ୩ଟାରେ ସ୍ୱତନ୍ତ୍ର ସାଲୁନ୍‌ରେ ରାଉରକେଲା ଆସିଥିଲେ। ସେ ପ୍ଲାଟଫର୍ମ ନଂ-୬, ନୂତନ ରେଳ ଧାରଣା ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଷ୍ଟେଶନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ବନ୍ଧମୁଣ୍ଡା ଅଭିମୁଖେ ଯାତ୍ରା କରିଥିଲେ।


ଡିଆର୍‌ଏମ୍ ରେଲୱେ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

# ରାଉରକେଲା କ୍ଲବରେ ହସ୍ତଶିଳ୍ପ ଉତ୍କର୍ଷ ପ୍ରଦର୍ଶନୀ

**ରାଉରକେଲା,୨୫।୨(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଇସ୍ପାତ କାରଖାନାର ସିଏସ୍‌ଆର ବିଭାଗ ପକ୍ଷରୁ ରାଉରକେଲା କ୍ଲବରେ ଗତ ଫେବୃଆରୀ ୨୧ ତାରିଖ ସନ୍ଧ୍ୟାରେ ଏକ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀ ଲାଠିକଟା ବ୍ଲକର ସୁଇଡିହ ଗ୍ରାମପଞ୍ଚାୟତ ଏବଂ ନୂଆଗାଁ ବ୍ଲକର ନୂଆଗାଁ ଗ୍ରାମପଞ୍ଚାୟତରେ ଆର୍‌ଏସ୍‌ପିର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସ ଅଧୀନରେ ପ୍ରତିଷ୍ଠିତ ତାଲିମ-କମ୍-ଉତ୍ପାଦନ କେନ୍ଦ୍ର (ଟିସିପିସି)ରେ ପ୍ରସ୍ତୁତ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଏକ ସମୁଚିତ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଥିଲା। ରାଞ୍ଚିର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଲିଡ୍' ସହାୟତା ପ୍ରାପ୍ତ ନୂଆଗାଁର ଟିସିପିସି ଜଟିଳ କନ୍ଥା ସିଲେଇ ଏବଂ ପାରମ୍ପରିକ ସୋହରାଇ ଚିତ୍ରକଳା ସହିତ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକର ଏକ ପ୍ରଭାବଶାଳୀ ପରିସର ପ୍ରଦର୍ଶନ କରିଥିଲା। ଷ୍ଟଲଗୁଡ଼ିକରେ ସୁନ୍ଦର କନ୍ଥା ଚିତ୍ର, ଫଟୋ ଫ୍ରେମ୍, ଶାଢ଼ି, ବିଛଣା ଚାଦର, ରୁମାଲ, ଟେବୁଲ କ୍ଲଥ୍, ମହିଳାପୁରୁଷଙ୍କ କୁର୍ତ୍ତା ସେଟ୍, ତକିଆ କଭର ଏବଂ କୁଶନ କଭର ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଏହି ଅଞ୍ଚଳର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କାରିଗରିକୁ ପ୍ରତିଫଳିତ କରିଥିଲା। ଟିସିପିସି ସୁଇଡିହର ପଟ୍ଟଚିତ୍ର ବିଭାଗ ଅନୁରୂପ ଭାବେ ମନମୁଗ୍ଧକର ଥିଲା। ବିଭିନ୍ନ ଆକାର ଏବଂ ମୋଟିଫରେ କଳାତ୍ମକ ଫଟୋ ଫ୍ରେମ୍ ସହିତ କାନଭାସ୍ ଓ ନଡ଼ିଆ କୋଷରେ ନିର୍ମିତ ଉତ୍କୃଷ୍ଟ ପଟ୍ଟଚିତ୍ର କଳାକୃତି ପ୍ରଦର୍ଶନ ହୋଇଥିଲା। ପ୍ରଦର୍ଶନୀଟି ପାରମ୍ପରିକ କଳା ଫର୍ମଗୁଡ଼ିକୁ ପୁନରୁଦ୍ଧାର କରିବାରେ ଆର୍‌ଏସ୍‌ପିର କେନ୍ଦ୍ରିତ ପ୍ରୟାସକୁ ପ୍ରତିଫଳିତ କରିଥିଲା ଏବଂ କାରିଗର ବିଶେଷ କରି ମହିଳାମାନଙ୍କ ସ୍ଥାୟୀ ଆୟ ଅର୍ଜନ କରିବାରେ ସକ୍ଷମ କରିଥିଲା। ଏଥିରେ ମୋଟ ବିକ୍ରୟ ପ୍ରାୟ ୩୦ ହଜାର ଟଙ୍କା ରହିଥିଲା, ଯାହା ସିଏସ୍‌ଆର ପଦକ୍ଷେପ ସହିତ ଜଡିତ କାରିଗରମାନଙ୍କୁ ସିଧାସଳଖ ଆର୍ଥିକ ଲାଭ ଏବଂ ପ୍ରେରଣା ପ୍ରଦାନ କରିଥିଲା। ସିଏସ୍‌ଆର ବିଭାଗର ଜିଏମ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା ଓ ଜିଏମ୍ ବିଭାବସୁ ମଲିକଙ୍କ ତତ୍ତ୍ୱାବଧାନରେ ବିଭାଗର ଡିଜିଏମ ଆର୍. ଏସ ବାରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ପ୍ରଦର୍ଶନୀରେ କାରିଗରମାନଙ୍କ କଳାକୃତି ସ୍ଥାନ ପାଇଛି।


केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** **(୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ସ୍ୱା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(୨) ଶ୍ରୀ ବିଭୁ ପ୍ରସାଦ ମଲ୍ଲିକ (ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇଜ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁ ଙ୍କ ସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

**(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ)**, ପିତା: ସ୍ୱର୍ଗତ ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, **(ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅଭିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି)**, ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲି: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ। ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧୀକ ଗ୍ରହଣ କରିପାରନ୍ତି। (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

**ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

**ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର**

କୁଚିଣ୍ଡା,(ବିରଞ୍ଚି ଦର୍ଜୀ): କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁଧବାର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏସଡିଏମ୍‌ଓ ଡା.ସୁବୋଧ କୁମାର ନାୟକ, ଡେପୁଟି କଲେକ୍ଟର ସଞ୍ଜୟ ମିଶ୍ର, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ୍ୟ କିଶାନ, ସରପଞ୍ଚ ପ୍ରମୋଦ କିଶାନ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା, ବରିଷ୍ଠ ନାଗରିକ ସଂଘ ସଭାପତି ଧୃରେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ। ୧୦୯ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସଂଘ ଉପସଭାପତି ଭକ୍ତ ବତ୍ସଳ ଶର୍ମା ଓ ଭଦ୍ରଚରଣ କିଷାନ,ସମ୍ପାଦକ ଜନକାମିଲ ଲାକଡ଼ା ସହଯୋଗ କରିଥିଲେ।

## ସଂକ୍ଷେପରେ

### ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ମିଳିଲା ଆମ୍ବୁଲାନ୍ସ



**ରେଢ଼ାଖୋଲ,୨୫।୨(ସନ୍ତୋଷ ବଘାର)**

ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସାଂସଦ ପାଣ୍ଠିରୁ ପ୍ରଦତ୍ତ ଆମ୍ବୁଲାନ୍ସ ବୁଧବାର ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନା ପରିସରରେ ଲୋକାର୍ପିତ ହୋଇଛି। ଉପଜିଲାପାଳ ରଶ୍ମି ରଞ୍ଜନ ମହନ୍ତ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଦେବେନ୍ଦ୍ର ମହାପାତ୍ର, ଜିଲା ଭାଜପା ସଭାପତି ରାମଚନ୍ଦ୍ର ମେହେର ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ରେଢ଼ାଖୋଲବାସୀଙ୍କୁ ଜରୁରୀକାଳୀନ ସେବାରେ ଆମ୍ବୁଲାନ୍ସ ସହାୟତ ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଶରତ ଚନ୍ଦ୍ର ଘୋଡେଇ, ଭାଜପାର ବିଚିତ୍ରାନନ୍ଦ ସାହୁ, ପ୍ରତାପ ପ୍ରଧାନ, ରାଜା ପାଲ, ରାମାନୁଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଥାର୍ ଧକ୍କାରେ ମହିଳା ସଫେଇ କର୍ମଚାରୀ ଗୁରୁତର

**ଗାଡ଼ି ଜବତ, ଚାଳକ ଗିରଫ**

**ସମ୍ବଲପୁର,୨୫।୨(ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ନିଗମ ୱାର୍ଡ ନମ୍ବର ୩୮ ଅନ୍ତର୍ଗତ ସିନ୍ଦୂରପଙ୍କ ଛକରେ ବୁଧବାର ସକାଳେ ଏକ ମହିନ୍ଦ୍ରା ଥାର ଧକ୍କାରେ ଜଣେ ମହିଳା ସଫେଇ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସିନ୍ଦୂରପଙ୍କ ନଭାପଡ଼ାର ପିଙ୍କି ନାଏକ(୩୬)। ତାଙ୍କୁ ଭିମସାରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଅପରପକ୍ଷରେ ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା



କରିବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ପୋଲିସ ଦୁର୍ଘଟଣା ଘଟାଇଥିବା ଥାର୍ (ନଂ.ଓଡି-୧୬-କେ-୨୦୨୨)କୁ ଜବତ କରିବା ସହ ଚାଳକ ଅଇଁଠାପାଲି ଥାନା ଅନ୍ତର୍ଗତ ପ୍ରଧାନପଡ଼ାର ସୌରଭ କୁମାର ଜେନା(୨୪)ଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ସକାଳ ପ୍ରାୟ ସାଢ଼େ ୭ଟାରେ ସନ୍ଦୂରପଙ୍କ ଛକରେ ପିଙ୍କି ରାସ୍ତା ସଫେଇ କରୁଥିଲେ। ଏହି ସମୟରେ ଓଲଟା ରାସ୍ତାରେ ଉକ୍ତ ଥାର ଗାଡ଼ିଟି ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭିମ୍‌ସାର ସ୍ଥାନାନ୍ତର କରିଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନ ପୂର୍ବକ ଚାଳକଙ୍କ ଓଲଟା ରାସ୍ତାରେ ବେପରୁଆ ଗାଡ଼ି ଚାଳନାକୁ ଦାୟି କରିଛନ୍ତି ପ୍ରତ୍ୟକ୍ଷଦର୍ଶୀ ଓ ସ୍ଥାନୀୟ ଲୋକେ। ଏହାକୁ ନେଇ ସଦର ଥାନାରେ ଏକ ମାମଲା(ନଂ.୬୭/୨୬)ରୁଜୁ କରି ପୋଲିସ କାର ଚାଳକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

# ଲକ୍ଷ୍ୟ ହାସଲ ପାଇଁ ସହଯୋଗକୁ ଗୁରୁତ୍ୱ

**ନୀତି ଆୟୋଗ ରାଜ୍ୟ ନୋଡାଲ ଅଫିସରଙ୍କ ସମୀକ୍ଷା ବୈଠକ**



ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

**ନାକଟିଦେଉଳ,୨୫।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲାର ଆକାଂକ୍ଷୀ ବ୍ଲକ ନାକଟିଦେଉଳ ବ୍ଲକର ବିକାଶ କାର୍ଯ୍ୟ ବାବଦରେ କେନ୍ଦ୍ର ନୀତି ଆୟୋଗ ପକ୍ଷରୁ ବୁଧବାର ସୂଚକାଙ୍କ ଲକ୍ଷ୍ୟ ହାସଲ ସଂକ୍ରାନ୍ତରେ ସମୀକ୍ଷା କରାଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷାରେ ନୀତି ଆୟୋଗର ରାଜ୍ୟ ନୋଡାଲ ଅଫିସର ନିକିତା ଗଣ୍ଡୋଲେ ଯୋଗଦେଇଥିଲେ। ଏଥିରେ ମୁଖ୍ୟତଃ ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ସହିତ ପୋଷଣ କାର୍ଯ୍ୟକ୍ରମ, ଶିକ୍ଷା, ପାନୀୟ ଜଳ, କୃଷି ବିଭାଗରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନାର ଅଗ୍ରଗତି ଓ ଲକ୍ଷ୍ୟ ହାସଲ ସଂକ୍ରାନ୍ତ ବିଭିନ୍ନ ପଦକ୍ଷେପ ବାବଦରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗରେ ମାତୃ, ଶିଶୁ ସ୍ୱାସ୍ଥ୍ୟ, ଅଣ ସଂକ୍ରାମକ ରୋଗ, ଜାତୀୟ ଗୁଣବତ୍ତା ସମ୍ପର୍କରେ ସ୍ୱସମୀକ୍ଷା କରାଯାଇଥିଲା। ତେବେ ନୀତି ଆୟୋଗ ପକ୍ଷରୁ ନିର୍ଦ୍ଧାରିତ ସମ୍ପୂର୍ଣ୍ଣତା ଅଭିଯାନ ୨-୦ ରେ ରହିଥିବା ୬ଟି ସୂଚକାଙ୍କକୁ ଆଗାମୀ ଏପ୍ରିଲ ୧୪ ତାରିଖ ମଧ୍ୟରେ ଶତପ୍ରତିଶତ ଲକ୍ଷ୍ୟ ହାସଲ ଦିଗରେ ସମସ୍ତ ବିଭାଗର ସହଯୋଗ ଉପରେ ଗୁରୁତ୍ୱାରୋପ କରିବା ଏ ଦିଗରେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏବିଏଫ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର ଜିଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ, ନାକଟିଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ରଞ୍ଜନ ସାହୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ ଯୋଗଦେଇଥିଲେ। ସମୀକ୍ଷା ବୈଠକ ପରେ ଗଣ୍ଡୋଲେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାକଟିଦେଉଳ ଅଙ୍ଗନବାଡି କେନ୍ଦ୍ର-୧ ଏବଂ ସରାପାଲି ମା' ଦୁର୍ଗା ମାଣ୍ଡିଆ ଉତ୍ପାଦକ କେନ୍ଦ୍ର ପରିଦର୍ଶନ କରିବା ସହ ଅଧିକାରୀ, ଅଙ୍ଗନୱାଡି ଶିଶୁ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ଶିକ୍ଷାନୁଷ୍ଠାନ ପରିସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ବିଦ୍ୟା ବିକାଶ ଛାତ୍ର ଶ୍ଳୋକ ନନ୍ଦନ ଜେଇଇ ମେନ୍ ବି ପ୍ଲାନିଂରେ ଓଡ଼ିଶା ଟପ୍ପର**



ଶ୍ଳୋକ ନନ୍ଦନ ନାଏକ।

**ସମ୍ବଲପୁର,୨୫।୨(ବି.ଶଙ୍କର)**

ବିଦ୍ୟା ବିକାଶ ବିଦ୍ୟାଳୟର ଛାତ୍ର ଶ୍ଳୋକ ନନ୍ଦନ ନାଏକ ଜେଇଇ ମେନ ବି ପ୍ଲାନିଂ ପରୀକ୍ଷାରେ ଓଡ଼ିଶା ଟପ୍ପର ହୋଇଛନ୍ତି । ସେ ୨୦୨୬ ଜେଇଇ ମେନ୍ (ବି. ପ୍ଲାନିଂ) ପରୀକ୍ଷାରେ ୯୯.୨୬ ପ୍ରତିଶତ ନମ୍ବର ହାସଲ କରି ରାଜ୍ୟ ତଥା ସମ୍ବଲପୁର ଏବଂ ବିଦ୍ୟା ବିକାଶ ବିଦ୍ୟାଳୟକୁ ଗୌରାବାନ୍ୱିତ କରିଛନ୍ତି । ଏନଟିଏ ଦ୍ୱାରା ମଙ୍ଗଳବାର ପ୍ରକାଶିତ ତାଲିକାରେ ଶ୍ଳୋକଙ୍କ ନାମ ପ୍ରକାଶ ପାଇଛି। ଏଠାରେ ସେ ପ୍ରବେଶିକା ଏବଂ ବୋର୍ଡ ପରୀକ୍ଷା ପାଇଁ ସମନ୍ୱିତ ବ୍ୟାଚରେ ଆଇଆଇଟି ଜେଇଇ ପ୍ରସ୍ତୁତି କରୁଛନ୍ତି। ତାଙ୍କ ସଫଳତା କଠିନ ପରିଶ୍ରମ, ଶୃଙ୍ଖଳିତ ପ୍ରସ୍ତୁତି ଏବଂ ପ୍ରତିଷ୍ଠାନର ଉତ୍ସର୍ଗୀକୃତ ଅଧ୍ୟାପକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରଣନୈତିକ ଶୈକ୍ଷିକ ମାର୍ଗଦର୍ଶନର ପ୍ରମାଣ ସ୍ୱରୂପ। ସେହିପରି କ୍ୟାମ୍ପସ ଦ୍ୱାରା ଗ୍ରହଣ କରାଯାଇଥିବା ସମନ୍ୱିତ କୋଚିଂ ମଡେଲ, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ସହିତ ବୋର୍ଡ ପାଠ୍ୟକ୍ରମକୁ ମିଶ୍ରଣ କରି, ପୁଣି ଥରେ ଜାତୀୟ ସ୍ତରରେ ଏହାର ପ୍ରଭାବଶାଳୀତା ପ୍ରଦର୍ଶନ କରିଛି ବିଦ୍ୟା ବିକାଶ ଅନୁଷ୍ଠାନ ବୋଲି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି। ଏନେଇ ବୁଧବାର ସମ୍ବଲପୁର ଜିଲା ଶାସନ ସ୍ଥିତ ଶିକ୍ଷାନୁଷ୍ଠାନ ପରିସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ବିକାଶ ଦି କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି ମଧ୍ୟ କୃତୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଦ୍ୟା ବିକାଶ ଗ୍ରୁପର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ଛାତ୍ରଙ୍କ ଦୃଢ଼ତାର ପ୍ରଶଂସା କରିଥିଲେ। ଅଧକ୍ଷ ଜି. ଭାସ୍କର ରାଓ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ରାମକୃଷ୍ଣ ମଧ୍ୟ ଏହି ସଫଳତା ସକାଶେ ଛାତ୍ର ଶ୍ଳୋକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଶ୍ଳୋକଙ୍କ ସଫଳତା ଜାତୀୟସ୍ତରରେ ସ୍କୁଲର ନାମକୁ ଉଚ୍ଚ କରିଛି ଏବଂ ଏହା ରାଜ୍ୟର ଆଶାୟୀମାନଙ୍କ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ଭାବେ ସେ ବର୍ଣ୍ଣନା କରିଥିଲେ। ଅଧକ୍ଷା ଡ. ପୁଷ୍ପିତା ପଣ୍ଡା ଶ୍ଳୋକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ପ୍ରସ୍ତୁତି ଯାତ୍ରାର ମାର୍ଗଦର୍ଶନ କରିଥିବା ଶିକ୍ଷକ ଏବଂ ପରାମର୍ଶଦାତାଙ୍କୁ ପ୍ରଶଂସା କରିଥିଲେ। ଏଥିସହ ଶ୍ଳୋକଙ୍କ ଅଭିଭାବକ ସୁସ୍ମିତା ନାଏକ ଓ ସୁବାଷ ଚନ୍ଦ୍ର ନାଏକଙ୍କୁ ଅନ୍ତରିକ ଧନ୍ୟବାଦ ଜଣାଇଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ କ୍ରୀଡ଼ା ପ୍ରତିଯୋଗିତା




ଗ୍ରାମ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଉଛି।

**ସମ୍ବଲପୁର,୨୫।୨(ବି.ଶଙ୍କର)**

ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଗ୍ରାମ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଛି। ଏଥିରେ ସମ୍ବଲପୁର ଜିଲାର ଲପଙ୍ଗା, ଜଙ୍ଗଲ, ବୋମାଲୋଇ, କତରବଗା, ଘିଚାମୁର ପଞ୍ଚାୟତର ୧୬ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀର ମହିଳା ସାମିଲ ହୋଇଥିଲେ। ଗତ ୨୦ ଫେବୃଆରୀଠାରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ପ୍ରତିଦିନ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରୁଛନ୍ତି। ଏହି କ୍ରମରେ ରଙ୍ଗୋଲି, ଚାମଚ ଦୌଡ଼, ଛୁଞ୍ଚି ସୂତା ଦୌଡ଼, ଗଣିତ ସମାଧାନ ଦୌଡ଼, ଦଉଡ଼ି ଡିଆଁ, ବାଲଟି ବଲ, ସୁସ୍ୱାଦୁ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅପରପକ୍ଷେ କମ୍ପାନୀ ପକ୍ଷରୁ ନିୟମିତ ସ୍ୱାସ୍ଥ୍ୟ ଶିବିର, ଶିକ୍ଷା ସହାୟତା କାର୍ଯ୍ୟକ୍ରମ, ସହାୟକ ଉପକରଣ ବିତରଣ, ଯୁବମାନଙ୍କ ପାଇଁ କୌଶଳ ବିକାଶ ପ୍ରଶିକ୍ଷଣ ମାଧ୍ୟମରେ ସିଏସ୍‌ଆର୍ ଦଳ ଅଞ୍ଚଳବାସୀଙ୍କ ଜୀବନର ମାନଦଣ୍ଡ ଉନ୍ନତ କରିବାକୁ ପ୍ରୟାସରତ। ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ତା'ର କର୍ପୋରେଟ ସାମାଜିକ ଉତ୍ତର ଦାୟିତ୍ୱ କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ସାମୂହିକ ଉନ୍ନୟନ କାର୍ଯ୍ୟ ଜାରି ରଖିଛି ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।

### ଯୋଜନାର ଲାଭ ଚାଷୀ ପାଖରେ ପହଞ୍ଚୁ

**ସମ୍ବଲପୁର,୨୫।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମୁଖ୍ୟ ଜିଲା କୃଷି ଅଧିକାରୀ ସତ୍ୟାନନ୍ଦ ସୋରେନ ବୁଧବାର ଜିଲା କୃଷି ଭବନରେ ବିଭିନ୍ନ ଯୋଜନାର ଅଗ୍ରଗତର ସମୀକ୍ଷା କରିଛନ୍ତି। ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କୃଷକମାନଙ୍କ ଉନ୍ନତି ପାଇଁ ଥିବା ଯୋଜନାଗୁଡ଼ିକର କ'ଣସବୁ ଅଗ୍ରଗତି ହୋଇଛି ସେ ନେଇ ବିଭାଗୀୟ ଅଧିକାରୀମାନଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ଚାଷୀଙ୍କ ପାଇଁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ କିଭଳି ପ୍ରଦାନ କରାଯାଉଛି ତଥ୍ୟ ନେଇଥିଲେ। ଚାଷୀମାନଙ୍କଠାରୁ ଧାନ ଏବଂ ମାଣ୍ଡିଆ ସଂଗ୍ରହରେ ହୋଇଥିବା ଅଗ୍ରଗତି ବିଷୟରେ ପଚାରି ବୁଝିଥିଲେ। ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କିଭଳି ଚାଷୀଙ୍କ ପାଖରେ ଯୋଜନାର ଲାଭ ପହଞ୍ଚି ପାରିବ ଆଲୋଚନା କରିଥିଲେ। ସଦର ଅତିରିକ୍ତ କୃଷି ଅଧିକାରୀ ଜଗବନ୍ଧୁ ପଟେଲ, ରେଢାଖୋଲ ଅତିରିକ୍ତ କୃଷି ଅଧିକାରୀ ସମଲେଇ ପ୍ରସାଦ ପରିଡା ଏବଂ ସ୍କିମ ଅଫିସର ଭାଗ୍ୟଶ୍ରୀ ସାହୁ, ଜିଲାର ସମସ୍ତ ବ୍ଲକରୁ କୃଷି ଅଧିକାରୀମାନେ ଯୋଗ ଦେଇଥିଲେ।

# ଘୋଷରାମାଳ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ

**ନାକଟିଦେଉଳ,୨୫।୨(ବୈକୁଣ୍ଠନାଥ ସାହୁ)**

ନାକଟିଦେଉଳ ବ୍ଲକ ଘୋଷରାମାଳ ବାବା ଚମ୍ପେଶ୍ୱର ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଆୟୋଜିତ ହୋଇଛି। ସକାଳୁ ବୃକ୍ଷ ପୂଜନ ସହ ଯଜ୍ଞାରମ୍ଭ କରାଯାଇଥିଲା। ରବୀନ୍ଦ୍ର କୁମାର ପ୍ରଧାନ ଏବଂ ମିନାକ୍ଷୀ ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ମଧ୍ୟାହ୍ନ ୧ ଟା ୪୫ରେ ମନ୍ଦିର ଚୁଡାରେ ରତ୍ନମୁଦ କାର୍ଯ୍ୟ ସମ୍ପାଦିତ କରାଯାଇଥିଲା । ଏହି ଅବସରରେ ମନ୍ଦିର ପରିସରରେ ହୋମ ଯଜ୍ଞାଦି ସହ ପ୍ରତ୍ୟହ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା । ରତ୍ନମୁଦ ଉତ୍ସବ କମିଟି ସଭାପତି ଅକ୍ଷୟ ସ୍ୱାଇଁଙ୍କ ସମେତ ସଦସ୍ୟ ଓ ଅଞ୍ଚଳବାସୀ ଏଥିରେ ସହଯୋଗ କରିଥିଲେ। ମଙ୍ଗଳବାର ଲାଣ୍ଡିମାଳ ନିକଟ ଚମ୍ପାଳି ନଦୀରୁ ମହିଳାମାନେ ପୂର୍ଣ୍ଣ ଜଳ କଳସ ଆଣି ମନ୍ଦିର ବେଢା ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ରତ୍ନମୁଦ ଉତ୍ସବ ଅବସରରେ ରାଜ୍ୟ ମାନବ ଅଧିକାର ଫୋରମ ସମ୍ବଲପୁର ଜିଲା ଶାଖା ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ପାନୀୟ ଜଳ ଏବଂ ମିଷ୍ଟାନ ବଣ୍ଟନ କରାଯାଇଛି। ଫୋରମର ଜିଲା ସଭାପତି ସୁଶାନ୍ତ କୁମାର ପ୍ରଧାନ, ଉପସଭାପତି ସତ୍ୟ ତରିଆ, ସିଦ୍ଧାନ୍ତ କୁମାର ସିଂ ଏବଂ ସମ୍ପାଦକ ରଶ୍ମିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

# ୨୭ରେ କେନ୍ଦୁପତ୍ର କର୍ମଚାରୀ ସଂଘର ରାସ୍ତାରୋକୋ



ଖବରଦାତା ସମ୍ମିଳନୀରେ କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତାମାନେ।

**୧୭ ଦଫା ଦାବି**

**ସମ୍ବଲପୁର,୨୫।୨(ବି.ଶଙ୍କର)**

ରାଜ୍ୟର କେନ୍ଦୁପତ୍ର ଉତ୍ପାଦନ ଅଞ୍ଚଳର ଶତାଧିକ ରେଞ୍ଜ ଏବଂ ଡିଏଫଓଙ୍କ କାର୍ଯ୍ୟାଳୟଗୁଡିକରେ ୧୭ ଦଫା ଦାବି ନେଇ ଗତ ୨୦ ଓ ୨୧ ତାରିଖ ଦୁଇଦିନ ଗଣ ଧାରଣା ଦିଆଯାଇଥିଲା। ଏଥିରେ ସହସ୍ରାଧିକସଂଖ୍ୟାରେ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକ ଏବଂ ଆନୁସଙ୍ଗିକ ଶ୍ରମିକ ଯୋଗଦେଇଥିଲେ। ରେଞ୍ଜ କମିଟିଗୁଡିକ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ହେଲେ ଏହି ଦାବିଗୁଡିକ ପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏହି ପରିପେକ୍ଷୀରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସରକାରଙ୍କୁ ଦିଆଯାଇଥିବା ଆନ୍ଦୋଳନର ସୂଚନା ଅନୁସାରେ ଆଗାମୀ ୨୭ ତାରିଖ ପୂର୍ବାହ୍ନ ୧୦ଟାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ ଆନ୍ଦୋଳନ କରିବ। ଏଥିରେ ପ୍ରାୟ ୨୦ଟି ଜିଲାର ତୋଳାଳି, କର୍ମଚାରୀ, ଶ୍ରମିକ ଯୋଗଦେବେ। ବୁଧବାର ସମ୍ବଲପୁର ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଉପରୋକ୍ତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବରିଷ୍ଠ ଉପସଭାପତି ଗୋକୁଳ ମେହେର, ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୂର୍ତ୍ତୁଜା, ମିଡ଼ିଆ ସଂଯୋଜକ ଦେବଜ୍ୟୋତି ପଟ୍ଟନାୟକ, ସମ୍ବଲପୁର କେନ୍ଦୁପତ୍ର ଡିଭିଜନର ଡିଙ୍ଗର ପ୍ରଧାନ ୧୭ ଦଫା ଦାବି ବିଷୟରେ ସୂଚିତ କରିଥିଲେ।

# ସୁଇଟରେ ପ୍ରାଯୁକ୍ତିକ ଉତ୍ସବ ଇନୋଭେଟ୍ ଉଦ୍‌ଯାପିତ



ପ୍ରାଯୁକ୍ତିକ ଉତ୍ସବ ଇନୋଭେଟ୍‌ରେ ଅତିଥି ଓ ଆୟୋଜକ।

**ସମ୍ବଲପୁର,୨୫।୨(ବି.ଶଙ୍କର)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ (ସୁଇଟ) ଦ୍ୱାରା ଆୟୋଜିତ ତିନିଦିନିଆ ପ୍ରାଯୁକ୍ତିକ ଉତ୍ସବ ଇନୋଭେଟ୍-୨୦୨୬ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସୁଇଟ ନିର୍ଦ୍ଦେଶକ ପ୍ରଫେସର ଡ. ସୁଦର୍ଶନ ଜେନା କାର୍ଯ୍ୟକ୍ରମରେ ଅଧକ୍ଷତା କରି ଇନୋଭେଟ୍ କେବଳ ପାଠ୍ୟପୁସ୍ତକ ଜ୍ଞାନରେ ସୀମିତ ରୁହେନୁହେଁ ବରଂ ନୂତନ ଧାରଣା ଉପସ୍ଥାପନ କରି ବାସ୍ତବ ଜୀବନ ସମସ୍ୟାର ସୃଜନଶୀଳ ସମାଧାନ ଖୋଜିବାକୁ ପ୍ରେରଣା ଦେବ। ତିନିଦିନିଆ ପ୍ରାଯୁକ୍ତିକ ଉତ୍ସବ ଛାତ୍ରୀଛାତ୍ରଙ୍କୁ ସୃଜନଶୀଳ ଚିନ୍ତାଧାରା, ପ୍ରାୟୋଗିକ ଜ୍ଞାନ ଓ ଶିଳ୍ପମୁଖି କୌଶଳ ଅଭିବୃଦ୍ଧି ପାଇଁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲା। ଏହି ଅବସରରେ ହ୍ୟାକଭର୍ସ, ଆଇଓଟି ୱର୍କସପ, ରୋବୋ ରେସ, ଲାଇନ୍ ଫଲୋଅର ପ୍ରତିଯୋଗିତା, ଟେକ୍ନିକାଲ ପ୍ରଦର୍ଶନୀ ଓ ରୋବୋ ସକର ପରି ଅନେକ ଆକର୍ଷଣୀୟ ଓ ନୂତନ ପ୍ରାଯୁକ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଉତ୍ସବରେ ଶିକ୍ଷା ବିଭାଗୀୟ ଡିନ୍ ଡ. କୃଷ୍ଣଚନ୍ଦ୍ର ପାତ୍ର, ଛାତ୍ର କଲ୍ୟାଣ ଡିନ ଡ. ନଳିନୀକାନ୍ତ ବରପଣ୍ଡାଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଓ ସଂସ୍ଥାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଭୀମ ଭୋଇ କଲେଜରେ ଦକ୍ଷତା ବିକାଶ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

**ରେଢ଼ାଖୋଲ,୨୫।୨(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ଭୀମ ଭୋଇ ମହାବିଦ୍ୟାଳୟରେ ଯୁକ୍ତ ୩ ଅନ୍ତିମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କର ଉଚ୍ଚ ଶିକ୍ଷା ବିଭାଗ ଏବଂ ୱାଧୱାନି ଫାଉଣ୍ଡେଶନ ଦ୍ୱାରା ପ୍ରାୟୋଜିତ ଏହି କର୍ମଶାଳାରେ କଲେଜ ଅଧକ୍ଷ ଅମୂଲ୍ୟକୃଷ୍ଣ ପାଢ଼ୀ ଅଧକ୍ଷତା କରିଥିଲେ। ଛାତ୍ରୀଛାତ୍ରମାନେ କେବଳ ସିଲାବସ୍ ଭିତରେ ବାନ୍ଧି ନହୋଇ ନିଜର ଦକ୍ଷତା ବୃଦ୍ଧି ସକାଶେ ଉଦ୍ୟମ କରିବାପାଇଁ ସେ ପରାମର୍ଶ ଦେଇଥିଲେ। କଲେଜର ପ୍ରଶାସନିକ ପ୍ରଭାରୀ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଏବଂ ଶୈକ୍ଷିକ ପ୍ରଭାରୀ ଅଧ୍ୟାପକ ସୁଶାନ୍ତ ନନ୍ଦ ସମୟର ସଦୁପଯୋଗ କରିବା ସହ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ସମୟାନୁସାରୀ ଅଧିକ ଦକ୍ଷ ଓ କୁଶଳୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ୱାଧୱାନି ଫାଉଣ୍ଡେଶନ ତରଫରୁ ପ୍ରସେନଜିତ ବାନାର୍ଜୀ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ସେ ନିଯୁକ୍ତିପାଇଁ ଆବଶ୍ୟକ କୌଶଳ ଯଥା ନିଯୁକ୍ତିଯୋଗ୍ୟ ଦକ୍ଷତାଗୁଡ଼ିକ ହାସଲ କରିବା ପାଇଁ ଆଲୋଚନା କରିଥିଲେ। ବିଶେଷତଃ ଯୋଗାଯୋଗ ସାମର୍ଥ୍ୟ, କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଜରିଆରେ ଦକ୍ଷତା ବୃଦ୍ଧି, ଇଣ୍ଟର୍ଭ୍ୟୁରେ ସଫଳତା, ସକାରାତ୍ମକ ଶାରୀରିକ ଭାଷା, ସମୟର ସୁପରିଚାଳନା, ନେତୃତ୍ୱ ବିକାଶ ଇତ୍ୟାଦି ସମ୍ପର୍କରେ ସେ ସୂଚନା ଦେଇଥିଲେ। ଏହା ସହିତ ୱାଧୱାନି ଫାଉଣ୍ଡେଶନ ଦ୍ୱାରା ମାଗଣାରେ ଦିଆଯାଉଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣର ସୁଯୋଗ ନେବାପାଇଁ ସେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଅଶ୍ୱିନୀ ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ. ଦିବ୍ୟଲୋଚନ ରାଉତ, ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

केनरा बैंक Canara Bank — सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଡାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତାଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରି କରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଶାଖା / ଋଣଗ୍ରହୀତା / ବନ୍ଧକଦାତା/ ଜାମିନ୍‌ଦାରଙ୍କ ନାମ ଓ ଠିକଣା | (କ) ଋଣ/ମଞ୍ଜୁରି ଋଣ / (ଖ) ଏନ୍‌ପିଏ ତାରିଖ / (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ପାରାଦୀପ ଶାଖା** (୧)ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (୨) ଶ୍ରୀ ବିଜୁ ପ୍ରସାଦ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, | (କ)ଟ.୨୦,୬୫,୦୦୦/- / (ଖ) ୨୧.୦୨.୨୦୨୬ / (ଗ) ୨୩.୦୨.୨୦୨୬ | ୨୩.୦୨.୨୦୨୬ ସୁଦ୍ଧା ଟ.୧୪,୧୮,୭୭୮.୪୫ ସହିତ ପରବର୍ତ୍ତି ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ | **୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ** ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ୦.୦୫ ଡିସିମିଲ, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର - ସ୍କେଚ୍ ପ୍ଲଟ ୨୭/୨୮, ଦକ୍ଷିଣ- ସଂଯୁକ୍ତ ଘରୋଇ ରାସ୍ତା (ଇନ୍‌ମାଳି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କସ୍କେଚ୍ ପ୍ଲଟ ନଂ.୩୩, ପଶ୍ଚିମ - ନିରଞ୍ଜନ ବେହେରା ଙ୍କ ସ୍କେଚ୍ ପ୍ଲଟ ନଂ.୩୧ |

(୩)ମାଷ୍ଟର ବିଦିଶ୍ ରଞ୍ଜନ ମଲ୍ଲିକ (୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ ଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ୰ଶ୍ରୀ ବ୍ରଜ ବିହାରୀ ମଲ୍ଲିକ, (ନାବାଳକ ହୋଇଥିବାରୁ ତାଙ୍କ ମା ଶ୍ରୀମତୀ ମମତା ମଲ୍ଲିକ ଅବିଭାବକ ଭାବେ ତାଙ୍କର ପ୍ରତିନିଧିତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଇଲ, ପୋ.: ଲଥାଙ୍ଗ, ଥାନା: ତିର୍ତ୍ତୋଲ, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର - ୭୫୪୧୪୦ ।

ଆପଣ, ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପର ଦର୍ଶାଯାଇଥିବା ସାରଣୀରେ ଉଲ୍ଲିଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍ ଦ୍ୱାର ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣମାନେ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍ ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟକୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବି କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । ଉପଧାରା (୮)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ବନ୍ଧକଦାତା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣ ରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି । (କ) ସୁରକ୍ଷିତ ଋଣ ରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ପରିଚାଳନାକୁ ଟେକ୍ ଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି । (ଖ) ଉଲ୍ଲେଖଯୋଗ୍ୟକି ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ ।

**ତାରିଖ: ୨୫.୦୨.୨୦୨୬, ସ୍ଥାନ: କଟକ** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।






କମ୍ପାନୀର ଜମି ଅଧିଗ୍ରହଣ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

# କଂଗ୍ରେସ ତରଫରୁ ପଥପ୍ରାନ୍ତ ସଭା

**ହେମଗିର,୨୫।୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିରଠାରେ ବୁଧବାର ବ୍ଲକ କଂଗ୍ରେସ କମିଟି ହେମଗିର ତରଫରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟତଃ ଟାଟା ପାୱାରର ମନମାନୀ ଓ ଶୋଷଣ, ଧାନ ସଂଗ୍ରହରେ ଅବ୍ୟବସ୍ଥାର ପ୍ରତିବାଦ, ଜମି ଅଧିଗ୍ରହଣ ନାମରେ ନିରୀହ ଆଦିବାସୀମାନଙ୍କ ଉପରେ ଅତ୍ୟାଚାର, ପରିବେଶ ପ୍ରଦୂଷଣ ନାଁରେ ସାଧାରଣ ଜନତାଙ୍କ ଉପରେ ଜୁଲୁମ ଉପରେ ଏହି ପଥପ୍ରାନ୍ତ ସଭାରେ ଆଲୋଚନା ହୋଇଥିଲା। ଏହି ସଭାରେ ବ୍ଲକ କଂଗ୍ରେସ କମିଟିର ସଭାପତି ଅତିଥ ପଧାନ, ଜିଲା ସମ୍ପାଦକ ତିଲକ ସିଂ ବାବୁ, ବରିଷ୍ଠ କଂଗ୍ରେସ ନେତା ଅଶୋକ ପଣ୍ଡା, ଜନ୍ମଜୟ ମଲିକ, ପଲଟନ ବାରିକ, ଜୀବନ ରଞ୍ଜନ ପଟ୍ଟନାୟକ, ପଞ୍ଚରାମ ଗରଡିଆ, ଚୈତାନନ୍ଦ ପଧାନ, ଜନ୍ମେଜୟ ମାଝି, ମୁକେଶ କର, ବିନୋଦ ଭଇଶାଲ ପ୍ରମୁଖ ଉପସ୍ଥିତ ଥିଲେ।



ପଥପ୍ରାନ୍ତ ସଭାରେ ଉପସ୍ଥିତ କଂଗ୍ରେସ କର୍ମୀ।

# ପୋଲିସ, ଗ୍ରାମବାସୀ ଧସ୍ତାଧସ୍ତି: ୧୫ ଅଟକ

**ରାଜଗାଙ୍ଗପୁର,୨୫।୨(ଅଶୋକ ପାଣି)**

## କମ୍ପାନୀର ଜମି ଅଧିଗ୍ରହଣକୁ ବିରୋଧ

ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରରେ ଏକ ଘରୋଇ କମ୍ପାନୀର ଜମି ଅଧିଗ୍ରହଣ କରିବାକୁ ନେଇ ସେଠିକାର ବାସିନ୍ଦା ତଥା ୫ ପଞ୍ଚାୟତବାସୀ ବିରୋଧ କରିଛନ୍ତି। ବୁଧବାର ଉକ୍ତ କମ୍ପାନୀ ପୋଲିସ ଉପସ୍ଥିତିରେ ଜମି ଅଧିଗ୍ରହଣ କରିବା ଆରମ୍ଭ କରିଥିଲା। ଏହି ସମୟରେ ଗ୍ରାମବାସୀ ଏପରି ବେଆଇନ ଜମି ଅଧିଗ୍ରହଣକୁ ବିରୋଧକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ଘଟଣାରେ ପୋଲିସ ୧୫ ଜଣଙ୍କୁ ଅଟକ ରଖିଛି। ପୋଲିସ ପ୍ରଶାସନର ୧୦ ପ୍ଲାଟୁନ୍ ଫୋର୍ସ ସହ ବିଭିନ୍ନ ଅଫିସର ଉପସ୍ଥିତ ରହିଥିଲେ। ସନ୍ଧ୍ୟାରେ ରାଜଗାଙ୍ଗପୁର ବିଧାୟକ ଡ. ସିଏସ୍ ରାଜନ ଏକ୍କା ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ଏହି ବେଆଇନ ଜମି ଅଧିଗ୍ରହଣକୁ ସ୍ଥଗିତ ରଖିବା ପାଇଁ ଉପସ୍ଥିତ ଜିଲା ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଆଲୋଚନା ଜାରି ରହିଛି। ଆଲୋଚନାରେ ରାଜଗାଙ୍ଗପୁର ବିଧାୟକ, ଆଲବର୍ଟ କିଣ୍ଡୋ, ସରପଞ୍ଚ ଲଳିତ ଲାକ୍ରା, ବୀରବଲ ଲାକ୍ରା, ବିନୟ ଭୂଷଣ ବାର୍ଲା, ଅଜିତ୍ ଏକ୍କାଙ୍କ ସମେତ ସୁନ୍ଦରଗଡ଼ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ।

# ସହରେଇପଡ଼ାରେ ଜଳ ସଙ୍କଟ

**ବାଲିଶଙ୍କରା,୨୫।୨(ହୃଦାନନ୍ଦ ବାରିକ)**

## ନଳକୂପର ମରାମତି କରିବାକୁ ଦାବି



ଗ୍ରୀଷ୍ମ ଋତୁ ଆରମ୍ଭ ନ ହେଉଣୁ ଜଳ ସଙ୍କଟ ଦେଖାଦେଲାଣି ବାଲିଶଙ୍କରା ବ୍ଲକର ବି. କରୁଆବାହାଲ ପଞ୍ଚାୟତର ସହରେଇ ପଡ଼ାରେ। ପଡାରେ ଗୋଟିଏ ନଳକୂଅ ଥିବାବେଳେ ୫ ମାସ ହେବ ଠିକ ଭାବେ ପାଣି ବାହାରୁ ନ ଥିବାରୁ ପଡ଼ାବାସୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବହୁତ ସମୟ ଧରି ନଳକୂଅର ହ୍ୟାଣ୍ଡେଲ ମାରିବା ପରେ ଅତିକମରେ ୧ରୁ ୨ ବାଲ୍‌ଟି ପାଣି ବାହାରୁଛନ୍ତି। କିନ୍ତୁ ସେହି ପାଣି ସଫା ନ ଆସି ଗୋଳିଆ, ଯାହା ବ୍ୟବହାର ଉପଯୋଗୀ ନୁହେଁ। ପଡ଼ାରେ ୧୧ଟି ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୫୦ରୁ ଊର୍ଦ୍ଧ୍ୱ ଅଛନ୍ତି। ଗୋଟିଏ ମାତ୍ର ନଳକୂଅ ଉପରେ ପଡ଼ାବାସୀ ନିର୍ଭରଶୀଳ ଥିବାବେଳେ ସଫା ଓ ପର୍ଯ୍ୟାପ୍ତ ପାଣି ନ ବାହାରିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖା ଦେଇଛି। ଏ ନେଇ ପଞ୍ଚାୟତକୁ ଲିଖିତ ଭାବରେ ଜଣାଇ ପରେ ଗ୍ରାମ୍ୟ ଜଳ ପରିମଳ ଓ ଯୋଗାଣ ବିଭାଗର ଏସଇଏମ୍ ନଳକୂପ ପରିଦର୍ଶନ କରି ପାଣି ବାହାରୁଛି କହି ମରାମତି ନ କରି ଫେରିଯାଇଥିବା ଅଭିଯୋଗ ପଡ଼ାବାସୀ କରିଛନ୍ତି। ଫଳସ୍ୱରୂପ ସମସ୍ୟାର କୌଣସି ସମାଧାନ ହୋଇ ନ ଥିଲା। ସାମାଜିକ କର୍ମୀ ମନୋଜ କୁମାର ଦାନୀଙ୍କୁ ଗ୍ରାମବାସୀ ସମସ୍ୟା ସମ୍ପର୍କରେ ଜଣାଇବା ପରେ ସେ ବ୍ଲକପ୍ରଶାସନଙ୍କ ଦୃଷ୍ଟିଆକର୍ଷଣ କରି ଶୀଘ୍ର ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି। ପଡ଼ାର ସୋନିଆ ମାଝୀ, ଫୁଲମାନୀ ତୁରି, ରାଜେଶ ତୁରି, ଭୀମସେନ ଟପ୍ପୋ, ଜଗଦୀଶ ଟପ୍ପୋ ଓ ଲମ୍ବୋଦର ଟପ୍ପୋ ଆଦି ପଡାବାସୀ ଜଳଯୋଗାଣ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଖରା ମାସ ଆରମ୍ଭ ହେବା ପୂର୍ବରୁ ଶୀଘ୍ର ନଳକୂପର ମରାମତି କରିବାକୁ ଦାବି କରିଛନ୍ତି।

# ଏନ୍‌ଏଚ୍ ୩୨୦ଡି ନିର୍ମାଣ କାର୍ଯ୍ୟର ସମୀକ୍ଷା

**ବନ୍ଧମୁଣ୍ଡା,୨୫।୨(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଅଞ୍ଚଳରେ ଏନ୍‌ଏଚ୍-୩୨୦ଡି ରାସ୍ତା ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ଏହି ପରିପ୍ରେକ୍ଷୀରେ ଭାଜପାର ବନ୍ଧମୁଣ୍ଡା ମଣ୍ଡଳ ଅଧ୍ୟକ୍ଷ ଲଖନ ଲୋହାର ବୁଧବାର ଫୁଲବାରି ସ୍କୁଲ ନିକଟରେ ଚାଲୁଥିବା ନିର୍ମାଣ କାର୍ଯ୍ୟସ୍ଥଳକୁ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ପ୍ରଗତି ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ସେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସହିତ ଆଲୋଚନା କରି ନିର୍ମାଣ କାର୍ଯ୍ୟର କ୍ୱାଲିଟି, ରାସ୍ତାରୁ ଉଡୁଥିବା ଧୂଳି ଏବଂ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଯୋଗୁ ନିର୍ମାଣ କାର୍ଯ୍ୟରେ ସୃଷ୍ଟି ହେଉଥିବା ବାଧା ସମ୍ପର୍କରେ ଚର୍ଚ୍ଚା କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାରର ଅବହେଳା ଯେମିତି ନ ହୁଏ। ସ୍ଥାନୀୟ ଲୋକମାନେ ଧୂଳି ଯୋଗୁ ବହୁ ସମସ୍ୟା ଭୋଗୁଛନ୍ତି, ତାକୁ ଗୁରୁତ୍ୱ ଦେଇ ଲଖନ ଲୋହାର ରାସ୍ତାରେ ନିୟମିତ ଭାବେ ପାଣି ଛିଟିକାଇବା, ନିର୍ମାଣ ସାମଗ୍ରୀକୁ ଢାଙ୍କି ରଖିବା ଏବଂ ଅଞ୍ଚଳକୁ ସଫା ରଖିବାକୁ କହିଛନ୍ତି। ଅଧିକାରୀମାନେ ମଧ୍ୟ ରାସ୍ତାରେ ଉଡୁଥିବା ଧୂଳି ନିୟନ୍ତ୍ରଣ ପାଇଁ ଯଥା ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଯୋଗୁ ନିର୍ମାଣ କାମରେ ଆସୁଥିବା ବାଧା ସମ୍ପର୍କରେ ସମ୍ପର୍କିତ ବିଭାଗ ସହିତ ସମନ୍ୱୟ କରି ଶୀଘ୍ର ସମାଧାନ କରାଯିବ ବୋଲି ଭରସା ଦେଇଛନ୍ତି। ଏହି ଅବସରରେ ଭାଜପାର ପ୍ରହ୍ଲାଦ ତାନ୍ତି, ଲକ୍ଷ୍ମଣ ଡୋରା, ମୁକେଶ ସିଂହ, ରାକେଶ ରାଉତ ସହିତ ଅନ୍ୟାନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।





ଭାଜପା କର୍ମୀମାନେ ଏନ୍‌ଏଚ୍ ୩୨୦ଡି ନିର୍ମାଣ କାର୍ଯ୍ୟ ଦେଖୁଛନ୍ତି।

# କୁରେଇ ଗୀର୍ଜା ପଡ଼ାରୁ ସଉନାମରା ଆର୍‌ଡି ରାସ୍ତା ମରଣଯନ୍ତା

**ବାଲିଶଙ୍କରା,୨୫।୨(ହୃଦାନନ୍ଦ ବାରିକ)**



ସରକାର ଗ୍ରାମାଞ୍ଚଳର ବିକାଶ ତଥା ଗମନାଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କେତେକ ଅଞ୍ଚଳରେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଜନସାଧାରଣ ହଇରାଣ ହେଉଛନ୍ତି। ବାଲିଶଙ୍କରା ବ୍ଲକର କୁରେଇ ପଞ୍ଚାୟତର କୁରେଇ ଗୀର୍ଜା ପଡ଼ାରୁ ସଉନାମରାକୁ ସଂଯୋଗ କରିଥିବା ଆର୍‌ଡି ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକାଦାର ଅଧା କାମ କରି ଛାଡ଼ି ଦେଇଥିବାରୁ ତାହା ମରଣଯନ୍ତା ପାଲିଟିଛି। ରାସ୍ତାରେ ଗେଟି ଓ ଡଷ୍ଟ ପକାଇ ଗତ ବର୍ଷ ଜୁନରୁ ସେମିତି ଛାଡି ଦେଇଥିବାରୁ ରାସ୍ତାରେ ଗାଡିମୋଟର ଯିବା ଆସିବା କଲେ ଡଷ୍ଟ ଉଡ଼ି ଧୂଳିଧୂଆଁ ହେବା ସହ ଆଖିକୁ କିଛି ଦେଖାଯାଏ ନାହିଁ। ପ୍ରତିଦିନ ୨ ଚକିଆ, ୪ ଚକିଆ ଓ ପଥଚାରୀ, ଛାତ୍ରୀଛାତ୍ର ତଥା ଅନେକ ଲୋକ ଚର୍ଚ୍ଚ ଯିବା ଆସିବା କରିଥାନ୍ତି। ସୁନ୍ଦରଗଡ଼ ଯିବା ପାଇଁ ଏହି ରାସ୍ତା ଦେଇ ଗଲେ ଦୂରତା କମ ଓ ସମୟ କମ ଲାଗୁଥିବାବେଳେ ଜନସାଧାରଣ ଏହି ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରିଥାନ୍ତି। ଗ୍ରାମବାସୀ ଏ ନେଇ ଅନେକ ଥର ଦାୟିତ୍ୱରେ ଥିବା ଅଧିକାରୀ ଆରଡ଼ି ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦାୟିତ୍ୱରେ ଥିବା ଆରଡ଼ି ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


## ୨୨ତମ ଜନ୍ମଦିନ ଶୁଭେଚ୍ଛା





**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**

ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଳାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।

ଧ-୨୪୪


# ଖଡ଼ିଆଳରେ କୋସଲୀ ଦିବସ ପାଳିତ

**ଖଡ଼ିଆଳ,୨୫।୨ (ସୁଜିତ କୁମାର ପ୍ରଧାନ):** କୋସଲୀ ରତନ ପ୍ରୟାଗଦତ୍ତ ଯୋଶୀଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ଖଡ଼ିଆଳଠାରେ କୋସଲୀ ଦିବସ ପାଳିତ ହୋଇଯାଇଛି। ପ୍ରୟାଗଦତ୍ତ ଯୋଶୀ ଛକଠାରେ ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଖଡ଼ିଆଳ ସେଲ୍ଫି ପଏଣ୍ଟ ପାଖରେ ବୈଠକ ଅନୁଷ୍ଠିତ ହୋଇଥିଲା। ଡ. ସିଦ୍ଧାର୍ଥ ଶଙ୍କର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେଶବ ବେହେରା, ଜିଲା ସଂଯୋଜକ କୋସଲୀ ମଞ୍ଚ ରଞ୍ଜିତ ସିଂ ମହାରଥା, ପ୍ରୟାଗଦତ୍ତ ଯୋଶୀଙ୍କ କନ୍ୟା ପ୍ରଭାସିନୀ ଯୋଶୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ସୁନ୍ଦରଗଡ,୨୫।୨ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଇଗ୍ନୁ ତରଫରୁ ବୁଧବାର ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ମୁଖ୍ୟ ଡ. ଆଶୁତୋଷ ଝା ବିଶେଷଜ୍ଞ ଭାବେ ଯୋଗ ଦେଇ ଇଗ୍ନୁର ବିଭିନ୍ନ ପାଠ୍ୟକ୍ରମ, ପ୍ରବେଶ ପ୍ରକ୍ରିୟା ବିଷୟରେ ସୂଚନା ପ୍ରଦାନ କରିଥିଲେ। ସେହିପରି ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ ବିଷୟରେ ସୂଚନା ଦେବା ସହିତ କେଉଁ କେଉଁ ବିଷୟ ଚାକିରୀ କ୍ଷେତ୍ରରେ ବିଶେଷ ଉପଯୋଗୀ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସହକାରୀ ପ୍ରଫେସର ଜନ ହାଓ, ମେରୀ ରୋଜ ଲାକ୍ରା, ଅଧ୍ୟାପକ ରାଜକିଶୋର ଟେଟେ ପ୍ରମୁଖ ଯୋଗ ଦେଇ ଇଗ୍ନୁ ମାଧ୍ୟମରେ ଶିକ୍ଷାର ଗୁରୁତ୍ୱ ଓ ବର୍ତ୍ତମାନ ଯୁଗରେ କ୍ୟାରିୟର ଗଠନରେ ଇଗ୍ନୁର ଭୂମିକା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଇରାଜୀ ଓ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# କିରାଣି ଗୋବର୍ଦ୍ଧନ ଭୋଇଙ୍କ ପରଲୋକ



**ହେମଗିର,୨୫।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ପଞ୍ଚାୟତ ହାଇସ୍କୁଲ ଡୁମୁରିଡିହିର କିରାଣି ଗୋବର୍ଦ୍ଧନ ଭୋଇଙ୍କ ବୁଧବାର ତାଙ୍କ ନିଜ ବାସଭବନଠାରେ ପରଲୋକ ହୋଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ୧୯୬୬ ଏପ୍ରିଲ ୧୧ ତାରିଖରେ ଭୋଇ ଜନ୍ମଗ୍ରହଣ କରିଥିଲେ। ଡୁମୁରିଡିହି ହାଇସ୍କୁଲରେ ପ୍ରାୟ ୨୬ବର୍ଷ ଧରି ସେବା ପ୍ରଦାନ କରି ଆସୁଥିଲେ। ଆଉ କିଛି ମାସ ମଧ୍ୟରେ ସେ ଅବସର ଗ୍ରହଣ କରିଥାନ୍ତେ। ଡୁମୁରିଡିହି ସ୍କୁଲର ପ୍ରତିଷ୍ଠାରେ ତାଙ୍କର ବିଶେଷ ଅବଦାନ ଥିଲା।


**Classified Everyday**
0674-2580101, 9692975378

## AFFIDAVIT

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes. D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପ୍ରାଚୀନ ପ୍ରସ୍ତର ଯୁଗର ଉପକରଣ ଠାବ

**ସୁନ୍ଦରଗଡ,୨୫।୨ (ଜୟ ନାରାୟଣ ମେଣ୍ଡୁଲି)**



ସୁନ୍ଦରଗଡ଼ର ଇବ୍ ନଦୀ ଅବବାହିକା ଏବଂ ନିକଟସ୍ଥ ବଲଦମାଳ ଗ୍ରାମ ନିକଟରେ ପ୍ରାଚୀନ ଯୁଗର ମାନବ ସଭ୍ୟତାର ସନ୍ଧାନ ମିଳିଛି। ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ହୋଇଥିବା ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଓ ଖନନ ପରେ ଏହି ପ୍ରାଚୀନ ପ୍ରସ୍ତର ଯୁଗୀୟ ମାନବ ସଭ୍ୟତାର ସନ୍ଧାନ ମିଳିଥିବା ନେଇ ଇତିହାସ ବିଭାଗୀୟ ମୁଖ୍ୟ ଡ. ଜୟଶଙ୍କର ନାଏକ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୪ ବର୍ଷ ହେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏହି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଆରମ୍ଭ ହୋଇଥିଲା। ଇବ୍ ନଦୀର ବାଲିଯୋରୀ ଓ ସଦର ବ୍ଲକ ଅନ୍ତର୍ଗତ ବଲଦମାଳଠାରେ ବିଭାଗୀୟ ସହକାରୀ ପ୍ରାଧ୍ୟାପକ ଡ. ସାକିର ହୁସେନ ଙ୍କ ତତ୍ତ୍ୱାବଧାନରେ ନଦୀ ଓ ତାର ଆଖପାଖ ଅଞ୍ଚଳରେ ଏହି ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ଚାଲିଛି । ସର୍ବେକ୍ଷଣରେ ସ୍ନାତକୋତ୍ତର ଛାତ୍ରୀଛାତ୍ର ଶିବରାମ ଆଚାର୍ଯ୍ୟ, ବିନ୍ଧୁ ପଧାନ, ଦେବାଶିଷ ପ୍ରଧାନ, କିରଣ ଦୋରା, ପୂଜା ବାରିକ ଏବଂ ଅଙ୍କିତା ପାଇକ ପ୍ରମୁଖ ପ୍ରତ୍ନତାତ୍ତ୍ୱିକ ଖନନ କରି ପ୍ରାଚୀନ ପ୍ରସ୍ତର ଯୁଗର ମାନବ ସଭ୍ୟତାର ବିଭିନ୍ନ ଉପକରଣ ଠାବ କରିଛନ୍ତି। ଏହି ଉପକରଣଗୁଡିକ ମଧ୍ୟରେ ତୀକ୍ଷ୍ଣ ଧାରଯୁକ୍ତ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର, ଧନୁତୀରରେ ବ୍ୟବହାର ହେଉଥିବା ତିନି କୋଣିଆ ପଥର, କାଟିବା ଓ ଛେଚିବା ପାଇଁ ଆବଶ୍ୟକ ପ୍ରସ୍ତର ଉପକରଣ, ହାତୁଡ଼ି ଭାବେ ବ୍ୟବହୃତ ପଥର ଏହି ଖନନ ସ୍ଥଳରୁ ମିଳିଛି। ସମ୍ଭବତଃ ପ୍ରାଚୀନ ପ୍ରସ୍ତର ଯୁଗର ମାନବ ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଜଙ୍ଗଲରେ ଶିକାର ପାଇଁ ଏହି ଉପକରଣ ଗୁଡିକ ବ୍ୟବହାର କରୁଥିଲା ବୋଲି ବିଶ୍ୱାସ କରାଯାଉଛି। ସହକାରୀ ପ୍ରାଧ୍ୟାପକ । ଡ. ହୁସେନଙ୍କ ମତରେ ଏହି ପ୍ରାକ୍ ଐତିହାସିକ ପ୍ରାକ ଉପକରଣର ପ୍ରକାର ଅନୁସାରେ ଏହା ପ୍ରାୟ ୧୦ରୁ ୬୦ ହଜାର ବର୍ଷ ପୂର୍ବର।

ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ମାଣିକ ମୋଡା, ଲେଖାମୋଡା, ଟେଙ୍ଗୋ, ଜାମକାନୀ ଆଦି ପ୍ରସ୍ତର ଗୁମ୍ଫା ଗୁଡିକରେ ପ୍ରାକ୍ ଐତିହାସିକ ଯୁଗର ଖୋଦିତ ଓ ଚିତ୍ରିତ ବିଭିନ୍ନ ପ୍ରାକୃତିକ ରଙ୍ଗର ପ୍ରଲେପ ଦିଆଯାଇଥିବା ଶୈଳ ଚିତ୍ରର ସନ୍ଧାନ ମିଳିସାରିଛି। ଫ୍ରାନ୍ସର ଓଲଡଡୁଭାଇ ଓ ସ୍ପେନର ଅଲଟାମୀରାର ପ୍ରସ୍ତର ଗୁମ୍ଫାରେ ଥିବା ଶୈଳଚିତ୍ର ସହ ଏହି ଶୈଳ ଚିତ୍ରର ସାମ୍ୟତା ରହିଥିବା ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ସୁନ୍ଦରଗଡ ଜିଲା ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ବଣାଇ, କଲେଇପୋଷ ଆଦି ସ୍ଥାନରେ ପ୍ରାଚୀନ ପ୍ରସ୍ତର ଯୁଗର ପ୍ରସ୍ତର ନିର୍ମିତ ହସ୍ତ କୁଠାର ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ମଧ୍ୟ ମିଳିଛି। ପୂର୍ବରୁ ସହକାରୀ ପ୍ରାଧ୍ୟାପକ ଡ. ହୁସେନ ୨୦୨୧-୨୨ରେ ବଣାଇଗଡ଼ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରି ସେଠାରେ ପ୍ରାୟ ୪୦ରୁ ବେଶୀ ଐତିହାସିକ ସ୍ଥାନର ସନ୍ଧାନ କରିଛନ୍ତି। ଯାହା ମଧ୍ୟରେ ପ୍ରାଚୀନ ବୁଦ୍ଧ ପ୍ରତିମା ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୋଲିସ ଖୋଜୁଛି ବିବାଦ ଖିଅ

## ପୂର୍ତ୍ତ ଯନ୍ତ୍ରୀ-ଠିକାଦାର ମୁହାଁମୁହିଁ ଘଟଣା

**ବଲାଙ୍ଗୀର,୨୫।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠା) ଯନ୍ତ୍ରୀ ଓ ଠିକାଦାରଙ୍କ ବିବାଦକୁ ନେଇ ଟାଉନ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନାଙ୍କ ଅଭିଯୋଗକୁ ଭିତ୍ତି କରି ଠିକାଦାର ପ୍ରେମରଞ୍ଜନ ପାଣିଗ୍ରାହୀଙ୍କ ବିରୋଧରେ ମାମଲା (୯୮/୨୬) ରୁଜୁ ହୋଇଛି। ଅନ୍ୟପକ୍ଷରେ ଠିକାଦାର ପାଣିଗ୍ରାହୀଙ୍କ ଅଭିଯୋଗ ଭିତ୍ତିରେ ଅଧୀକ୍ଷଣ ଯନ୍ତ୍ରୀ ଜେନାଙ୍କ ବିରୋଧରେ ମାମଲା (୯୯/୨୬) ରୁଜୁ ହୋଇଛି। ଏହି ଦୁଇ ମାମଲାର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଲିସ ଅଧୀକ୍ଷଣ ଯନ୍ତ୍ରୀ ଓ ଠିକାଦାରଙ୍କୁ ଥାନାକୁ ଡାକି ପଚରାଉଚରା କରିଛି। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଉଭୟ ପକ୍ଷର ଅଭିଯୋଗର ସତ୍ୟତା କେତେ ଏବଂ ବିବାଦର ଖିଅ କେଉଁଠି ସେ ଉପରେ ତଦନ୍ତ ହେଉଛି ବୋଲି କହିଛନ୍ତି।

ପ୍ରକାଶ ଯେ, ଗତ ୨୧ ତାରିଖ ଦିନ ରାସ୍ତା ଓ କୋଠା ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଏସଡିଓ, କନିଷ୍ଠ ଯନ୍ତ୍ରୀ ଓ ଷ୍ଟାଫ୍ ଟାଉନ ଥାନାକୁ ଆସି ଅଭିଯୋଗ କରିଥିଲେ।

### ବିବାଦ ପଛରେ 'ଷଡ଼ଯନ୍ତ୍ର' ଚର୍ଚ୍ଚା

ଠିକାଦାର ଜଣକ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଅଫିସ ଷ୍ଟାଫ୍‌ଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା, ଏପରିକି ଯନ୍ତ୍ରୀଙ୍କୁ ଜାତିଆଣ ଟିପ୍ପଣୀ ଏବଂ ଧମକ ଚମକ ଦେଇଥିବା ଅଭିଯୋଗ କରିଥିଲେ। ଅନ୍ୟପଟେ ଠିକାଦାର ପାଣିଗ୍ରାହୀଙ୍କ ସହ କେତେଜଣ ଠିକାଦାର ଟାଉନ ଥାନାକୁ ଆସି ଅଭିଯୋଗ କରିଥିଲେ। ଜିଲା ଭିତରର ଠିକାଦାରଙ୍କୁ ଠିକା କାମ ନଦେଇ ଜିଲା ବାହାର ଠିକାଦାରଙ୍କୁ ଡାକି ଯନ୍ତ୍ରୀ ଠିକା ବଣ୍ଟନ କରୁଥିବା ଅଭିଯୋଗ କରିବାରୁ ତାଙ୍କୁ ଅଧୀକ୍ଷଣ ଯନ୍ତ୍ରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରି ଦେବା ଧମକ ଦେଇଥିବା ଅଭିଯୋଗ କରିଥିଲେ। ସେଦିନ ଟାଉନ ଥାନା ପରିସରରେ ଯନ୍ତ୍ରୀ ଓ ଠିକାଦାରଙ୍କ ଭିତରେ ବେଶ୍ କିଛି ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ପରସ୍ପର ବିରୋଧରେ ଯନ୍ତ୍ରୀ ଓ ଠିକାଦାର ଗଣମାଧ୍ୟମରେ ଖୋଲାଖୋଲି ଗୁରୁତର



ବଲାଙ୍ଗୀର ରାସ୍ତା ଓ କୋଠା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ।

ଅଭିଯୋଗ ଆଣିଥିଲେ। ତେବେ କେତେଜଣ ଠିକାଦାର ଏବଂ ଅଫିସ ଷ୍ଟାଫ୍ ଉଭୟ ପକ୍ଷର ଆପୋଷ ସମାଧାନ ହୋଇଯାଉ ବୋଲି ଚାହୁଁଥିଲେ। ଏପରି କି ଏସ୍‌ଡିପିଓ ଏବଂ ଟାଉନ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଢ଼େର ସମୟ ଧରି ଆଲୋଚନା ବି କରିଥିଲେ। ଏହାପରେ ଉଭୟ ପକ୍ଷ ମଧ୍ୟରେ ସମାଧାନ ଓ ମିଳାମିଶା ହୋଇଗଲା ବୋଲି ଘୋଷଣା କରି ସନ୍ଧ୍ୟାରେ ପୂର୍ତ୍ତ ବିଭାଗ ସମ୍ମୁଖରେ ମିଳିତ ଫୋଟ ଉଠାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ପଠାଇଥିଲେ। ପରେ କିନ୍ତୁ ଥାନାରେ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଦୁଇଟି ମାମଲା ରୁଜୁ ହୋଇଥିବା ଜଣାପଡିଥିଲା। ଏହାପରେ ଉଭୟ ପକ୍ଷ ଭିତରେ ଯେଉଁ ସମାଧାନ ଉଦ୍ୟମ ହୋଇଥିଲା ତାହା ଫସର ଫାଟି ଯାଇଥିବା ଜଣାପଡିଥିଲା। ଏବେବି ଠିକାଦାର-ଯନ୍ତ୍ରୀ ବିବାଦ ଥମି ନାହିଁ। ପୋଲିସ ତଦନ୍ତ ଆରମ୍ଭ କରିଛି। ବାସ୍ତବରେ କେଉଁ କାରଣକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିବାଦ ହୋଇଥିଲା ଏବଂ ଏହି ସମୁଦାୟ ଘଟଣା ପଛରେ କେଉଁମାନେ ରହିଛନ୍ତି ସେ ଉପରେ ତଦନ୍ତ କରାଯାଉଥିବା ପୋଲିସ କହିଛି। ଗତ ଦୁଇଦିନ ଭିତରେ 'ଷଡଯନ୍ତ୍ର' କାରଣରୁ ଯନ୍ତ୍ରୀ-ଠିକାଦାର ବିବାଦର ଆପୋଶ ସମାଧାନ ହୋଇପାରି ନଥିବା ଚର୍ଚ୍ଚା ଜୋର ଧରିଛି। ତେବେ ସେଇ 'ଷଡଯନ୍ତ୍ର' କ'ଣ ଏବଂ କିଏ କରିଛି ତାହା ସ୍ପଷ୍ଟ ହୋଇନାହିଁ। ଠିକାଦାର-ଯନ୍ତ୍ରୀ ବିବାଦରୁ ମାମଲା ରୁଜୁ ଯାଏ କଥା ଯିବା ଘଟଣାକୁ ଜିଲାର କେତେଜଣ ନେତା,ମନ୍ତ୍ରୀ ଓ ଠିକାଦାର ପସନ୍ଦ କରୁନଥିବା ଜଣାପଡିଛି। ଏହି ଘଟଣାକୁ ନେଇ ଜିଲାର କେତେକ ବରିଷ୍ଠ ନେତା କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ତାଗିଦ କରିଥିବା ବି ଶୁଣିବାକୁ ମିଳିଛି। ନେତା, ମନ୍ତ୍ରୀମାନେ ଯନ୍ତ୍ରୀଙ୍କ ସହ ବି ଆଲୋଚନା କରିଥିବା କୁହାଯାଉଛି। ଏହି ବିବାଦ ପରେ ଷଡଯନ୍ତ୍ରକାରୀଙ୍କ କବଳରେ ବଲାଙ୍ଗୀର ପୂର୍ତ୍ତ ବିଭାଗ ପଡିଛି ବୋଲି ଚର୍ଚ୍ଚା ଜୋର ଧରିଛି।

# ନବ ନିଯୁକ୍ତ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧନା





ସଭାରେ ଅତିଥିଙ୍କ ଗହଣରେ ସରକାରୀ ଓକିଲ।

**କଣ୍ଟାବାଞ୍ଜି,୨୫।୨(ଗୁରୁ ଦୟାଲ ହଂସ)**

ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ ନିଯୁକ୍ତି ଦିଆଯାଇଛି । ଏହି ପରିପ୍ରେକ୍ଷୀରେ କଣ୍ଟାବାଞ୍ଜିର ବିଭିନ୍ନ ଅଦାଲତରେ ନିଯୁକ୍ତି ମିଳିଥିବା ସରକାରୀ ଓକିଲମାନଙ୍କୁ ବୁଧବାର ଦିନ ସ୍ଥାନୀୟ ଶ୍ରୀ ହରିଭବନରେ ସାମ୍ବାଦିକ ସଂଘ ତରଫରୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଉପସଭାପତି ମୋହନ ସୋନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ କୈଳାସ ଚନ୍ଦ୍ର ତଉଲିଆ, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ନାୟକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବିଷ୍ଣୁପ୍ରସାଦ ଶର୍ମା, ସମ୍ପାଦକ ଶେଖ ସମିମ ମଞ୍ଚାସୀନ ଥିଲେ। ନୂତନ ନିଯୁକ୍ତି ପାଇଥିବା ସରକାରୀ ଓକିଲ ବ୍ରଜଶ୍ୟାମ ଗୁରୁ, ଅଶୋକ ଦାସ, ବୃନ୍ଦାବନ ରାଉତ, ଅନିଲ କୁମାର ଶର୍ମା, ସଞ୍ଜୟ କୁମାର ନାଥ, ଅଭିମନ୍ୟୁ ନାଗ, ପର୍ଶୁରାମ ସାଗରିଆ, ବିବେକ କୁମାର ଶର୍ମା, ଭୂତେଶ୍ୱର ଦାସ , ବେନୁଧର ଜାଲ ଓ ମନୀଷ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁର୍ତିକର୍ ବାଗ, କୈଳାସ ସଗରିଆ ସହଯୋଗ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ଗୁରୁ ଦୟାଲ ହଂସ ମଞ୍ଚ ପରିଚାଳନା କରିଥିଲେ।

# ଆଞ୍ଚଳିକ ଲୋକ ମହୋତ୍ସବ ଉଦ୍‌ଯାପିତ





କାର୍ଯ୍ୟକ୍ରମ ପୂର୍ବରୁ ଅନୁଷ୍ଠିତ ଶୋଭାଯାତ୍ରା।

**ଲୋଇସିଂହା,୨୫।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶମେଲ ମା' କୁଶଙ୍ଗାଇ କଳାପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ନବମ ଆଞ୍ଚଳିକ ଲୋକ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କୁଶଙ୍ଗାଇ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଜ୍ଞାମାଳ ଅଣାଯାଇଥିଲା। ପରେ ସଭାପତି ସଞ୍ଜୟ ସିଂଙ୍କ ନେତୃତ୍ୱରେ ପାରମ୍ପରିକ ଲୋକବାଦ୍ୟ, ଲୋକ ନୃତ୍ୟ ଦଳ ଏବଂ ସ୍ୱୟଂ ସହାୟିକ ଗୋଷ୍ଠୀ ପକ୍ଷରୁ ଗ୍ରାମରେ ଶୋଭାଯାତ୍ରା ପରିକ୍ରମା କରି ମଞ୍ଚରେ ପହଞ୍ଚି ଥିଲା । ଜିଲା ତଥା ଜିଲା ବାହାରରୁ ଆସିଥିବା ଶତାଧିକ ଲୋକ କଳା ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ବିଡିଓ ଅକ୍ଷୟପାଣି ଉଦ୍ଧ, ବ୍ଲକ କଳାକାର ସଂଘ ସଭାପତି ସରୋଜ ବିଶ୍ୱାଳ , ସ୍ଥାନୀୟ ସରପଞ୍ଚ କସ୍ତୁବ ସାହୁ ଅତିଥି ଭାବେ ଯୋଗଦେଇ କଳାକାରଙ୍କୁ ପୁରସ୍କୃତ କରିଥିଲେ। ସନ୍ଧ୍ୟାରେ ରାବଣ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲମ୍ବୋଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**୨୨ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ ।
ଧ-୨୪୪


# ଲୋଇସିଂହା ଏନ୍‌ଏସିର ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଲୋଇସିଂହା,୨୫।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ଥିବା ଲୋଇସିଂହ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏନ୍‌ଏସିର ଏକ ଅସ୍ଥାୟୀ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଉପଜିଲାପାଳ ଆଲୋକ ପଟେଲ ଓ ବୁର୍ଡା ସରପଞ୍ଚ ସୁଦୀପ କୁମାର ସା ଯୁଗ୍ମ ଭାବେ ଫିତା କାଟି କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏହାପରେ ବିଡିଓ ଅକ୍ଷୟପାଣି ଉଦ୍ଧ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଏ ସମ୍ପର୍କରେ ଉପଜିଲାପାଳ ପଟେଲ କହିଥିଲେ, ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିସି ମାଧ୍ୟମରେ ମନ୍ତ୍ରୀ ନୂତନ ଏନଏସିକୁ ନେଇ ବାର୍ତ୍ତା ପ୍ରଦାନ କରିଥିଲେ। ସ୍ୱଚ୍ଛତାକୁ ପ୍ରଥମେ ପ୍ରାଥମିକତା ଦିଆଯିବ। ଏହାପରେ ବିଭିନ୍ନ ଯୋଜନା ମାଧ୍ୟମରେ କାର୍ଯ୍ୟଗୁଡିକ କାର୍ଯ୍ୟାନ୍ୱୟନ କରାଯିବ। ଲୋକଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି କାମ କରାଯିବ ବୋଲି ଉପଜିଲାପାଳ ପଟେଲ କହିଥିଲେ। ବିଡିଓ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ଲୋଇସିଂହା ଏନଏସିବାସୀଙ୍କ ପାଇଁ ଉନ୍ନୟନମୂଳକ କାର୍ଯ୍ୟ ଯଥା ଷ୍ଟ୍ରିଟ ଲାଇଟ୍ ,ସଫେଇ କାମ, ଅନେକ ପ୍ରକାର କୋଠାବାଡି ଯଥା କଲ୍ୟାଣମଣ୍ଡପ ଆଦି



ଅସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଉପଜିଲାପାଳ, ବୁର୍ଡା ସରପଞ୍ଚ ଓ ଅନ୍ୟମାନେ।

- କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱ ଗ୍ରହଣ କଲେ ବିଡିଓ
- ଆରମ୍ଭ ନ ହେଉଣୁ ସଫେଇ କାମକୁ ନେଇ ବିବାଦ

ଯୋଜନାଗୁଡିକ ଆଗାମୀ ଦିନରେ ନିଶ୍ଚିତ ଭାବେ କାର୍ଯ୍ୟକାରୀ କରାଯିବ । ପାନୀୟ ଜଳ ଅସୁବିଧା ଦୂର ପାଇଁ ଟ୍ୟାଙ୍କର ଯୋଗେ ଜଳଯୋଗଣ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ । ସଫେଇ ପାଇଁ ବଲାଙ୍ଗୀରରୁ କର୍ମଚାରୀ ନିୟୋଜିତ କରାଯାଉଥିବା ଜାଣି ସ୍ଥାନୀୟ ଅଞ୍ଚଳର ଯୁବକମାନେ ଭାରପ୍ରାପ୍ତ ଏନଏସି ଇଓଙ୍କ ନିକଟରେ ପ୍ରତିବାଦ କରିଥିଲେ । ଉଭୟ ପକ୍ଷ ଆଲୋଚନା ପରେ ସ୍ଥାନୀୟ ବ୍ୟକ୍ତିଙ୍କୁ ନିଯୁକ୍ତ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ ବୋଲି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ସୂଚନାଯୋଗ୍ୟ, କିଛି ଦନ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଆହୂତ ବୈଠକରେ ଲୋଇସିଂହା ଏନଏସିରେ ୨୪ ଘଣ୍ଟିଆ ଜଳ ଯୋଗାଣ ପାଇଁ ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍‌ଘାଟନ ଉତ୍ସବରେ ପନେସରା ସରପଞ୍ଚ ରମାକାନ୍ତ ବିଶ୍ୱାଳ, ବାଦିବାହାଲ ସମିତି ସଭ୍ୟ ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲୋଇସିଂହା ପଞ୍ଚାୟତର ନବନିର୍ମିତ ସୁବିଧା କେନ୍ଦ୍ରକୁ ଅସ୍ଥାୟୀ ଏନଏସି କାର୍ଯ୍ୟାଳୟ ଭାବେ ଉଦ୍‌ଘାଟନ କରାଯାଇଛି।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ

**ବଲାଙ୍ଗୀର,୨୫।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ବନଖଣ୍ଡ ଓ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡିଏଫ୍‌ଓ ଅଜିତ ବିଶିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡା. ମନୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସିଏଫ ମାନସ ରଞ୍ଜନ ବେହେରା ଓ ରେଞ୍ଜ ଅଫିସର ନବୀନ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ଆୟୁର୍ବେଦିକ ଔଷଧ ଓ ପ୍ରାଚୀନ ଚିକିତ୍ସା ପ୍ରଣାଳୀ ସହ ଲୋକଙ୍କୁ ଯୋଡ଼ିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ବଲାଙ୍ଗୀର ଜିଲାରେ ସମୃଦ୍ଧ ଜଙ୍ଗଲ ଓ ଔଷଧୀୟ ଗୁଳ୍ମ ରହିଛି। ଏହାର ସୁରକ୍ଷାକୁ ସମସ୍ତେ ଗୁରୁତ୍ୱ ଦେବା ବୋଲି କହିଥିଲେ। ଏହି ମେଳାରେ ୫୫ଟି ଷ୍ଟଲ ଖୋଲାଯାଇଛି। ରାଜ୍ୟର ୪୭ଜଣ ବୈଦ୍ୟ, କବିରାଜ, ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ସହିତ ରାଜ୍ୟ ବାହାରର ନାମିଦାମୀ ଆୟୁର୍ବେଦ ଔଷଧ କମ୍ପାନୀମାନେ ଅଂଶଗ୍ରହଣ କରିଛନ୍ତି । ମେଳାରେ ସର୍ବସାଧାରଣଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ରହିଛି। ମଧୁମେହ, ଉଚ୍ଚ ରକ୍ତଚାପ, ସ୍ତ୍ରୀ ରୋଗ, ଚର୍ମରୋଗ ଓ ଅନ୍ୟାନ୍ୟ ଦୁରାରୋଗ୍ୟ ବ୍ୟାଧି ବିଷୟରେ ବୈଦ୍ୟମାନଙ୍କ ଆଲୋଚନାଚକ୍ର, କର୍ମଶାଳା ଓ ସମ୍ମିଳନୀ ଆୟୋଜିତ ହେବ ବୋଲି କୁହାଯାଇଛି। ଏହି ହର୍ବାଲ ମେଳା ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ।





ବଲାଙ୍ଗୀର କୋଶଳ କଳା ମଣ୍ଡଳ ପଡିଆରେ ଆୟୋଜିତ କଳିଙ୍ଗ ହର୍ବାଲ ମେଳା।

## ଜାଳେଣି ସଂଗ୍ରହ କରିବାକୁ ଯାଇ ବୃଦ୍ଧାଙ୍କ ମୃତ୍ୟୁ

**କଣ୍ଟାବାଞ୍ଜି,୨୫।୨(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଡୁମେରଚୁଆଁ ଗ୍ରାମର ଜଣେ ବୃଦ୍ଧା ରୋଷେଇ ପାଇଁ ଗଛ ଛାଲି ସଂଗ୍ରହ କରିବାକୁ ଯାଇଥିବା ବେଳେ ତାଙ୍କର ଅକାଳ ବିୟୋଗ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ଦୁଇ ଦିନ ପୂର୍ବରୁ ଡୁମେରଚୁଆଁ ଗ୍ରାମର ବେଲମତି ବରିହା (୮୦) ଜାଳେଣି ଆଣିବା ପାଇଁ ସ୍ଥାନୀୟ ଏକ କାଠ ଡିପୋକୁ ଯାଇଥିଲେ। ହେଲେ ସେଠାରେ ଗଛ ଛାଲି ସଂଗ୍ରହ କରୁଥିବା ବେଳେ ଡିପୋର ଏକ ବିସ୍ତୀର୍ଣ୍ଣ ଗୋଦାମରେ କୌଣସି କାରଣରୁ ଚାପି ହୋଇ ପଡି ରହିଥିଲେ। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ କିମ୍ବା କାର୍ଯ୍ୟ କରୁଥିବା ମଜୁରିଆମାନେ ଜାଣି ପାରି ନ ଥିଲେ। ଅପରପକ୍ଷରେ ବେଲମତି ଘରକୁ ନ ଆସିବାରୁ ତାଙ୍କ ପରିବାର ଲୋକେ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ବୃଦ୍ଧାଙ୍କ ପରିବାର ସଦସ୍ୟ ମଧ ଉକ୍ତ କାଠ ଡିପୋରେ ଥିବା କରତ କଳରେ ନିତି ଦିନ ମଜୁରି କରନ୍ତି । ବୃଦ୍ଧାଙ୍କ ସମ୍ପର୍କୀୟ ଜଲ ବରିହା ସନ୍ଦେହରେ ଗୋଦାମରେ ଖୋଜାଖୋଜି କରିବା ମଧ୍ୟରେ ବୃଦ୍ଧା ଜଣକ ଗଦା ହୋଇଥିବା କାଠ ସନ୍ଧିରେ ଚାପି ହୋଇ ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ । ଏ ନେଇ ସେ ବୁଧବାର କଣ୍ଟାବାଞ୍ଜି ଥାନାକୁ ଖବର ଦେଇଥିଲେ। ଏହାପରେ କଣ୍ଟାବାଞ୍ଜି ଉପ ଆରକ୍ଷୀ ଅଧୀକ୍ଷକ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଏବଂ ପୋଲିସ ପହଞ୍ଚି ଅନୁସନ୍ଧାନ କରିବା ସହ ମୃତଦେହ ଜବତ କରିଥିଲେ । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୬) ରୁଜୁ ହୋଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଆଇଆଇସି ଗୋପାଲ କର୍ଣ୍ଣଙ୍କଠାରୁ ପ୍ରକାଶ।


**Classified Everyday**
0674-2580101, 9692975378

**AFFIDAVIT**

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes. D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅବ୍ୟବସ୍ଥାରେ ସରିଲା ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲୋଇସିଂହା,୨୫।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହେଲେ ଏଥର ପ୍ରଚାର ପ୍ରସାର ଅଭାବରୁ ଲୋକମାନେ ଜାଣି ନ ପାରି ଶିବିରକୁ କମ ସଂଖ୍ୟାରେ ଆସିଥିବା ଦେଖିବାକୁ ମିଳିଥିଲା। ପିଇଓ ସମାରୁ ଦଣ୍ଡସେନାଙ୍କ ସଂଯୋଜନାରେ ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ଅକ୍ଷୟପାଣି ଉଦ୍ଧ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିଦ ହୋତା, ସବ୍‌ଡିଭିଜନାଲ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ହୋତା, ଏମ୍‌ପି ପ୍ରତିନିଧି ବାଳକୃଷ୍ଣ ଧରୁଆ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ଉଦ୍ଧ ଶିବିରର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଗତ ବର୍ଷଗୁଡିକରେ ହେଉଥିବା ଶିବିରରେ ଡାକ୍ତର ଉପସ୍ଥିତ ରହୁଥିଲେ। ଶିବିରରେ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରକୁ ଜଣେ ଭିନ୍ନକ୍ଷମ ବ୍ୟକ୍ତି ଘୁଷୁରି ହୋଇ ଯାଉଛନ୍ତି।

କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଉଥିଲା। କିନ୍ତୁ ଏଥର ସେହି ବ୍ୟବସ୍ଥା ନାହିଁ। ଶିବିରରେ କେବଳ ପଞ୍ଜୀକରଣ କରାଯିବ। ପ୍ରତି ମାସର ୧ ଓ ୧୬ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଯାଞ୍ଚ ହେଉଥିବା ସେ ସୂଚନା ଦେଇଥିଲେ। ସେହିପରି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହୋତା କହିଥିଲେ, ଶିବିରର ଢାଞ୍ଚାଗତ ପରିବର୍ତ୍ତନ ହୋଇଛି। ପୂର୍ବ ଶିବିରରେ କେବଳ ୪ ଜଣ ଡାକ୍ତର ଯୋଗଦେଇ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲେ। କିନ୍ତୁ ୨୧ ପ୍ରକାରର ଭିନ୍ନକ୍ଷମ ରହିଛନ୍ତି। ଏଣୁ ଜିଲା ମୁଖ୍ୟାଳୟରେ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଯାହାକୁ ୟୁଡି ଆଇଡି କାର୍ଡ ମିଳିବ ତାଙ୍କୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ମିଳବ ବୋଲି ହୋତା କହିଥିଲେ। ସବ୍‌ଡିଭିଜନାଲ ଅଧିକାରୀ ହୋତା ଭିନ୍ନକ୍ଷମଙ୍କ ପାଇଁ ରହିଥିବା ବିଭାଗୀୟ ସୁବିଧା ଏବଂ ଅନ୍ୟାନ୍ୟ ଯୋଜନାଗୁଡିକର ସବ୍‌ସିଡି ଉପରେ ଆଲୋକପାତ କରିଥିଲେ। ଏହି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏଣୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ଦିଗରେ ଗୁରୁତ୍ୱାରୋପ କରିବାକୁ ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଲୋଇସିଂହା ବ୍ଲକ ଅଧୀନ ବୁଢୀପଦର ପଞ୍ଚାୟତ ସଲତରପାଲି ଗ୍ରାମର ଉରକୁଲା ସଲତର ୨ ବର୍ଷ ହେବ ପକ୍ଷାଘାତରେ ପୀଡିଅଛନ୍ତି। ତାଙ୍କ ବାମ ହାତ ଓ ୨ ଗୋଡ଼ କାର୍ଯ୍ୟ କରୁନାହିଁ। ଉରକୁଲା ଶିବିରକୁ ଘୋଷାରି ଘୋଷାରି ହୋଇ ଯାଉଥିଲେ। ତାଙ୍କୁ ସେଠାରେ ନିୟୋଜିତ ଥିବା ଜଣେ ପୋଲିସ କର୍ମଚାରୀ ଏବଂ କେତେଜଣ ବ୍ୟକ୍ତି ହାତ ଧରି ଶିବିର ପରିସରକୁ ନେଉଥିବା ଦେଖିବାକୁ ମିଳିଥିଲା। ହେଲେ ନିକଟରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଉରକୁଲାଙ୍କୁ କୌଣସି ସହଯୋଗ ନ କରିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା । କେଉଁ ବିଭାଗରେ କେତେଜଣ ବ୍ୟକ୍ତି ପଞ୍ଜୀକୃତ ହୋଇଛନ୍ତି ସେ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଭବିଶେ ସାହୁଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ ଆସନ୍ତାକାଲି ସବୁ ତଥ୍ୟ ଦିଆଯିବ ବୋଲି କହିଛନ୍ତି । ଶିବିରରେ ପ୍ରାୟ୨ ଶହ ଚୌକି ପଡିଥିବା ବେଳେ ସୂଚନା ଅଭାବରୁ ହାତଗଣତି ଲୋକ ଉପସ୍ଥିତ ଥିଲେ। ସରଗାଡ ସରପଞ୍ଚ ସରୋଜ ବେହେରା କହିଛନ୍ତି, ଶିବିରକୁ କେବଳ ପଞ୍ଜୀକରଣ ପାଇଁ ଡାକି ଭିନ୍ନକ୍ଷମଙ୍କୁ ହଇରାଣ ଓ ଖର୍ଚ୍ଚାନ୍ତ କରିବା ଛଡା ଅନ୍ୟ କିଛି ନାହିଁ । ପଞ୍ଚାୟତ ପ୍ରତିନିଧିମାନେ ଭିନ୍ନକ୍ଷମଙ୍କ ଘରୁ ଡକ୍ୟୁମେଣ୍ଟ ସଂଗ୍ରହ କରିଥିଲେ। ଏଭଳି ଶିବିର କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁବର୍ଣ୍ଣପୁର ଜିଲାରୁ ଚାଉଳ ସଂଗ୍ରହ ମନା

- କେଏମ୍ଏସ୍ ୨୦୨୪-୨୫ ରବିରେ ସଂଗ୍ରହ ହୋଇଛି ୬୭% ଚାଉଳ
- ଚାଉଳ ଯୋଗାଣ ପୁନଃ ଆରମ୍ଭ ନ ହେଲେ ଆନ୍ଦୋଳନ: ମିଲର୍ସ ସଂଘ

**ସୋନପୁର,୨୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ଅଧିକ ଧାନ ଉତ୍ପାଦନ ହେଉଥିବା ସୁବର୍ଣ୍ଣପୁର ଜିଲାରୁ ଚାଉଳ ସଂଗ୍ରହ ବନ୍ଦ ରହିଛି। ସରକାର ଏହି ଜିଲାରୁ କଷ୍ଟମ ମିଲ୍ଡ ରାଇସ୍(ସିଏମ୍ଆର) ସଂଗ୍ରହ ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଜିଲାରେ ଭାରତୀୟ ଖାଦ୍ୟ ନିଗମକୁ ୨୦୨୪-୨୫ ବର୍ଷ ପାଇଁ ଖରିଫ ମାର୍କେଟିଂ ସିଜନ(କେଏମ୍ଏସ୍) ରବିରେ ଚାଉଳ ସଂଗ୍ରହ ଗତ ୬ତାରିଖଠାରୁ ବନ୍ଦ ରହିଛି। ରାଜ୍ୟ ସରକାରଙ୍କ ଚାଉଳ ସଂଗ୍ରହ କେନ୍ଦ୍ର(ଆର୍ଆର୍ସି)ଗୁଡ଼ିକ ମଧ୍ୟ ଚାଉଳ ଗଚ୍ଛିତ ରଖୁନାହାନ୍ତି। ଅଥଚ ପଡ଼ୋଶୀ ସମ୍ବଲପୁର ଓ ବରଗଡ଼ ଜିଲାରୁ ଏଫ୍ସିଆଇକୁ ଚାଉଳ ପ୍ରଦାନ ଜାରି ରହିଛି। ଚାଷୀଙ୍କ ନିକଟରୁ ଚଳିତ ଖରିଫ୍‌ରେ ସୁରୁଖୁରୁରେ ଧାନ ସଂଗ୍ରହ ହୋଇଥିବା ସୁବର୍ଣ୍ଣପୁର ଜିଲାରୁ ଚାଉଳ ସଂଗ୍ରହ ନ ହେବା ବିଷମ ପରିସ୍ଥିତି ସୃଷ୍ଟି କରିଛି। ଖୁବଶୀଘ୍ର ଏଫ୍ସିଆଇକୁ ଚାଉଳ ଯୋଗାଣର ପୁନଃ ଆରମ୍ଭ ନ ହେଲେ ସୁବର୍ଣ୍ଣପୁର ଜିଲା ମିଲର୍ସ ସଂଘ ଆନ୍ଦୋଳନ କରିବ ବୋଲି ବୁଧବାର ଚେତାବନୀ ଦେଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ଜିଲାପାଳ ଡ. ନୃପରାଜ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଖରିଫ ମାର୍କେଟିଂ ସିଜନ ୨୦୨୪-୨୫ ରବିରେ ସୁବର୍ଣ୍ଣପୁର ଜିଲାରୁ ୧୮ଲକ୍ଷ ୮୨ହଜାର ୯୯୨କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଜିଲାର ମିଲରମାନେ ଏ ବାବଦରେ ସରକାରଙ୍କୁ ୮ଲକ୍ଷ ୬୩ହଜାର ୯୩୧କୁଇଣ୍ଟାଲ ସିଏମ୍ଆର(୬୭%) ପ୍ରଦାନ କରିଛନ୍ତି। ବାକି ୪ଲକ୍ଷ ୧୬ହଜାର ୫୦୩ କୁଇଣ୍ଟାଲ ସିଏମ୍ଆର(୩୭%) ଏ ପର୍ଯ୍ୟନ୍ତ ଯୋଗାଣ ହୋଇନାହିଁ। ପୂର୍ବ କାର୍ଯ୍ୟଦକ୍ଷତାକୁ ଦେଖିଲେ କେଏମ୍ଏସ୍ ୨୦୨୪-୨୫ର ୧୦୦ପ୍ରତିଶତ ଚାଉଳ ଯୋଗାଣ ସାରିବାକୁ ଆହୁରି ୩ ମାସ ସମୟ ଲାଗିବ। ଜିଲାଗୁଡ଼ିକରେ ସିଏମ୍ଆର୍ ପ୍ରଦାନ ଓ ଗତିବିଧି ପାଇଁ ଫେବୃଆରୀ ୨୦ରେ ଭୁବନେଶ୍ୱରରେ ଅନୁଷ୍ଠିତ ୧୬ତମ ଷ୍ଟୁଡେଣ୍ଟ ପ୍ଲାନ୍ କମିଟି ବୈଠକରେ ୮ଟି ଜିଲାକୁ ଏଫ୍ସିଆଇ ଚାଉଳ ଯୋଗାଣ ଲକ୍ଷ୍ୟ ଦିଆଯାଇଛି। କିନ୍ତୁ ଏଥିରେ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ସୁବର୍ଣ୍ଣପୁର ଜିଲାକୁ ଉପେକ୍ଷା କରାଯାଇଛି। ଏହି ଜିଲାରୁ ଚାଉଳ ସଂଗ୍ରହ ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅନ୍ୟପକ୍ଷେ ଭାରତ ସରକାର ଏପ୍ରିଲ ୨୦୨୬ ସୁଦ୍ଧା କେଏମ୍ଏସ୍‌ର ସିଏମ୍ଆର୍ ସଂଗ୍ରହ ଶେଷକରିବା ପାଇଁ ଶେଷ ତାରିଖ ଧାର୍ଯ୍ୟ କରିଛନ୍ତି। ଜିଲାରେ ୨୦୨୫-୨୬ ଖରିଫରେ ଚାଷୀଙ୍କ ନିକଟରୁ ଜିଲାର ମୋଟ ୫୪ ମିଲରଙ୍କ ଜରିଆରେ ୩୭ଲକ୍ଷ ୬୮ହଜାର ୪୦୩ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏହି ଧାନର ମିଲିଂ କାର୍ଯ୍ୟ ଆରମ୍ଭ ହୋଇନାହିଁ। ମିଲରଙ୍କ ଗୋଦାମରେ ଧାନ ଓ ଚାଉଳ ଭର୍ତ୍ତି ହୋଇ ରହିଛି। କେଏମ୍ଏସ୍ ରବିଧାନ ସଂଗ୍ରହ ମେ ମାସରେ ଆରମ୍ଭ ହେବ। ଏଭଳି ସ୍ଥିତିରେ ମିଲରଙ୍କ ନିକଟରେ ଆଉ ଧାନ ରଖିବା ପାଇଁ ସ୍ଥାନ ନାହିଁ। ଏହାଦ୍ୱାରା ଜିଲାର ଚାଷୀ ଧାନ ବିକ୍ରି ପାଇଁ ଅସୁବିଧାର ସମ୍ମୁଖୀନ ହେବେ। ମିଲ୍‌ରେ ଧାନ ଓ ଚାଉଳ ଗଚ୍ଛିତ ରହି ଧାନ, ଚାଉଳର ଗୁଣବତ୍ତା ହ୍ରାସ ପାଇବା ଆଶଙ୍କା ରହିଛି। ଜିଲାର ଚାଉଳ ମିଲ୍ ବନ୍ଦହେବା ଦ୍ୱାରା ମାଲିକ ଓ ଶ୍ରମିକଙ୍କ ଜୀବନ ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବା ସମ୍ଭାବନା ରହିଛି। ତେଣୁ ଗୋଟିଏ ସପ୍ତାହ ମଧ୍ୟରେ ଏଫ୍ସିଆଇକୁ ସିଏମ୍ଆର୍ ପ୍ରଦାନ ପୁନଃ ଆରମ୍ଭ ନ ହେଲେ ମିଲରମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ମିଲର୍ସ ସଂଘର ଭଜନଲାଲ ଅଗ୍ରୱାଲ, ନନ୍ଦୁଲାଲ ଅଗ୍ରୱାଲ, ଆଶିଷ ରଞ୍ଜନ ବାବୁ, ମନୋଜ କୁମାର ଅଗ୍ରୱାଲ, ମନୀଷ କୁମାର ଅଗ୍ରୱାଲ, ସୁନୀଲ କୁମାର ପାତ୍ର, ଆକାଶ କୁମାର ଅଗ୍ରୱାଲ, ପ୍ରହଲ୍ଲାଦ ଅଗ୍ରୱାଲ, ପ୍ରକାଶ ରଞ୍ଜନ ବାବୁ, ଆଲୋକ ଅଗ୍ରୱାଲ, ସୁରେଶ ମୁଦ୍ରା ଓ ଧୀରଜ ଅଗ୍ରୱାଲ ପ୍ରମୁଖ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ।



ମିଲର୍ସ ସଂଘ କର୍ମକର୍ତ୍ତା ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ପୁସ୍ତକ ଲୋକାର୍ପଣ, କବିତା ପାଠୋତ୍ସବ


ପୁସ୍ତକ ଫର୍ଡିଗୁଡ଼ା ଲୋକାର୍ପଣ ଓ କବିତା ପାଠୋତ୍ସବରେ ଅତିଥିଗଣ।

**ବୀରମହାରାଜପୁର,୨୫।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉଲୁଣ୍ଡା ବ୍ଲକ ବିଶିପଡା ପଞ୍ଚାୟତ ସଭା ଗୃହରେ ବୁଧବାର ଡ଼ ପ୍ରୟାଗ ଦତ୍ତ ଯୋଶୀଙ୍କ ଜନ୍ମ ଦିନ ପାଳନ ଅବସରରେ ଯଜ୍ଞେଶ୍ୱର ବିଶିଙ୍କ ଲିଖିତ କୋଶଲି ପୁସ୍ତକ 'ଫର୍ଡିଗୁଡ଼ା'ର ଲୋକାର୍ପଣ ଏବଂ କବିତା ପାଠସବ ଅନୁଷ୍ଠିତ ହୋଇଯାଇଛି। ଜଜ୍ଞେଶ୍ୱର ବିଶିଙ୍କ ଆବାହକତ୍ୱ ଏବଂ ବିଶିଷ୍ଟ ଲେଖକ ଗୋରେଖ ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବକ୍ତାଭାବେ ଅବସରପ୍ରାପ୍ତ ଅଧକ୍ଷ ଡ଼ ପ୍ରଫୁଲ୍ଲ କୁମାର ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଦୈତାରୀ ବେହେରା, ଶିକ୍ଷାବିତ୍ ବ୍ରଜ ମୋହନ ଦାନୀ, କବି ଯୁଧିଷ୍ଠିର ଖମାରୀ, କମ୍ବୁଧର ସୁନା ଯୋଗଦେଇଥିଲେ। କୋଶଲି ଭାଷା ଉନ୍ନତ ପ୍ରାଚୀନ ଭାଷା। ପଶ୍ଚିମା ଓଡ଼ିଶା ସମେତ ପଡୋଶୀ ରାଜ୍ୟର ସୀମାନ୍ତ ଅଞ୍ଚଳକୁ ମିଶାଇ ପ୍ରାୟ ଚାରି କୋଟି ଲୋକ ଏହି ଭାଷାକୁ ବ୍ୟବହାର କରୁଛନ୍ତି । ଏହି ଭାଷାର ସାମ୍ବିଧାନିକ ମାନ୍ୟତା ଅଭାବରୁ ପଶ୍ଚିମା ଓଡ଼ିଶାର ଶିଶୁ ମାନଙ୍କର ବୈଧିକ ବିକାଶ ହୋଇ ପାରୁନାହିଁ। ନିଜ ମାତୃଭାଷାରେ ପାଠ ପଢା ହେଉ ନ ଥିବାରୁ ଅପାଠୁଆ ଏବଂ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ପଶ୍ଚିମ ଓଡ଼ିଶାରେ ସର୍ବାଧିକ ବୋଲି ଅତିଥି ଗଣ ମତବ୍ୟକ୍ତ କରିବା ସହ ଏହି ଭାଷାର ଶୀଘ୍ର ସାମ୍ବିଧାନିକ ମାନ୍ୟତା ପ୍ରଦାନ ଦାବି କରିଥିଲେ । ଡ଼ ସ୍ୱର୍ଣ୍ଣପ୍ରଭା ମହାପାତ୍ର ଏବଂ ଅଧାପିକା ସନ୍ତୋଷିନୀ ନାଏକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବୟିତ୍ରୀ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ରାମେଶ୍ୱର ବଡ଼ମାଲି ଧନ୍ୟବାଦ ଅର୍ପଣ କରିଥିଲେ ।

# ପରୀକ୍ଷା ଖାତାଦେଖା, ଫଳ ପ୍ରକାଶନରେ ତ୍ରୁଟି

**ସୋନପୁର,୨୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ଯୁକ୍ତ ୩ ପରୀକ୍ଷା ଖାତା ଦେଖା ଓ ଫଳ ପ୍ରକାଶନରେ ତ୍ରୁଟି ପରିଲକ୍ଷିତ ହୋଇଛି। ଇଣ୍ଟରନାଲ ଓ ଏକ୍ସଟରନାଲ ପରୀକ୍ଷା ଖାତା ଦେଖା ଏବଂ ପରୀକ୍ଷା ଫଳ ପ୍ରକାଶନରେ ତ୍ରୁଟି ହୋଇଛି। ତ୍ରୁଟି ସଂଶୋଧନ ଓ ପରୀକ୍ଷା ଖାତାର ଫଟୋ କପି ପ୍ରଦାନ ପାଇଁ ପରୀକ୍ଷାର୍ଥୀ ଆବଶ୍ୟକ ଦେୟ ପ୍ରଦାନ କରିଛନ୍ତି। କିନ୍ତୁ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ୬ରୁ ୭ମାସ ଧରି ତାହା ପ୍ରଦାନ କରାଯାଉନି। ସୋନପୁର କଲେଜରେ ଏଥିନେଇ ଛାତ୍ର ଅଶାନ୍ତି ଲାଗି ରହିଥିବାବେଳେ ମଙ୍ଗଳବାର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ନିକଟରେ ଉପ ନିୟନ୍ତ୍ରକ ଦାୟିତ୍ୱରେ ଥିବା ଡ. ନରେନ୍ଦ୍ର ରାଉତ ବିଜ୍ଞାନ ପ୍ରାକ୍ଟିକାଲ ପରୀକ୍ଷା ପାଇଁ ଏକ୍ସଟରନାଲ ଭାବରେ ସୋନପୁର କଲେଜକୁ ଆସିଥିଲେ। କଲେଜର ଛାତ୍ରୀଛାତ୍ର ଉପନିୟନ୍ତ୍ରକ ଡ. ରାଉତଙ୍କୁ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଛାତ୍ରୀ ସ୍ମିତାରାଣୀ ହୋତାଙ୍କ ଇତିହାସ ସେମିଷ୍ଟାର ପରୀକ୍ଷାରେ ୧୦୦ରୁ ୧୦୧ ନମ୍ବର ମିଳିବା। ଆଉ ଗୋଟେ ପେପରରେ ବହୁତ କମ୍ ନମ୍ବର ରହିବା ବିଷୟରେ ପଚାରିଥିଲେ। ସେହିପରି କିଛି ଛାତ୍ରଙ୍କୁ ୧୦୦ରୁ ୧୦୩ ଓ ୧୦୪ ନମ୍ବର ମିଳିଛି। ତେବେ ଏକାଧିକ ମେଧାବୀ ଛାତ୍ରୀଛାତ୍ରଙ୍କୁ ବ୍ୟାକ୍‌ପେପର ଲାଗିବାର କାରଣ ବିଷୟରେ ଛାତ୍ର ଶୁଭମ୍ ମିଶ୍ର ଉପନିୟନ୍ତ୍ରକଙ୍କ ସ୍ୱଷ୍ଟୀକରଣ କରିଥିଲେ। ଇଣ୍ଟରନାଲ ପରୀକ୍ଷାରେ କେତେଜଣ ମେଧାବୀ ପରୀକ୍ଷାର୍ଥୀଙ୍କୁ ୮ନମ୍ବର ରହିବାକୁ ନେଇ ଛାତ୍ରୀଛାତ୍ର ଓ ଉପନିୟନ୍ତ୍ରକଙ୍କ ମଧ୍ୟରେ ଆଲୋଚନା ସମୟରେ ଉଚ୍ଚବାଚ ହୋଇଥିଲା। ଏହି ସମୟରେ ଉପନିୟନ୍ତ୍ରକ ଛାତ୍ରୀଛାତ୍ର ଓ କଲେଜର କେତେକ ଅଧ୍ୟାପକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ତେବେ ଏଣ୍ଟ୍ରି ସମୟରେ ତ୍ରୁଟି ହୋଇଛି। ପୋର୍ଟାଲରେ ସମସ୍ୟା ଥିଲା, ତାହାର ସମାଧାନ ହୋଇଛି। ଏହା ପ୍ରଭିଜନାଲ ପରୀକ୍ଷା, ଚୂଡ଼ାନ୍ତ ପରୀକ୍ଷାରେ ନିର୍ଭୁଲ ଭାବେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଡ. ରାଉତ ପ୍ରତିଶ୍ରୁତି ଦେଇଥିଲେ।



ସୋନପୁର କଲେଜର ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ଉପନିୟନ୍ତ୍ରକଙ୍କୁ ଘେରିଛନ୍ତି।

**ପରୀକ୍ଷା ଉପନିୟନ୍ତ୍ରକଙ୍କୁ ଘେରିଲେ କଲେଜର ଛାତ୍ରୀଛାତ୍ର**

# ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ବୀରମହାରାଜପୁର,୨୫।୨(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ପୋଲିସ ବୁଧବାର ଅପରାହ୍ନରେ ରକ୍ସା ଛକରୁ ଗଞ୍ଜେଇ ଜବତ ସହ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ରୋହିତ ସୁନା। ରୋହିତ ଏକ ବ୍ୟାଗରେ ଗଞ୍ଜେଇ ଧରି ରକ୍ସା ଛକରେ ବସକୁ ଅପେକ୍ଷା କରିଥିଲେ। ସେହି ସମୟରେ ପାଟ୍ରୋଲିଂ ପୋଲିସ ଟିମ୍ ସନ୍ଦେହ ହେବାରୁ ରୋହିତଙ୍କ ବ୍ୟାଗକୁ ଯାଞ୍ଚ କରିଥିଲା। ଯାଞ୍ଚ ପରେ ବ୍ୟାଗରେ ଗଞ୍ଜେଇ ଥିବା ଜଣାପଡିଥିଲା। ଓଜନ ପରେ ୪କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏନେଇ ଏକ ମାମଲା(ନଂ.୩୯/୨୬) ରୁଜୁ ହୋଇଛି।

# ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ: ଖଣ୍ଡହତା ଚାମ୍ପିୟନ


ଟ୍ରଫି ସହିତ ଚାମ୍ପିୟନ ଖଣ୍ଡହତା ଦଳର ଖେଳାଳିମାନେ।

**ଅମରପାଲି,୨୫।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତାରେ ଚାଲିଥିବା ପଞ୍ଚମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବହଳପଦର କୁ ହରାଇ ଖଣ୍ଡହତା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ବହଳପଦର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ କରିଥିଲା। ଜବାବରେ ଖଣ୍ଡହତା ଦଳ ୮.୩ ଓଭରରେ ୩ ଉଇକେଟ ହରାଇ ୧୧୫ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ବହଳପଦର ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୩ ଉଇକେଟ ହରାଇ ୧୧୮ ରନ କରିଥିଲା। ଜବାବରେ ଖଣ୍ଡହତା ଦଳ ୬.୧ ଓଭରରେ ୩ ଉଇକେଟ ହରାଇ ୧୧୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ଖଣ୍ଡହତା ମ୍ୟାଚ ବିଜେତା ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଧ୍ୟାପକ ବିଜୟ କୁମାର ପ୍ରଧାନ ମୁଖ୍ୟ ଅତିଥି, ଶିକ୍ଷକ ବାଙ୍କା ବିହାରୀ ମହାକୁର, କ୍ରୀଡାବିତ ପ୍ରହଲ୍ଲାଦ ମୁଖୀ, ସଙ୍କୀର୍ତ୍ତନ ସାହୁ, ଶୁଭେନ୍ଦୁ ଥାଟି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଖଣ୍ଡହତାର ରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ଫାଇନାଲ ଓ ଶ୍ରେଷ୍ଠ ବ୍ୟାଟର ଏବଂ ବହଳପଦରର ବିଶ୍ୱନାଥ ସାହୁଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ଖଣ୍ଡହତା ଦଳକୁ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର ଅପ ବହଳପଦର ଦଳକୁ ୧୦ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା।


## ୨୨ତମ ଜନ୍ମଦିନ ଶୁଭେଚ୍ଛା



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।
ଧ-୨୪୪


# ପୂର୍ବତନ ପରୀକ୍ଷା ନିୟନ୍ତ୍ରକଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ

**ସୋନପୁର,୨୫।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର କଲେଜ ସଭା ପ୍ରକୋଷ୍ଠରେ କଲେଜର କର୍ମଚାରୀଙ୍କର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଷ୍ଟାଫ ଆଶୋସିଏଶନ ସଭାପତି ଅକ୍ଷୟ କୁମାର ସାହୁ ଅଧକ୍ଷତା କରିଥିଲେ। ମଙ୍ଗଳବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ତଥା ବର୍ତ୍ତମାନର ଉପ ପରୀକ୍ଷା ନିୟନ୍ତ୍ରକ ଡ. ନରେନ୍ଦ୍ର ରାଉତ ମହାବିଦ୍ୟାଳୟକୁ ଆସି ଛାତ୍ରୀଛାତ୍ର ତଥା ଅଧ୍ୟାପକମାନଙ୍କୁ ଦେଖେଇଥିବା ଦୁର୍ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଥିଲା। ରାଉତ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ଅସିଥିବା ବେଳେ କେତେକ ଛାତ୍ର ପରୀକ୍ଷା ସମ୍ବନ୍ଧରେ ଅଭିଯୋଗ କରିବା ପାଇଁ ତାଙ୍କ ନିକଟକୁ ଯାଇଥିଲେ। ୧୦୦ ମାର୍କରୁ କେମିତି ପିଲା ୧୦୩, ୧୦୧, ୧୧୦ ଆଣୁଛନ୍ତି । ଛାତ୍ରୀଛାତ୍ରମାନେ ପରୀକ୍ଷା ପତ୍ରର ପୁନଃ ମୂଲ୍ୟାୟନ ତଥା ଫୋଟକପି ଦେଖିବା ପାଇଁ ଫି ସାତ ମାସ ପୂର୍ବରୁ ପ୍ରଦାନ କରି ଆବେଦନ କରିଥିବା ସତ୍ତ୍ୱେ ସେମାନଙ୍କୁ ଦିଆଯାଇନାହିଁ। ଇଣ୍ଟରନାଲ ପରୀକ୍ଷାରେ ଅଧ୍ୟାପକମାନେ ୪୦ ମାର୍କ ଦେଇଥିବା ବେଳେ ପରୀକ୍ଷା ଫଳ ଆସିଲା ବେଳେ ୩୨ ଆଉ ଯାହାକୁ ୧୮ ଦିଆହେଇଛି ତାର ଫଳ କେମିତି ୪୦ ଆସୁଛି । ଏଭଳି ଅଭିଯୋଗ ଶୁଣିବା ପରିବର୍ତ୍ତେ ଡ଼ ରାଉତ ମୁଁ ଛାତ୍ର ମାନଙ୍କ ସହିତ କଥା ହେବି ନାହିଁ ବୋଲି କହିଥିଲେ। ତାପରେ ଛାତ୍ରୀଛାତ୍ରମାନେ ତାଙ୍କୁ ଘେରି ଯାଇଥିଲେ। ଏହି ଭଳି ଯୁକ୍ତି ଚାଲିଥିଲା ବେଳେ ଅଧ୍ୟାପକ ଡ଼. ରାଜେନ୍ଦ୍ର ରଣା, ଧୀରେନ୍ଦ୍ର କୁମାର ମିଶ୍ର ଓ ନିରଞ୍ଜନ ଡାଙ୍ଗ ସେଠାକୁ ଆସି ଛାତ୍ରୀଛାତ୍ରଙ୍କ ପରୀକ୍ଷା ସମ୍ପର୍କିତ ବିଭିନ୍ନ ସମସ୍ୟା ବିଷୟରେ ନିୟନ୍ତ୍ରକଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ପରେ ସମ୍ପୃକ୍ତ ଅଧ୍ୟାପକ ମାନଙ୍କୁ ସନ୍ଧ୍ୟାରେ ଫୋନ କଲ କରି ଡ ରାଉତ ଧମକ ଚମକ ଦେବ ସହିତ ବଦଳି କରିଦେବି ବୋଲି କହିଥିବା ଅଭିଯୋଗ ହୋଇଛି। ତେଣୁ କଲେଜର ଆସୋସିଏଶନ ତରଫରୁ ଡ ରାଉତଙ୍କର ଏଭଳି କାର୍ଯ୍ୟକୁ ଉପସ୍ଥିତ ସମସ୍ତ ଅଧ୍ୟାପକ ତଥା କର୍ମଚାରୀମାନେ ନିନ୍ଦା କରିବା ସହିତ ତାଙ୍କ ବିରୋଧରେ ଏକ ନିନ୍ଦା ପ୍ରସ୍ତାବ ପାରିତ କରିଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣେଇବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି ।

# ଶନିଶ୍ଚର ମନ୍ଦିର ପ୍ରତିଷ୍ଠା, ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ତରଭା, ୨୫।୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା କୁମ୍ଭାରପଡାସ୍ଥିତ ନବନିର୍ମିତ ଶନିଶ୍ଚର ମନ୍ଦିର ମନ୍ଦିର ପ୍ରତିଷ୍ଠା ଓ ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କମିଟି ସଭ୍ୟ, ଗ୍ରାମବାସୀ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ବଡ଼ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ମୁଖ୍ୟକର୍ତ୍ତାଭାବେ ଶଙ୍କର ନାଏକ ଓ ତାଙ୍କ ସହଧର୍ମିଣୀ ଲିଲି ନାଏକ, ନାମଯଜ୍ଞ ପାଇଁ ଝସକେତନ ରଣା ଓ ତାଙ୍କ ସହଧର୍ମିଣୀ କର୍ତ୍ତାକର୍ତ୍ତୀ ଦାୟିତ୍ୱରେ ରହିଛନ୍ତି।


**Classified Everyday** 0674-2580101, 9692975378

## AFFIDAVIT

I, Litton Behra, Village- Niranjanpur, Dist.- Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No- 79AA335015, that now onwards I shall be known as Sarojini Behera for all future purposes. D-3482

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ୩ ମାମଲା

**୩ଜଣଙ୍କୁ ଥାନାରେ ପଚରାଉଚରା**

**ବିନିକା,୨୫।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉତ୍ତେଜନା ପ୍ରକାଶ ପାଇଛି। ଏ ନେଇ ପରସ୍ପର ବିରୋଧରେ ଅଭିଯୋଗ ଆଧାରରେ ଥାନାରେ ୩ଟି ମାମଲା ରୁଜୁ ହୋଇଛି ।

ବିନିକା ଥାନା ସିନ୍ଦୁରପୁରର ସୋନୁ ପଣ୍ଡା ଓରଫ ପାର୍ଥ କାର ଯୋଗେ ଗତ ସୋମବାର ରାତି ପ୍ରାୟ ୯ଟା୩୦ରେ ଘରକୁ ଫେରୁଥିଲେ। ସିନ୍ଦୁରପୁର ଛକରେ ଚେରୁପାଲି ରଙ୍ଗିଆଟିକ୍ରାର କିରନ ସୁନା, ଭଣ୍ଡାରର କାହ୍ନା ଓ ଅନ୍ୟମାନେ ତାଙ୍କ କାରକୁ ଅଟକାଇ ରିଭଲଭର୍, ଖଣ୍ଡା, ଭୁଜାଲ ଆଦି ମରଣାସ୍ତ୍ର ଦେଖାଇ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ତାଙ୍କ ପାଖରେ ଥିବା ୫୦ହଜାର ଟଙ୍କା, ୨ଭରି ଓଜନର ସୁନା ଚେନ ସେମାନେ ଛଡାଇ ନେଇ ପଳାଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୩୪/୨୬)ରୁଜୁ ହୋଇଛି।

ମଙ୍ଗଳବାର ଚେରୁପାଲିର ରଙ୍ଗିଆଟିକ୍ରାର କିରନ ସୁନା ସିନ୍ଦୁରପୁର ପଡିଆରେ କ୍ରିକେଟ ଖେଳିବାକୁ ଯାଉଥିବା ସମୟରେ ସୋନୁ ସେଠାରେ ପହଞ୍ଚି ତାଙ୍କୁ କାରରେ ଉଠାଇ ନେଇଥିଲେ। ବିନିକା ସହରରେ ଥିବା ଏକ ଶୋରୁମ ପାଖରେ ଥିବା କୋଠରିରେ ରଖି ମାଡ଼ ମାରିଥିଲେ। ଜାତିଆଣ ଆକ୍ଷେପ କରିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି କିରନଙ୍କୁ ଉଦ୍ଧାର କରିଥିଲା। ଏ ନେଇ କିରନଙ୍କ ମା' ତୁଳସୀ ସୁନା ବିନିକା ଥାନାରେ ଏତଲା ଦେଇଛନ୍ତି। ଏଥିରେ ସୋନୁ ପଣ୍ଡା, ସହିଲ ବାରିକ, ପପୁ ଷାଣ୍ଡ, ସଞ୍ଜିବ ମିଶ୍ର ଓ ଅନ୍ୟ କେତେଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଏନେଇ ଏକ ମାମଲା (ନଂ.୩୬/୨୬)ରୁଜୁ କରି ତଦନ୍ତ କରୁଥିବା ପୋଲିସ କହିଛି।

ଅନ୍ୟ ଏକ ଘଟଣାକ୍ରମରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସିନ୍ଦୁରପୁରର ମାଳତୀ ବିଭାର ତାଙ୍କ ପୁଅ ନରେନ୍ଦ୍ର ବିଭାରଙ୍କୁ ବିନିକା ଡାକ୍ତରଖାନାରୁ ଅପହରଣ କରି ନିଆଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ପୁଅ ନରେନ୍ଦ୍ରଙ୍କ ସହ ସେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଏହି ସମୟରେ ସୋନୁ ପଣ୍ଡା ଓ ତାଙ୍କ ସାଥୀମାନେ ସେଠାରେ ପହଞ୍ଚି ନରେନ୍ଦ୍ରଙ୍କୁ ଗାଲିଗୁଲଜ କରିଥିଲେ। ତାଙ୍କ ଜାତିକୁ ନେଇ ଆକ୍ଷେପ କରିବା ସହ ୪୫ଶହ ଟଙ୍କା ଓ ଏକ ମୋବାଇଲ ଛଡାଇ ନେଇଥିଲେ। ପ୍ରତିବାଦ କରିବାରୁ ସେମାନେ ମୋତେ ମଧ୍ୟ ମାଡ ମାରିଥିବା ମାଳତୀ ଥାନାରେ ଏତଲା ଦେଇଥିବା ପୋଲିସ କହିଛି। ଏ ନେଇ ଏକ ମାମଲା(ନଂ.୩୫/୨୬) ରୁଜୁ ହୋଇଛି।

୩ଟି ପୃଥକ ମାମଲା ରୁଜୁ କରି ପୋଲିସ ସୋନୁ ପଣ୍ଡା, କିରନ ସୁନା ଓ ନରେନ୍ଦ୍ର ବିଭାରଙ୍କୁ ଥାନାକୁ ଆଣି ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପଧାନ କହିଛନ୍ତି। ଘଟଣାଟି ସବର୍ଣ୍ଣ-ଅସବର୍ଣ୍ଣଙ୍କ ମଧ୍ୟରେ ହୋଇଥିବାରୁ ମଙ୍ଗଳବାର ରାତିରେ ଉଭୟ ପକ୍ଷ ଥାନାରେ ରୁଣ୍ଡ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଡିଏସ୍‌ପି ରେଣୁକା ସୁନା ଥାନାକୁ ଆସି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ।

# ମା'ଙ୍କ ସହ ଘରକୁ ଗଲେ ନବବଧୂ

**ବନ୍ଧୁକ ଦେଖାଇ ନବବଧୂ ଅପହରଣ ମାମଲା**
- ଉଭୟ ପକ୍ଷରୁ ଦିଆଯାଇଥିବା ଅଳଙ୍କାର ଫେରସ୍ତ ନେଲେ
- ଜେଲଗଲେ ଅଭିଯୁକ୍ତ ସଞ୍ଜୀବ

**ତରଭା,୨୫।୨(ମାନଭଞ୍ଜନ ମିଶ୍ର):** ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ସମ୍ବଲପୁରରୁ ଉଦ୍ଧାର କରିଥିବା ନବବଧୂଙ୍କୁ ବୁଧବାର ତାଙ୍କ ମା'ଙ୍କୁ ହସ୍ତାନ୍ତର କରାଯାଇଛି। ସେ ମା'ଙ୍କ ସହିତ ଘରକୁ ଯାଇଛନ୍ତି। ବଲାଙ୍ଗୀର ସହର କାମାକ୍ଷାନଗର ନିବାସୀ ହରିବନ୍ଧୁ ପୁଟେଲଙ୍କ ସହ କଣ୍ଟାମାଳ ରଥପଡାରେ ବାହାଘର ହୋଇଥିଲା। ବାହାଘର ସାରି ଫେରିବା ବାଟରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅନ୍ତର୍ଗତ ବଡଛେପାପାଲି ଗ୍ରାମର ସଞ୍ଜିବ ସାହୁ ତରଭା ବଡବନ୍ଧ ନିକଟରେ ବନ୍ଧୁକ ଦେଖାଇ ନବବଧୂଙ୍କୁ ନେଇ ସମ୍ବଲପୁରର ଏକ ଭଡା ଘରେ ରଖିଥିଲେ। ତରଭା ପୋଲିସ ସମ୍ବଲପୁର ପୋଲିସ ସହାୟତାରେ ନବବଧୂଙ୍କୁ ଉଦ୍ଧାର କରିଥିଲା। ଗୁରୁବାର ଅଭିଯୁକ୍ତ ସଞ୍ଜୀବଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଆଇନ ଅନୁଯାୟୀ ନବବିବାହିତାଙ୍କୁ ବର ପକ୍ଷରୁ ଦିଆଯାଇଥିବା ସୁନାହାର, ମଙ୍ଗଳସୂତ୍ର, ନାକଫୁଲ, ଦୁଇଟି ରୁପା ମୁଦି ପ୍ରଭୃତି ତରଭା ଥାନାରୁ ବର ହରିବନ୍ଧୁଙ୍କୁ ପ୍ରଦାନ କରାଯାଇଛି। ସେହିପରି କନ୍ୟା ପକ୍ଷର ସମସ୍ତ ଜିନିଷ କନ୍ୟାଙ୍କ ମା'ଙ୍କୁ ଦିଆଯାଇଛି। ନବବିବାହିତାଙ୍କୁ ତଦନ୍ତକାରୀ ଅଧିକାରୀ ପ୍ରଶାନ୍ତଜିତ ବେହେରା ତାଙ୍କ ମା'ଙ୍କ ଜିମା ଦେଇଥିବା ତରଭା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମଦ ବିକ୍ରି ହେଉଥିବା ଢାବାରେ କଡ଼ାକଡ଼ି ଯାଞ୍ଚ ହେବ

## ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

**ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆହ୍ୱାନକ୍ରମେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରି ମଦ ବିକ୍ରି ହେଉଥିବା ଢାବାଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରିବା, ୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ, ଗାଡ଼ି



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଚଲାଇବାବେଳେ ହେଲ୍‌ମେଟ୍ ପିନ୍ଧିବା ସହ ସିଟ୍‌ବେଲ୍ଟ ବାନ୍ଧିବା, ନୂତନ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଏସ୍‌ପି ଅନିଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧନଞ୍ଜୟ ମହନ୍ତ, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଟିପିଡବ୍ଲ୍ୟୁ ନିର୍ବାହୀଯନ୍ତ୍ରୀ ରାଜୁ ସାହା, ସତ୍ୟନାରାୟଣ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ୫ ମୃତ ପୋଲିସ କର୍ମଚାରୀଙ୍କ ପରିବାରକୁ ପୋଲିସ ସାଲାରି ପ୍ୟାକେଜ୍ ପ୍ରଦାନ




କାର୍ଯ୍ୟକ୍ରମରେ ଜଣେ ମୃତ ପୋଲିସ କର୍ମଚାରୀଙ୍କ ସ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ଝାରସୁଗୁଡ଼ା,୨୫।୨(ଆଶିଷ ରଞ୍ଜନ ଦାଶ)**

୪୯ ନମ୍ବର ଜାତୀୟ ରାଜପଥର ଝାରସୁଗୁଡ଼ା ସଦର ଥାନାଠାରୁ ପ୍ରାୟ ୧୦୦ ମିଟର ଦୂର ଏଚ୍.କଣ୍ଟାପାଲି ରାସ୍ତାରେ ରବିବାର ଭୋର ସମୟରେ ଦ୍ରୁତଗାମୀ ଟ୍ରେଲର ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋରେ ବସିଥିବା ୮ ଜଣ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଅବସରରେ ଝାରସୁଗୁଡ଼ା ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୃତ ପୋଲିସ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ସାଲାରି ପ୍ୟାକେଜ୍ ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଉତ୍ତରାଞ୍ଚଳ ଆଇଜିପି ହିମାଂଶୁ ଲାଲ୍, ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ଚେକ୍ ମାଧ୍ୟମରେ ଅନୁକମ୍ପାମୂଳକ ରାଶି ପ୍ରଦାନ କରାଯାଇଛି। ମୃତ ହୋମଗାର୍ଡ ଭକ୍ତବନ୍ଧୁ ମିର୍ଦ୍ଧାଙ୍କ ମା'ଙ୍କୁ ୩୦ ଲକ୍ଷ, ମୃତ କନଷ୍ଟେବଲ୍ ଦେବଦତ୍ତ ସା, କନ୍‌ଷ୍ଟେବଲ୍ କାଶୀରାମ ଭୋଇ, ଡିଏସ୍‌ଆଇ ନିରଞ୍ଜନ କୁଜୁର ଓ ହାବିଲଦାର ଲିଙ୍ଗରାଜ ଧୁରୁଆଙ୍କ ପତ୍ନୀଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କା ଲେଖାଏ ଚେକ୍ ଆଇଜିପି ଲାଲ୍, ଜିଲାପାଳ ଚହ୍ୱାଣ, ଏସ୍‌ପି ରାଘବେନ୍ଦ୍ର ଓ ବ୍ୟାଙ୍କ ଅଧିକାରୀମାନେ ପ୍ରଦାନ କରିଛନ୍ତି। ଦୁର୍ଘଟଣା ଘଟିବାର ଏତେ କମ୍ ସମୟ ମଧ୍ୟରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ, ବ୍ୟାଙ୍କର କାଗଜାତ ପ୍ରସ୍ତୁତ କରାଯାଇ ଏହି ପୋଲିସ ସାଲାରି ପ୍ୟାକେଜ୍ ପ୍ରଦାନ ଦେଶରେ ପ୍ରଥମ ବୋଲି ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ପୋଲିସ ଅଧିକାରୀ ଓ ମୃତ ପୋଲିସ କର୍ମଚାରୀଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ବନ କର୍ମଚାରୀଙ୍କ ଆଶ୍ରୟସ୍ଥଳରୁ ଚୋରି

**ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବନାଞ୍ଚଳ ସୁଗୁଡ଼ାସ୍ଥିତ ବନବିଭାଗ କର୍ମଚାରୀଙ୍କ ଆଶ୍ରୟସ୍ଥଳରୁ ବିଦ୍ୟୁତ୍ ଉପକରଣ ଚୋରି ହୋଇଛି। ଏନେଇ ବନପାଳ ପ୍ରୀତମ କୁମାର ସାହୁ ଦେବଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଗତ ୨୩ ତାରିଖ ରାତି ୧୧ଟା ପରେ ଚୋରି ହୋଇଥିବା ସନ୍ଦେହ କରାଯାଉଛି। ଆଶ୍ରୟସ୍ଥଳରୁ ଗୋଟିଏ ସୋଲାର ବ୍ୟାଟେରି, ୧୨ଟି ସୁଇଚ୍ ବୋର୍ଡ, ୧୫ଟି ବଲ୍‌ବ, ୱାରିଙ୍ଗ ତାର ଆଦି ଚୋରି ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। କିଛିଦିନ ହେଲା ଦେବଗଡ଼ ଥାନା ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବାସଗୃହକୁ ଟାର୍ଗେଟ କରି ଦୁର୍ବୃତ୍ତମାନେ ବିଦ୍ୟୁତ୍ ଉପକରଣ ଚୋରି କରୁଛନ୍ତି। ତୁରନ୍ତ ସେମାନଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଲଖନପୁର,୨୫।୨(ଗୌତମ ସାହୁ)**

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ଲଖନପୁର ବ୍ଲକ୍ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ବେଲପାହାଡ଼ ବନାଞ୍ଚଳ ପକ୍ଷରୁ ଜଙ୍ଗଲ ନିଆଁ ନିରାକରଣ ଏବଂ ପରିଚାଳନା ସମ୍ପର୍କିତ ଅଭ୍ୟାସମୂଳକ ପ୍ରସ୍ତୁତି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ବନାଞ୍ଚଳର ରେଞ୍ଜ୍ ଅଫିସର ପ୍ରଦୀପ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ଜିଲା ପରିବେଶ ସମିତି ସଭାପତି ପ୍ରହ୍ଲାଦ ନାୟକ, ସମ୍ମାନିତ ଅତିଥି ଭାବରେ ଲଖନପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ କୁମାର ପଟେଲ, ଲଖନପୁର ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ନାୟକ, ପରିବେଶ ସମିତିର ଆଜୀବନ ସଦସ୍ୟ ବିଜୟ ବେହେରା, ବେଲପାହାଡ଼ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ଜୋନ୍-୨ ସଦସ୍ୟ ଅକ୍ଷୟ ସାହୁ, ଲଖନପୁର ଜିଲା ପରିଷଦ ଜୋନ୍-୧ ସଦସ୍ୟ ସନତ୍ ସିଂ, ଲଖନପୁର ଫାୟାର ଷ୍ଟେଶନର ଅଧିକାରୀ ରଞ୍ଜିତ୍ ଲାକ୍ରା, ଜିଲା ପରିବେଶ ସମିତି ସଭ୍ୟ ଗୋବିନ୍ଦ ସାକୁନିଆଁ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ପଣ୍ଡରି ସରପଞ୍ଚ ସୁବାସିନି ସାହୁ, ଆଇଁଲାପାଲି ବନ ସୁରକ୍ଷା ସମିତିର ପୂର୍ବତନ ସଭାପତି ନରୋତ୍ତମ ପ୍ରଧାନ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ହମିଦ୍ କୁମାର ମହାପାତ୍ର, ଅତାବିରା ସରପଞ୍ଚ ସଞ୍ଜିତ୍ ପଧାନ ଯୋଗଦେଇ ଜଙ୍ଗଲ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ। ଏଥିସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଜନ ସଚେତନତା ସୃଷ୍ଟି କରିବା, ଜଙ୍ଗଲ ନିଆଁ ନିରାକରଣ ପାଇଁ ପ୍ରସ୍ତୁତ ରହିବା ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ନିମନ୍ତେ ବିଭିନ୍ନ ବିଭାଗ, ଗ୍ରାମବାସୀ, ବନ ସୁରକ୍ଷା ସମିତି, ସେଲ୍ଫହେଲ୍ପ ଗ୍ରୁପ୍ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଥିରେ ଲଖନପୁର ବ୍ଲକ୍‌ର ଅନେକ ସରପଞ୍ଚ, ସମିତି ସଭ୍ୟ, ଟିଆର୍‌ଏଲ୍ କ୍ରୋଶାକି ଓ ଏମ୍‌ସିଏଲ୍ ଅଧିକାରୀ, ବନ ସୁରକ୍ଷା ସମିତି ସଦସ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଘର ଭିତରେ ସ୍ୱାମୀଙ୍କ ଆତ୍ମହତ୍ୟା

## ସ୍ୱାମୀ-ସ୍ତ୍ରୀ ଗଣ୍ଡଗୋଳର କରୁଣ ପରିଣତି

**ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ବରଡାଡଇଲା ଗ୍ରାମରେ ସ୍ୱାମୀ-ସ୍ତ୍ରୀ ଗଣ୍ଡଗୋଳର କରୁଣ ପରିଣତି ଦେଖିବାକୁ ମିଳିଛି। ଗଣ୍ଡଗୋଳ ପରେ ରାଗିଯାଇ ସ୍ତ୍ରୀ ବାପଘରକୁ ପଳାଇ ଥିବାବେଳେ ଘର ଭିତରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ବରଡାଡଇଲା ଗ୍ରାମର ଗିରେନ କାଣ୍ଡିର (୪୦)। ସୂଚନା ଅନୁଯାୟୀ ଗତ ୨୩ ତାରିଖ ମଧ୍ୟାହ୍ନ ୧୨ଟାରେ ଗିରେନ ଏବଂ ତାଙ୍କ ସ୍ତ୍ରୀ ଗଙ୍ଗା ପୂର୍ତ୍ତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଭୟରେ ଗଙ୍ଗା ନିକଟରେ ଥିବା ନିଜ ବାପଘରକୁ ପଳାଇ ଯାଇଥିଲେ। ଗିରେନ ଘରେ ଏକୁଟିଆ ଥିବାବେଳେ ଏକ ଶାଢି ଜରିଆରେ ଘର ଭିତରେ ଝୁଲି ପଡିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗଙ୍ଗା ଘରକୁ ଆସିବା ପରେ ସ୍ୱାମୀଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ। ଏନେଇ ଅଭିଯୋଗ ହେବା ପରେ ରିଆମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା: ଭାଗନେଲେ ଅଙ୍ଗନୱାଡି କର୍ମୀ, ସହାୟିକା



ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

**ଝାରସୁଗୁଡ଼ା,୨୫।୨(ଆଶିଷ ରଞ୍ଜନ ଦାଶ)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଝାରସୁଗୁଡ଼ା ଜିଲା ପ୍ରଶାସନ ତଥା ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନ ପରେଡ୍ ଗ୍ରାଉଣ୍ଡଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ଗରତିଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ମୋଟ ୧୯୦ ଜଣ ଅଙ୍ଗନୱାଡି କର୍ମୀ ଓ ସହାୟିକା ଅଂଶଗ୍ରହଣ କରିଥିଲେ। ଏହି ଦିନିକିଆ କ୍ରୀଡ଼ା ଉତ୍ସବରେ ଖୋ-ଖୋ, ଝୋଟି, କବାଡ଼ି ଏବଂ ଟଗ୍ ଅଫ୍ ୱାର୍ ଭଳି ପାରମ୍ପରିକ ଖେଳ ପ୍ରଦର୍ଶିତ ହୋଇଥିଲା। ଏଥିରେ ଜିଲା କାର୍ଯ୍ୟକ୍ରମ ଅଧିକାରୀ କୃଷ୍ଣପ୍ରିୟା ପ୍ରଧାନ, ଉପଖଣ୍ଡସ୍ତରୀୟ ଅଧିକାରୀ ମୀନାକ୍ଷୀ ରାଜ୍, ଯାଜ୍ଞସେନୀ ମହାନନ୍ଦଙ୍କ ସମେତ ସମସ୍ତ ପ୍ରକଳ୍ପର ସିଡିପିଓ, ସୁପରଭାଇଜର, ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।


## ୨୨ତମ ଜନ୍ମଦିନ ଶୁଭେଚ୍ଛା



**ଶୁଭଦର୍ଶିନୀ ବିଶ୍ୱକର୍ମା (ମାମୁନି)**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା

ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।

-:ଶୁଭେଚ୍ଛା ସହ:-

ବାବା: ଗଙ୍ଗାଧର ଓଝା, ମାମା: ବନଜ ବାସିନୀ ଓଝା, ବୋଉ, ଆଈ, ପିଉସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ, ପରିବାରବର୍ଗ।

ଧ-୨୪୪


# ତ୍ରିରଙ୍ଗା ପତାକାରେ ନାହିଁ ଅଶୋକ ଚକ୍ର ଚିହ୍ନ

**ଝାରସୁଗୁଡ଼ା,୨୫।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ରେଳଷ୍ଟେଶନ ପରିସରରେ ଉଡୁଥିବା ତ୍ରିରଙ୍ଗା ପତାକାରେ ଅଶୋକ ଚକ୍ର ଚିହ୍ନ ନାହିଁ। ଏହାକୁ ତୁରନ୍ତ ପରିବର୍ତ୍ତନ କରିବା ଝାରସୁଗୁଡାର ଟିମ୍ ସେଭ୍ ସଦସ୍ୟମାନେ ଝାରସୁଗୁଡ଼ା ରେଲୱେ ଷ୍ଟେଶନ ମାଷ୍ଟରଙ୍କୁ ବୁଧବାର ଅପରାହ୍ନରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରେଳ ଷ୍ଟେଶନ ପରିସରରେ ଉଡୁଥିବା ତ୍ରିରଙ୍ଗା ପତାକାରେ ଅଶୋକ ଚକ୍ର ଚିହ୍ନ ନାହିଁ। ଯାହାକି ଭାରତୀୟ ସମ୍ବିଧାନର ଫ୍ଲାଗ୍ କୋର୍ଡକୁ ଅବମାନନା କରୁଛି। ଏଥିସହ ଭାରତୀୟଙ୍କ ହୃଦୟରେ ଆଘାତ ପହଞ୍ଚାଇଛି। ତେଣୁ ଉକ୍ତ ପତାକାକୁ ତୁରନ୍ତ ପରିବର୍ତ୍ତନ କରି ଅଶୋକ ଚକ୍ର ଚିହ୍ନ ଥିବା ପତାକା ଲଗାଇବାକୁ ଟିମ୍ ସେଭ୍ ସଦସ୍ୟମାନେ ଦାବି କରିଛନ୍ତି।




# ‘ସାମାଜିକ ଗଣମାଧ୍ୟମଠାରୁ ଦୂରେଇ ରୁହନ୍ତୁ ବିଦ୍ୟାର୍ଥୀ’

## ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେବଗଡ଼,୨୫।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ବିଜୟ କୁମାର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଦେବଗଡ଼ ଏସ୍‌ପି ଅନିଲ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ପାତ୍ର ଯୋଗଦେଇଥିଲେ। ସାମାଜିକ ଗଣମାଧ୍ୟମଠାରୁ ବିଦ୍ୟାର୍ଥୀମାନେ ଦୂରେଇ ରହି ଅଧ୍ୟୟନରେ ମନୋନିବେଶ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ଶତରୂପା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ, ଜନ ଆରୋଗ୍ୟ, ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ

**ଝାରସୁଗୁଡ଼ା,୨୫।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେହେରାମାଲସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମଠାରେ ବୁଧବାର ପୂର୍ବାହ୍ନରେ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ଜିଲାସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଯୋଗଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା କାର୍ଯ୍ୟକ୍ରମ ପରିଚାଳକ ଦୀପକ କୁମାର ମହାନ୍ତି ସମ୍ମିଳନୀର ଉଦ୍ଦେଶ୍ୟ ଏବଂ ଜିଲାର ସ୍ୱାସ୍ଥ୍ୟ ଗତିବିଧି ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀରେ ଉପସ୍ଥିତ ଥିବା ଜିଲା ସମାଜ ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରମୁଖ ଝାରସୁଗୁଡ଼ା ଜିଲାରେ ସ୍ୱାସ୍ଥ୍ୟସେବାକୁ ଘରେ ଘରେ ପହଞ୍ଚାଇବା ପାଇଁ ଆଶା ଏବଂ ବିଭିନ୍ନ ସମିତିର ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଶ୍ରେଷ୍ଠ ଆଶାକର୍ମୀ, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତିକୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହା ସହିତ ଆଶାକର୍ମୀ ଏବଂ ସମିତିର ସଦସ୍ୟମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସହାୟକ ପରିଚାଳକ ଜିତେନ୍ଦ୍ର କୁମାର ପାଲ୍, ଶୁଭକାନ୍ତ ପଣ୍ଡା, ସୋମଦତ୍ତ ପୁରୋହିତ,ସ୍ୱେଜଲ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ହିସାବ ରକ୍ଷକ ପରିଚାଳକ ସମୀର ରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ଜଙ୍ଗଲ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ

**ଝାରସୁଗୁଡ଼ା,୨୫।୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ବନଖଣ୍ଡ ରେଞ୍ଜ୍ ଅଧୀନ କାତିକେଲା ଫରେଷ୍ଟ କାର୍ଯ୍ୟାଳୟ ପରିସରରେ ବୁଧବାର ଜଙ୍ଗଲ ନିଆଁ ନିରାକରଣ ନିମନ୍ତେ ପୂର୍ବ ପ୍ରସ୍ତୁତି ଅଭ୍ୟାସ ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବନାଞ୍ଚଳ ଅଧିକାରୀ ବିଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ କାତିକେଲା ପଞ୍ଚାୟତର ନାଏବ ସରପଞ୍ଚ ଜିତେନ୍ଦ୍ର ଧରୁଆ, ଏଏସ୍‌ଓ କାମେଶ୍ରୀ ଦେହୁରୀ, ଅଗ୍ନିଶମ ଅଧିକାରୀ ସତ୍ୟନାରାୟଣ ଟପ୍ପୋ, କାତିକେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ନାଏକ, ଶିକ୍ଷକ ପ୍ରକାଶ କୁମାର ନାଏକ, ଜୟ କୁମାର ଭୋଇ, ଫରେଷ୍ଟର ଆଲୋକ ନାଇକ, କେନ୍ଦୁଲିଫ ଫରେଷ୍ଟର ଅମିତ୍ ମିଞ୍ଜ ଉପସ୍ଥିତ ଥିଲେ। ରେଞ୍ଜର ପ୍ରଧାନ ଜଙ୍ଗଲରେ କିଭଳି ନିଆଁ ନ ଲାଗିବ ଓ ନିଆଁ ଲାଗିଗଲେ କିଭଳି ପ୍ରତିହତ କରାଯାଇପାରିବ ସେବିଷୟରେ ଆଲୋକପାତ କରିଥିଲେ। ଜଙ୍ଗଲ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଆମର ଅତି ନିଜର, ସୁରକ୍ଷା ଦାୟିତ୍ୱ ଆମ ସଭିଙ୍କର ବୋଲି କହିଥିଲେ। ଅଗ୍ନିଶମ ଅଧିକାରୀ ନିଆଁ ଦାଉରୁ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସହ ଆବଶ୍ୟକସ୍ଥଳେ ଅଗ୍ନିଶମ ବିଭାଗ ପକ୍ଷରୁ କିଭଳି ଭାବେ ସହଯୋଗ ନିଆଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ଗ୍ରାମସ୍ତରରେ ସଚେତନତା ସଭା ଆୟୋଜନ କରି ଲୋକଙ୍କ ମଧ୍ୟରେ ସଚେତନ ସୃଷ୍ଟି କରାଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟଗୀତ ଏବଂ ବନ ବିଭାଗ ଓ ଅଗ୍ନିଶମ ବିଭାଗ ଦ୍ୱାରା ମକ୍‌ଡ୍ରିଲ କରାଯାଇ ଜଙ୍ଗଲ ନିଆଁ ନିୟନ୍ତ୍ରଣ କରିବା, ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ସଚେତନ କରାଯାଇଥିଲା। ଝାରସୁଗୁଡ଼ା ବନାଞ୍ଚଳ ଅଧୀନସ୍ଥ ବନ ସୁରକ୍ଷା ସମିତିର ବନ ସହାୟକ, ବନ ସହାୟିକା, ଜଙ୍ଗଲ ଜଗୁଆଳି, ସଭାପତି, କୋଷାଧ୍ୟକ୍ଷ ଓ ବନବିଭାଗ କର୍ମଚାରୀ, ୭ଟି ଏସ୍‌ଏଚ୍‌ଜି ଗୋଷ୍ଠୀ, ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ପରିବେଶବିତ୍, କୃଷିପ୍ରେମୀ ଯୋଗଦେଇଥିଲେ।


**Classified Everyday**
0674-2580101, 9692975378

## AFFIDAVIT

I, Litton Behra, Village-Niranjanpur, Dist.-Khorda, Jatni, Odisha 752050, declare by this Affidavit serial No- 79AA335016, that now onwards I shall be known as Litton Behera for all future purposes.
D-3481

I, Muralidhar Behra, Village- Niranjanpur, Dist.- Khorda, Jatni, Odisha, 752050, declare by this Affidavit serial No 79AA335014, that now onwards I shall be known as Muralidhar Behera for all future purposes. D-3482

I, Sarojini Behra, Village-Niranjanpur, Dist.-Khorda, Jatni, Odisha, 752050, declare by this Affidavit serial No-79AA335015, that now onwards I shall be known as Sarojini Behera for all future purposes. D-3482

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭୁଲନ୍ତି ନାହିଁ ସୋନାକ୍ଷୀ


ସୋନାକ୍ଷୀ

ସୋନାକ୍ଷୀ ବଲିଉଡ୍‌ରେ ନିଜର ଅଭିନୟ ଦକ୍ଷତା ଦେଖାଇବା ପରେ ୨୦୨୪ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। କିନ୍ତୁ ନିଜର ଆକ୍ଟିଂ କ୍ୟାରିୟର ସମୟରେ ସେ ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? କୌଣସି ସିନେମାର ପାରିଶ୍ରମିକ ପାଇବା ପରେ ସେ ସେହି ଚେକ୍‌କୁ ପ୍ରଥମେ ତାଙ୍କର ମା-ବାପାଙ୍କୁ ଦେଇଥାଆନ୍ତି। ''ମୋତେ ପ୍ରଥମେ ସଲମାନ ଖାନ୍ ଫିଲ୍ମସ ବ୍ୟାନରରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଡେବ୍ୟୁ ଫିଲ୍ମ 'ଦବଙ୍ଗ'ର ପ୍ରଥମ ଚେକ୍ ପାଇବା ପରେ ମୋର ଖୁସିର ସୀମା ନ ଥିଲା। ଯେତେବେଳେ ଏହି ଚେକ୍‌କୁ ଧରିଲି ସେତେବେଳେ ଭାବିଲି ଏହାକୁ ନେଇ ପ୍ରଥମେ ପାପା ଏବଂ ମମିଙ୍କୁ ଦେବି। ବାସ୍, ପ୍ରଥମ ରେମ୍ୟୁନିରେଶନ ଚେକ୍ ସେମାନଙ୍କୁ ଦେବା ପରେ ଏ ପର୍ଯ୍ୟନ୍ତ ମଧ୍ୟ ସେହି ଧାରା ଜାରି ରଖିଛି ବୋଲି କହନ୍ତି ସୋନାକ୍ଷୀ।'' ସୋନାକ୍ଷୀ ନିଜର ପ୍ରଥମ ରେମ୍ୟୁନିରେଶନରୁ କିଛି ଅଂଶ ସଲମାନଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିଇଙ୍ଗ ହ୍ୟୁମାନ'କୁ ଦାନ କରିଥିଲେ। ନିଜର ପ୍ରଥମ ସିନେମା ପାଇଁ ତାଙ୍କୁ ୩୦ କିଗ୍ରା ଓଜନ କମାଇବାକୁ ପଡିଥିଲା।

# ଛୋଟ ପରଦାରେ 'ଚନ୍ଦ୍ରବଂଶୀ'

ରାଜ୍ୟର ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକରେ ଓଡ଼ିଆସିନେମା 'ଚନ୍ଦ୍ରବଂଶୀ' ମାର୍ଚ୍ଚ ୧ ତାରିଖ ଅର୍ଥାତ୍ ଆସନ୍ତା ରବିବାର ସନ୍ଧ୍ୟା୬.୩୦ରେ ପ୍ରସାରିତ ହେବାକୁ ଯାଉଛି। କାହାଣୀ ଅନୁସାରେ ଏକ ଶକ୍ତିଶାଳୀ ତଥା ପ୍ରଭାବଶାଳୀ ବଂଶରେ ଉତ୍ତରାଧିକାରୀ ସାଜିଥିବା ମୁଖ୍ୟ ନାୟକ କ୍ଷମତା, ସଂଘର୍ଷ, ଲୁଚି ରହିଥିବା ରହସ୍ୟ ଏବଂ ପୁରୁଣା ଶତ୍ରୁତା ମଧ୍ୟରେ ଛନ୍ଦି ହୋଇଯାଇଛନ୍ତି । ଯେତେବେଳେ ଲୁକ୍କାୟିତ ସତ୍ୟ ସାମ୍ନାକୁ ଆସିବାକୁ ଲାଗେ, ରକ୍ତର ସମ୍ପର୍କର ପ୍ରକୃତ ପରୀକ୍ଷା ହୁଏ ଏବଂ ସମ୍ପର୍କଗୁଡ଼ିକ ବିଶ୍ୱାସଘାତକତାର ସୀମାକୁ ପାରି ହୋଇଯାଏ । ଏହି ଚଳଚ୍ଚିତ୍ରରେ ପ୍ରତିଶୋଧ ଏବଂ ନ୍ୟାୟ, ଅହଂକାର ଏବଂ ମାନବିକତା ମଧ୍ୟରେ ଥିବା ଭାବପ୍ରବଣ ସଂଘର୍ଷକୁ ଅତ୍ୟନ୍ତ ସୁନ୍ଦର ଭାବରେ ଦୃଶ୍ୟାୟନ କରାଯାଇଛି । ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସନାୟକ, ପୁନମ ମିଶ୍ର, ଲିପ୍ସା ମିଶ୍ର, ଶ୍ରୀତମ ଦାସ, ଉଷସୀ ମିଶ୍ର ଏବଂ ରାଜ ରାଜେଶ ପ୍ରମୁଖ ଲୋକପ୍ରିୟ କଳାକାର ଏଥିରେ ଅଭିନୟ କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ପ୍ରୀତମ ସାହୁ। ନିର୍ଦ୍ଦେଶନା ଦେଇଛନ୍ତି ଯଶ ଓ ସୁନୀଲ। ଅସଦ ନିଜାମ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ''ଶକ୍ତିଶାଳୀ କାହାଣୀ ସହିତ କଳାକାରଙ୍କ ଦମଦାର ଅଭିନୟ 'ଚନ୍ଦ୍ରବଂଶୀ'ରେ ଦେଖିବାକୁ ମିଳିବ। କ୍ଷମତା, ତ୍ୟାଗ ଏବଂ ସମ୍ମାନର ଏହି ଆକର୍ଷଣୀୟ କାହାଣୀ ନେଇ ପ୍ରସ୍ତୁତ ଏହି ଫିଲ୍ମଟିକୁ ଜୀ ସାର୍ଥକରେ ଦେଖିବାକୁ ଭୁଲନ୍ତୁ ନାହିଁ ବୋଲି କହିଛନ୍ତି ଜୀ-ସାର୍ଥକର ଚିଫ ଚ୍ୟାନେଲ ଅଫିସର ରାହୁଲ ରାଓ।''


'ଚନ୍ଦ୍ରବଂଶୀ' ଫିଲ୍ମରେ ଆକାଶ

# ଲାଇନ୍‌ବାଲା


'ଲାଇନ୍‌ବାଲା' ଫିଲ୍ମରେ ଅଶ୍ରୁମୋଚନ

ନିଜର ଏକ ସତ ଅନୁଭୂତିକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା, ଯାହାର ଟାଇଟଲ ରହିଛି 'ଲାଇନ୍‌ବାଲା'। ସେମାନଙ୍କ ଜୀବନର ଖଟାମିଠା ଘଟଣାକୁ ଏଥିରେ ସୁନ୍ଦର ଭାବରେ ଅବତାରଣା କରାଯାଇଛି। ଆଉ ଏଭଳି ଆଶା କାହାର ପୂରଣ ହୋଇଛି ଜାଣନ୍ତି ? ସୁଶାନ୍ତ କୁମାର ମହାନ୍ତିଙ୍କର। ସେ ଏହାର କାହାଣୀ ରଚନା କରିବା ସହିତ ପ୍ରଯୋଜନା ମଧ୍ୟ କରିଛନ୍ତି। ଫିଲ୍ମଟିର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସମ୍ମିତ ଆଚାର୍ଯ୍ୟ। ଆଉ ଏଭଳି ଭୂମିକା ସମ୍ପର୍କରେ ସେ କହନ୍ତି, ''ଯେତେବେଳେ ସୁଶାନ୍ତ ବାବୁ ମୋତେ ଏହାର କାହାଣୀ ଶୁଣାଇଲେ ସେତେବେଳେ ମୁଁ ଇମୋଶନାଲ ହୋଇପଡିଥିଲି। ଏଭଳି ଏକ ଚରିତ୍ରକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ଫିଲ୍ମଟି ରିଲିଜ ହେବା ପରେ ମୋର ପରିଶ୍ରମର ମୂଲ୍ୟ ନିଶ୍ଚୟ ପାଇବି ବୋଲି ଆଶା ରଖିଛି। ଚିତ୍ରଟିର ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା। ''ଏହି ଫିଲ୍ମଟି ଏକ ସତ ଘଟଣା ଉପରେ ଆଧାରିତ। ଏଥିରେ ଅନେକ ସୋସିଆଲ ମ୍ୟାସେଜ ରହିଛି। ଏହାର ସଂଳାପ ରଚନା ଏବଂ ନିର୍ଦ୍ଦେଶନା ସମୟରେ କାହାଣୀକୁ କିପରି ଠିକ୍ ଭାବରେ ପିକ୍ଚରାଇଜେଶନ କରାଯାଇପାରିବ ସେନେଇ ଯଥେଷ୍ଟ ଧ୍ୟାନ ଦେଇଛି ବୋଲି କହନ୍ତି ନିର୍ଦ୍ଦେଶକ।'' ଏକ ଗାଁର ଜଣେ ଖଳପ୍ରକୃତିର ଲୋକ ଯିଏ ଲାଇନ୍‌ବାଲାଙ୍କୁ ସମସ୍ୟା ମୁହଁକୁ ଠେଲି ଦେଉଛି, ଆଉ ଏଭଳି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଶ୍ରୁମୋଚନ ମହାନ୍ତି। ଶ୍ରୀହରି ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଏହି ସିନେମାର ଶୁଟିଂ ନିକଟରେ ଶେଷ ହୋଇଛି। ଏଥିରେ ସମ୍ମିତଙ୍କ ନାୟିକା ସାଜିଛନ୍ତି ସ୍ୱପ୍ନା ପ୍ରିୟଦର୍ଶିନୀ।

# ଅପୂରଣ ରହିଗଲା ଆଶା


ପରିଣିତୀ

କଥାରେ ଅଛି-ଆଶା ଅସୁମାରୀ। ହେଲେ ମନୁଷ୍ୟ ଯାହା ଭାବେ ତାହା କ'ଣ ସବୁବେଳେ ପୂରଣ ହୁଏ? ଅନେକ ସମୟରେ କେତେକ ଆଶା ଶୂନ୍ୟରେ ମିଳାଇ ଯାଇଥାଏ। ଯେତେବେଳେ ପରିଣିତୀ ଚୋପ୍ରା ପାଠ ପଢୁଥିଲେ ସେତେବେଳେ ତାଙ୍କର ଆଶା ଥିଲା ଭବିଷ୍ୟତରେ ବ୍ୟାଙ୍କିଙ୍ଗ ଇନଭେଷ୍ଟମେଣ୍ଟରେ ଚାକିରି କରିବେ। କିନ୍ତୁ ତାହା ସଫଳ ହୋଇପାରି ନ ଥିଲା। ମାଞ୍ଚେଷ୍ଟର ବିଜନେସ୍ ସ୍କୁଲରୁ ସେ ଟ୍ରିଲିପ (ବିଜନେସ୍, ଫାଇନାନ୍ସ, ଇକୋନମିସ) ଅନର୍ସ ହାସଲ କରିଥିଲେ। ସେତେବେଳେ ତାଙ୍କୁ ମାତ୍ର ୧୭ ବର୍ଷ ବୟସ ହୋଇଥିଲା। କେବଳ ସେତିକି ନୁହେଁ, ସେତେବେଳେ ସେ ଲଣ୍ଡନରେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବରେ କିଛି ମାସ କାମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଚାକିରିକୁ ଛାଡିବାକୁ ପଡିଥିଲା। ପରିଣିତୀ ମଧ୍ୟ ଜଣେ ହିନ୍ଦୁସ୍ଥାନ କ୍ଲାସିକ କଣ୍ଠଶିଳ୍ପୀ। ସେ ମଧ୍ୟ ଭଲ ପାଠ ପଢୁଥିଲେ। ପରିଣିତୀ ଦ୍ୱାଦଶ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିଲେ ଆଉ ଏଥିପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଥିଲେ। ବଲିଉଡ୍‌ର ଅନ୍ୟତମ ନାମୀ ପ୍ରଯୋଜନା ସଂସ୍ଥା ଯଶରାଜ ଫିଲ୍ମସର ମାର୍କେଟିଂ ବିଭାଗରେ ସେ କିଛି ମାସ ଇନ୍‌ଟ୍ରନ୍ ଭାବରେ କାମ କରିଥିଲେ। ପରିଣିତୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମଫେୟାର ପୁରସ୍କାର ମିଳିଥିଲା।

## ଅପେରା ହାଲ୍‌ଚାଲ୍

# ଖୁସି ଅଛନ୍ତି ଭୂଷଣ

ଭୂଷଣ ଦେବଶର୍ମାଙ୍କର ଯାତ୍ରା ଜୀବନ ଆରମ୍ଭ ହୁଏ ୨୦୦୬ରେ। ତାଙ୍କ ଅଭିନୀତ ପ୍ରଥମ ନାଟକ ଥିଲା 'ଭଙ୍ଗା ସଂସାର'। ତା'ପରେ ଲଗାତର ଚାରି ବର୍ଷ ଅପେରା ସହ ଜଡିତ ରହନ୍ତି। ୨୦୧୦ରେ ଯାତ୍ରାରୁ ବ୍ରେକ୍ ନେଇ ଧାରାବାହିକ, ଓଡ଼ିଆ, ବଙ୍ଗଳା ଚଳଚ୍ଚିତ୍ରରେ ଅଭିନୟ କରନ୍ତି। ଦୀର୍ଘ ୧୪ ବର୍ଷ ପରେ ସେ 'ସ୍ୱର୍ଣ୍ଣମନ୍ଦିର'ରୁ ପୁଣି ଥରେ ଅପେରା ଜଗତରେ ଆରମ୍ଭ କରନ୍ତି ନିଜର ଦ୍ୱିତୀୟ ଇଂନିସ। ଏବେ ଯାତ୍ରା ଦୁର୍ଗାମନ୍ଦିରରେ ନିଜର ଅଭିନୟ ଜାରିରଖିଛନ୍ତି ଏହି ଅଭିନେତା। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, ''ଏ ପର୍ଯ୍ୟନ୍ତ ମୁଁ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଛି। ଏବେ ମୋର ବୟସ ଅନୁସାରେ ମୁଁ ଭାବୁଛି ବାପା, ବଡ ଭାଇ ଭଳି ଭୂମିକାକୁ ହିଁ ଆଦରି ନେବି। କାରଣ ସମୟ ସହିତ ମୋତେ ତାଳ ମିଳାଇ ଆଗେଇବାକୁ ପଡିବ। ଯାତ୍ରାରୁ ସାମୟିକ ବିରତି ନେବା ପରେ 'ରାଜକନ୍ୟା', 'ତୋ ପାଇଁ', 'କ୍ୱାଇଁ ନମ୍ବର ୱାନ', 'ଝିଲ୍ଲୀ', 'ଗୌରୀ', 'ଝିଅ ହେବ ନୂଆ ବୋହୂ' ଏବଂ 'ତୋରି ପାଇଁ ତୋ ପାଇଁ'ରେ ଅଭିନୟ କଲି। ମୋତେ ମିଳିଥିବା ପ୍ରତିଟି ଭୂମିକାକୁ କିପରି ଠିକ୍ ଭାବରେ ତୁଲାଇବି ସେ ନେଇ ପ୍ରଥମେ ନିଜକୁ ପ୍ରସ୍ତୁତ କରିନିଏ। ସେଇଥିପାଇଁ ହିଁ ଆଜି ମୋର ଅଭିନୟ କ୍ୟାରିୟର ଆଗକୁ ଆଗେଇ ଚାଲିଛି।'' ଭୂଷଣ ଅଭିନୟ କରିଥିବା ପ୍ରମୁଖ ନାଟକଗୁଡିକ ମଧ୍ୟରେ ରହିଛି 'ଲୁଚି ଲୁଚି କାନ୍ଦେ ଫଗୁଣ' (ମା' ଗଣନାଟ୍ୟ), 'ପ୍ରତାରଣା' (ଯାତ୍ରା ସାତଶଙ୍ଖ), 'ଅପା ଯିବ ଶାଶୁ ଘର'(ରାଜମହଲ), 'ମୁଁ ଅନାଥ ତୁ ଜଗନ୍ନାଥ' ଏବଂ 'ଛାତି ଭିତରେ ମୋ ମନର କଥା' (ଯାତ୍ରା ଦୁର୍ଗାମନ୍ଦିର)।


ଭୂଷଣ

# ରହିଗଲା ଅବସୋସ

ଜଣେ କଳାକାରର କିଛି ନା କିଛି ସ୍ୱତନ୍ତ୍ର ଆଶା ରହିଥାଏ। ବେଳେବେଳେ ଭଲ ଭୂମିକାଟିଏ ମିଳିଥିଲେ ମଧ୍ୟ କେତେକ କାରଣରୁ ତାହାକୁ ହାତଛଡା କରି ପରବର୍ତ୍ତୀ ସମୟରେ ସେ ନେଇ ଅବଶୋଷ ପ୍ରକାଶ କରିଥାଆନ୍ତି। ଆଉ ଏହି ଧାରାରୁ ମଧ୍ୟ ବାଦ୍ ପଡିନାହାନ୍ତି ଶାହୀଦ କପୁର। ଏକଦା ତାଙ୍କୁ 'ରଙ୍ଗ ଦେ ବସନ୍ତୀ'ରେ କରନ୍ ଆର. ସିଙ୍ଘାଣିଆ ଭୂମିକାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ହାତଛଡା କରିଥିଲେ। ପରବର୍ତ୍ତୀ ସମୟରେ ଏହି ଭୂମିକା ପାଇଁ ନବାଗତ ସିଦ୍ଧାର୍ଥଙ୍କୁ ସାଇନ୍ କରାଯାଇଥିଲା। ଏ ନେଇ ଶାହୀଦ କହନ୍ତି, ''ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ପ୍ରଥମେ ମୋତେ ଅଫର ଦିଆଯାଇଥିଲା। ହେଲେ କେତେକ କାରଣରୁ ମୁଁ ଏହାକୁ ଗ୍ରହଣ କରି ନ ଥିଲି। ପରେ ଯେତେବେଳେ ଫିଲ୍ମଟି ହିଟ୍ ହେଲା, ସେତେବେଳେ ମୁଁ ଟିକେ ଅନୁତାପ କରିଥିଲି।'' ଶାହୀଦ 'ତାଲ୍' ଫିଲ୍ମରେ ଜଣେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ' ଆଉ ଏହା ମଧ୍ୟ ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଶାହୀଦ ଜଣେ ଶାକାହାରୀ। ଏକଦା 'ଜର୍ସି' ଫିଲ୍ମର ଶୁଟିଂ ସମୟରେ ତାଙ୍କ ମୁହଁରେ ଆଘାତ ଲାଗିଥିଲା। ଆଉ ଏଥିପାଇଁ ମୁହଁରେ ୨୫ଟି ଷ୍ଟିଚ୍ ପଡିଥିଲା। ଏହାପରେ ସେ କିଛି ସମୟ ବିଶ୍ରାମ ନେଇଥିଲେ ଏବଂ ପୁଣି ଶଟ୍ ଦେବାକୁ ପ୍ରସ୍ତୁତ ହୋଇଥିଲେ।


ଶାହୀଦ

# ଘାରିଛି କବିତା ନିଶା


ଜାହ୍ନବୀ

କବିତାଟିଏ ରଚନା କରିବା ନିଶା ତାଙ୍କର ଏବେକାର ନୁହେଁ। ସ୍କୁଲରେ ପଢ଼ିବା ବେଳୁ ସେ ଏହା ସହ ଜଡିତ ଥିଲେ। ମନରେ କିଛି ଭାବନା ଆସିଲେ କିମ୍ବା କୌଣସି ପ୍ରାକୃତିକ ଦୃଶ୍ୟରାଜି ଦେଖିଲେ ତାହାକୁ ତୁରନ୍ତ କବିତାରେ ରୂପାନ୍ତରିତ କରିବାକୁ ଭୁଲୁ ନ ଥିଲେ। ଆଉ ଏବେ ମଧ୍ୟ କବିତାଟିଏ ଲେଖିବାକୁ ପଛାଇ ନଥାନ୍ତି। ହଁ, ସେ ହେଲେ ଜାହ୍ନବୀ କପୁର। କେବଳ ସେତିକି ନୁହେଁ, ସେ କଥକ ନୃତ୍ୟରେ ମଧ୍ୟ ନିପୁଣା। କାଲିଫର୍ନିଆସ୍ଥିତ ଲି' ଷ୍ଟ୍ରାର୍ସବର୍ଗ ଥିଏଟର ଆଣ୍ଡ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟରୁ ସେ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ସକାଳୁ ବ୍ୟାୟାମ କରିବାକୁ ଆଦୌ ଭୁଲି ନ ଥାନ୍ତି ଏହି ଅଭିନେତ୍ରୀ। ୨୦୧୮ରେ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଫିଲ୍ମଟି ଥିଲା 'ଧଡକ୍'। ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୬/୨୦୨୬ Bhubaneswar, Thursday, February 26/ 2026

# ଭାରତର ପ୍ରଥମ ବିଜୟ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

### ଶୁଟ୍‌ଆଉଟରେ ଅଷ୍ଟ୍ରେଲିଆକୁ ୩-୧ରେ ହରାଇଲା



ପ୍ଲେୟର ଅଫ୍ ଦି ମ୍ୟାଚ ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର।

**ହୋବାର୍ଟ, ୨୫।୨**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବୁଧବାର ଭାରତ ପ୍ରଥମ ବିଜୟ ହାସଲ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଭାରତୀୟ ଦଳ ଶୁଟ୍‌ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟ ପର୍ଯ୍ୟାୟରେ ଚମତ୍କାର ସେଭ୍ କରି ଭାରତର ପ୍ରଥମ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ଯୁବ ଗୋଲକିପର ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏଥିସହିତ ଭାରତର ହୋବାର୍ଟ ଲେଗ୍ (ଚରଣ) ଚ୍ୟାଲେଞ୍ଜ ଶେଷ ହୋଇଛି। ୯ ଦଳ ବିଶିଷ୍ଟ ପ୍ରତିଯୋଗିତାରେ ଭାରତ ୮ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୮ମ ସ୍ଥାନରେ ରହିଛି। ଏହା ମଧ୍ୟରେ ୧ ଶୁଟ୍ ଆଉଟ ବିଜୟ, ୨ ଶୁଟ୍ ଆଉଟ ପରାଜୟ ଏବଂ ୫ ପରାଜୟ ସାମିଲ। ଦଳ ମାତ୍ର ୯ଟି ଗୋଲ ଦେଇଥିବାବେଳେ ୨୪ ଗୋଲ ବରଣ କରିଛି। ଗୋଲ ବ୍ୟବଧାନ -୧୬ ରହିଛି, ଯାହାକି ଉପରେ ଥିବା ୭ ଦଳ ତୁଳନାରେ ନିକୃଷ୍ଟ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ୮ ମ୍ୟାଚରୁ ୨୧ (୬ ବିଜୟ, ୧ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ) ପଏଣ୍ଟ ସହିତ ଟେବୁଲର ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତ ଏହାପରେ ରୋଟରଡାମ ଚରଣରେ ନେଦରଲାଣ୍ଡ ଓ ଜର୍ମାନୀକୁ ଭେଟିବ। ଜୁନ ୧୪ରେ ଘରୋଇ ନେଦରଲାଣ୍ଡ ସହିତ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ।

ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ। ତେବେ ଦୃଢ଼ ରକ୍ଷଣଭାଗ ଯୋଗୁ ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଲ ହୋଇପାରି ନ ଥିଲା। ତୃତୀୟ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟର ଅର୍ଥାତ୍ ମ୍ୟାଚର ୪୯ତମ ମିନିଟ୍‌ରେ ଅଧିନାୟକ ଜେରେମି ହେୱାର୍ଡଙ୍କ ପେନାଲ୍ଟି କର୍ନର ଗୋଲ ବଳରେ ଅଷ୍ଟ୍ରେଲିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୨ ମିନିଟ ପରେ ଭାରତୀୟ ଦଳର ଦକ୍ଷ ଓଡ଼ିଆ ଫରୱାର୍ଡ ଶୀଲାନନ୍ଦ ଲାକ୍ରା (୫୧ତମ ମିନିଟ) ଗୋଲଟି ପରିଶୋଧ କରିଦେଇଥିଲେ। ଫଳାଫଳ ଲାଗି ଶୁଟ୍‌ଆଉଟ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଭାରତ ପକ୍ଷରୁ ଶୀଲାନନ୍ଦ ଲାକ୍ରା, ମନିନ୍ଦର ସିଂ ଓ ବିଷ୍ଣୁକାନ୍ତ ସିଂ ଗୋଲ ଦେଇଥିବାବେଳେ ଅଭିଷେକଙ୍କ ପ୍ରୟାସ ବ୍ୟର୍ଥ ହୋଇଥିଲା। ଅଷ୍ଟ୍ରେଲିଆ ଗୋଲ୍‌କିପର ଥିଲେ ଆଶ୍‌ଲେ ଥୋମାସ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପକ୍ଷରୁ କେବଳ ଜେରେମି ହେୱାର୍ଡ ଗୋଲ ଦେଇଥିବାବେଳେ ଟିମ୍ ବ୍ରାଣ୍ଡ, ଲିଆମ ହେଣ୍ଡେରସନ ଓ କୁପର ବର୍ନ୍ସ ଭାରତୀୟ ଗୋଲ୍‌କିପରଙ୍କୁ ଚକ୍‌ମା ଦେବାରେ ବିଫଳ ହୋଇଥିଲେ। ମୋହିତ ହୋନ୍ନେନାହାଲ୍ଲି ଶଶିକୁମାର ଚାପ ସ୍ଥିତିରେ ସାହସିକ ପ୍ରଦର୍ଶନ କରିଥିଲେ।

ପ୍ରୋ ଲିଗ୍‌ର ରାଉରକେଲା ଚରଣରେ ବେଲ୍‌ଜିୟମ ଓ ଆର୍ଜେଣ୍ଟିନାଠାରୁ ଭାରତ ସମସ୍ତ ୪ଟିଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ହୋବାର୍ଟ ଚରଣରେ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ୦-୨ରେ ହାରିବାପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଶୁଟ୍‌ଆଉଟ୍ ୪-୫ (ନିର୍ଦ୍ଧାରିତ ସମୟରେ ୨-୨) ଗୋଲରେ ପରାଜିତ ହୋଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ସ୍ପେନ୍‌ଠାରୁ ମଧ୍ୟ ଭାରତ ଶୁଟ୍‌ଆଉଟ ୩-୪(ନିର୍ଦ୍ଧାରିତ ସମୟରେ ୧-୧) ଗୋଲରେ ହାର୍ ମାନିଥିଲା।

# ଏସିଆ କପ୍ ବଧିର କ୍ରିକେଟ: ଭାରତ ଚାମ୍ପିୟନ



ଚାମ୍ପିୟନ ଭାରତୀୟ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୨୫।୨(କୁମାରଶ୍ରୀ)**

ଏସିଆ କପ୍ ବଧିର କ୍ରିକେଟ ଟୁର୍ନାମେଣ୍ଟରେ ଭାରତ ଚାମ୍ପିୟନ ହୋଇଛି। ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଫାଇନାଲରେ ଆୟୋଜକ ଭାରତ ୬ ଉଇକେଟରେ ଶ୍ରୀଲଙ୍କାକୁ ହରାଇ ପ୍ରଥମ ସଂସ୍କରଣର ଟାଇଟଲ୍ ହାସଲ କରିଛି। ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୪୫ରନର ବିଜୟ ଲକ୍ଷ୍ୟକୁ ଘରୋଇ ଭାରତ ଅନ୍ତିମ ଓଭରର ୫ମ ବଲ୍‌ରେ ହାସଲ କରି ନେଇଥିଲା। ଉଭୟ ବ୍ୟାଟିଂ ଓ ବୋଲିଂରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଇ ଆକାଶ ପ୍ଲେୟର ଅଫ ଦି ଫାଇନାଲ ବିବେଚିତ ହୋଇଥିଲେ।

ଲିଗ୍ ପର୍ଯ୍ୟାୟରେ ମାତ୍ର ୧ରନରେ ପରାସ୍ତ ହୋଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ଫାଇନାଲରେ ଭାରତକୁ କଡ଼ା ଟକ୍କର ଦେଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ରନ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ଉଇକେଟ ପତନ ସତ୍ତ୍ୱେ ଜି.ଏଲ. ମାଲକାମ ୪୬ବଲରୁ ୬୨ରନର ଉପଯୋଗୀ ପାଳି ଖେଳିଥିଲେ। ଭାରତର ଯଶବନ୍ତ ନାଇଡୁ ଏବଂ ସାଇ ଆକାଶ ଯଥାକ୍ରମେ ୩ଟି ଏବଂ ୨ଟି ଉଇକେଟ ଅକ୍ତିଆର କରିଥିଲେ। ବୀରେନ୍ଦ୍ର ସିଂଙ୍କ ୫୨, ଓଡ଼ିଆ ଖେଳାଳି ସନ୍ତୋଷ ମହାପାତ୍ରଙ୍କ ୪୩ରନ ସହାୟତାରେ ଭାରତ ୪ ଉଇକେଟ ହରାଇ ୧୯.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇ ଆକାଶ ୧୪ବଲରୁ ୨୭ରନର ଦ୍ରୁତ ଇନିଂସ ଖେଳିଥିଲେ। ଉଦ୍‌ଯାପନୀ ଉତ୍ସବରେ କଟକ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟ ଅତିଥି, ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀଲଙ୍କାର ମାଲକାମ ବ୍ୟାଟର ଅଫ ଦି ସିରିଜ ଏବଂ ପ୍ଲେୟର ଅଫ ଦି ସିରିଜ, ଜି.ଏଲ. ଡି ସିଲଭା ବୋଲର ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଏନସିସିର ଡେପୁଟି ଡିରେକ୍ଟର ଜେନେରାଲ ବିକ୍ରମ ସିଂ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ମୁକେଶ କୁମାର, ବଙ୍କିମ ମହାନ୍ତି, କୋଲକାତାର ବ୍ରିଟିଶ ଡେପୁଟି ହାଇକମିଶନ ସ୍ୱର୍ଣ୍ଣମୟୀ ଶତପଥୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ମାରାଥନ୍ ଜର୍ସି ଉନ୍ମୋଚିତ



ଭୁବନେଶ୍ୱର ମାରାଥନର ଜର୍ସି ଉନ୍ମୋଚନ କରାଯାଉଛି।

**ଭୁବନେଶ୍ୱର, ୨୫।୨ (ତପନ ସ୍ୱାଇଁ)**

୨୦୨୬ କଳିଙ୍ଗ ରନର୍ସ ଟ୍ରଷ୍ଟ (କେଆର୍‌ଟି) ଓ ନିସମ କନ୍‌ସଲ୍ଟିଂର ଯୁଗ୍ମ ଆୟୋଜନରେ ଭୁବନେଶ୍ୱର ମାରାଥନ୍ ମାର୍ଚ୍ଚ ୧ରେ ସ୍ଥାନୀୟ ଆର୍‌ଟିଓ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବୁଧବାର ମାରାଥନର ଜର୍ସି ଓ ପଦକ ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିସମ କନ୍‌ସଲ୍ଟିଂ ଇଣ୍ଡିଆର ଅପରେଶନ୍ସ ହେଡ୍ ନିଖତ ମହମ୍ମଦୀ ଏବଂ କଳିଙ୍ଗ ରନର୍ସ ଟ୍ରଷ୍ଟର ସଭାପତି ସ୍ୱାତୀ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ମାରାଥନ ପାଇଁ ୩.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏଥିରେ ୩ଟି ବର୍ଗ (୫, ୧୦ ଓ ୨୧ କିଲୋମିଟର)ରେ ଧାବିକା ଓ ଧାବକ ଅଂଶଗ୍ରହଣ କରିବେ। ସକାଳ ୫ଟାରେ ଫ୍ଲାଗ୍‌ଅଫ୍ କରାଯିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ମହିଳା ସଶକ୍ତୀକରଣ ଉପରେ ଏଥର ଫୋକସ୍ କରାଯାଇଛି।

# ନ୍ୟାଶନାଲ ଟିମ୍ ଚେସ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୫।୨(ତପନ ସ୍ୱାଇଁ)**

ରାୟପୁରଠାରେ ନ୍ୟାଶନାଲ ଟିମ୍ ଚେସ୍ ଚାମ୍ପିୟନଶିପ୍ ମାର୍ଚ୍ଚ ୧୬ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ଭାଗନେବ। ପ୍ରତି ଦଳରେ ୫ ଜଣ ଲେଖାଏ ଖେଳାଳି ରହିବେ। ରେଟିଂ ଭିତ୍ତିରେ ଅଧିନାୟକ ମନୋନୀତ ହେବେ। ଉଭୟ ଦଳ ଲାଗି ଜଣେ ମ୍ୟାନେଜର ନିଯୁକ୍ତ ହେବେ। ଆଗାମୀ ପ୍ରତିଯୋଗିତାରେ ଖେଳିବାକୁ ଆଗ୍ରହୀ ଥିବା ଖେଳାଳିମାନେ ପ୍ରତିଯୋଗିତାର ୮ ଦିନ ପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୮ ସୁଦ୍ଧା ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ(ଏଓସିଏ) ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ଆବେଦନପତ୍ର ଦେବାକୁ ପରାମର୍ଶ ଦିଆଯାଇଛି। ଚୟନ ହୋଇଥିବା କୌଣସି ଖେଳାଳି ଯଦି ଉପଲବ୍ଧ ନ ହୁଅନ୍ତି କିମ୍ବା ଓହରିଯାଆନ୍ତି ତେବେ ସେ କ୍ଷେତ୍ରରେ ଆବେଦନ କରିଥିବା ଖେଳାଳିଙ୍କ ମଧ୍ୟରୁ ଉଚ୍ଚ ରେଟିଂ ଭିତ୍ତିରେ ଷ୍ଟାଣ୍ଡବାଇରେ ଥିବା ପିଲାଙ୍କୁ ସୁଯୋଗ ଦିଆଯିବ ବୋଲି ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ନିୟମ ଅନୁସାରେ, ଏଓସିଏ ଖେଳାଳିଙ୍କ ଖର୍ଚ୍ଚ ବହନ କରିବ।

# ରଣ୍‌ଜୀ ଟ୍ରଫି ଫାଇନାଲ: ଜମ୍ମୁ କଶ୍ମୀର ୫୨୭/୬

**ହୁବଲି, ୨୫।୨**

କେଏସ୍‌ସିଏ ଷ୍ଟାଡିୟମରେ କର୍ନାଟକ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ମଧ୍ୟ ଜମ୍ମୁ କଶ୍ମୀର ବ୍ୟାଟରମାନେ ପ୍ରଭୁତ୍ୱ ବିସ୍ତାର କରିଥିଲେ। ଦ୍ୱିତୀୟ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରି ରଖି ଜମ୍ମୁ କଶ୍ମୀର ୬ ଉଇକେଟ ହରାଇ ୫୨୭ ରନ କରିଛି। ପର୍ଯ୍ୟାପ୍ତ ଆଲୋକ ଅଭାବ କାରଣରୁ ଦ୍ୱିତୀୟ ଦିନର ଖେଳକୁ ଶୀଘ୍ର ଶେଷ କରାଯାଇଥିଲା।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୮୪/୨ରୁ ବ୍ୟାଟିଂ ଆରମ୍ଭ କରିଥିବା ଜମ୍ମୁ କଶ୍ମୀର ବ୍ୟାଟର ଭଲ ସର୍ଫେସର ଫାଇଦା ଉଠାଇଥିଲେ। କନ୍ହେୟା ୱାଧୱନ ଓ ଅଧିନାୟକ ପାରସ ଡୋଗ୍ରା ୭୦ ଲେଖାଏ ରନ କରି ଦଳୀୟ ସ୍କୋରକୁ ଦ୍ରୁତ ଗତିରେ ଆଗେଇ ନେଇଥିଲେ। ପୂର୍ବଦିନ ଅପରାଜିତ ଥିବା ବ୍ୟାଟର ଶୁଭମ ପୁଣ୍ଡିର ୧୨୧ ଓ ଅବଦୁଲ ସମଦ ୬୧ ରନ କରି ଆଉଟ୍ ହୋଇଥିଲେ। ବଂଶଜ ଶର୍ମାଙ୍କ ଇଞ୍ଜୁରୀ କାରଣରୁ ପ୍ଲେଇଂ ଏକାଦଶରେ ସ୍ଥାନ ପାଇଥିବା ସାହିଲ ଲୋତ୍ରା ନଂ-୭ରେ ବ୍ୟାଟିଂ କରି ୫୭ ଓ ଆବିଦ ମୁସ୍ତାକ ୨୦ ରନରେ ଅପରାଜିତ ରହିଛନ୍ତି। କର୍ନାଟକ ପାଇଁ ପେସର ପ୍ରସିଦ୍ଧ କ୍ରିଷ୍ଣା ୩ ଉଇକେଟ ନେଇଥିବା ବେଳେ ଅନ୍ୟ ବୋଲରଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୨୭/୬(ଶୁମଭ ପୁଣ୍ଡିର-୧୨୧, ପାରସ ଡୋଗ୍ରା-୭୦, କନ୍ହେୟର ୱାଧୱନ-୭୦, ଅବଦୁଲ ସମଦ-୬୧, ସାହିଲ ଲୋତ୍ରା-୫୭*; ପ୍ରସିଦ୍ଧ କ୍ରିଷ୍ଣା-୩/୯୦)।

## ଡୋଗ୍ରା ଦଣ୍ଡିତ

**ହୁବଲି, ୨୫।୨**

ବହୁପ୍ରତୀକ୍ଷିତ ରଣ୍‌ଜୀ ଟ୍ରଫି ଫାଇନାଲ ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଏକ ଅପ୍ରୀତିକର ଘଟଣା ଦେଖିବାକୁ ମିଳିଥିଲା। ବୁଧବାର ବୋଲର ଓ ଫିଲ୍ଡରଙ୍କ ଲଗାତର ସ୍ଲେଜିଂ କାରଣରୁ ଜମ୍ମୁ କଶ୍ମୀର ଅଧିନାୟକ ପାରସ ଡୋଗ୍ରା ନିଜ ଉପରୁ ନିୟନ୍ତ୍ରଣ ହରାଇ ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା କର୍ନାଟକ ଫିଲ୍ଡରଙ୍କ ହେଲମେଟ୍‌କୁ ମୁଣ୍ଡିଆ ମାରିଥିଲେ। ଏହି ଘଟଣା ଜମ୍ମୁ କଶ୍ମୀର ଇନିଂସର ୧୦୧ତମ ଓଭରରେ ଘଟିଥିଲା। ଶର୍ଟ ଲେଗ୍‌ରେ ଫିଲ୍ଡିଂ କରୁଥିବା ଅନିଶଙ୍କ ହେଲମେଟକୁ ଡୋଗ୍ରା ତାଙ୍କ ହେଲମେଟରେ ମାରିଥିଲେ। କର୍ନାଟକର ପୂର୍ବତନ ଅଧିନାୟକ ମୟଙ୍କ ଅଗ୍ରୱାଲ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଅମ୍ପାୟର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରେ ଡୋଗ୍ରା ନିଜ କାର୍ଯ୍ୟ ଲାଗି ଭୁଲ୍ ମାଗିଥିଲେ।

# ନ୍ୟୁଜିଲାଣ୍ଡ ବିଜୟୀ: ଶ୍ରୀଲଙ୍କା ଅଭିଯାନ ଶେଷ



ଉଇକେଟ ନେବା ପରେ ରାଚିନ ରବୀନ୍ଦ୍ର (ଡାହାଣ)ଙ୍କୁ ଟିମ୍ ସିଫର୍ଟଙ୍କ ବଧେଇ।

**କଲମ୍ବୋ,୨୫।୨**

ସ୍ଥାନୀୟ ଆର୍ ପ୍ରେମଦାସା ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଚଳିତ ଟି୨୦ ବିଶ୍ୱକପ୍‌ର ଏକ ସୁପର-୮ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬୧ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ସେମିଫାଇନାଲ ନିକଟତର ହୋଇଥିବା ବେଳେ ଶ୍ରୀଲଙ୍କାର ସେମିଫାଇନାଲ ଖେଳିବା ଆଶା ଶେଷ ହୋଇଛି।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଖୁବ ଶସ୍ତାରେ ଟିମ ସିଫର୍ଟ (୮) ଓ ଫିନ ଆଲେନ (୨୩ ରନ୍, ୩ ଚୌକା ଓ ୧ ଛକା)ଙ୍କ ଉଇକେଟ ହରାଇଥିଲା। ରାଚିନ ରବୀନ୍ଦ୍ର (୩୨ ରନ, ୩ ଚୌକା ଓ ୧ ଛକା) ଓ ଗ୍ଲେନ ଫିଲିପ୍ସ (୧୮) ତୃତୀୟ ଉଇକେଟରେ ୪୧ ରନ ଯୋଡ଼ିବା ପରେ ଦଳ ମାତ୍ର ୯ ରନ ମଧ୍ୟରେ ୪ ଉଇକେଟ ହରାଇଥିଲା। ଏପରିକି ନ୍ୟୁଜିଲାଣ୍ଡ ୧୨.୧ ଓଭରରେ ନ୍ୟୁଜିଲାଣ୍ଡ ୮୪ ରନରେ ୬ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏହିଠାରୁ ଅଧିନାୟକ ସାଣ୍ଟନର ଓ ମ୍ୟାକୋଞ୍ଚି କାଉଣ୍ଟର ଆଟାକ କରି ସପ୍ତମ ଉଇକେଟରେ ୮୪ ରନ ଯୋଡ଼ିଥିଲେ। ସାଣ୍ଟନର ୨୬ ବଲରେ ୪୭ (୨ ଚୌକା ଓ ୪ ଛକା) ରନ କରି ଆଉଟ୍ ହୋଇଥିବାବେଳେ ମ୍ୟାକୋଞ୍ଚି ୨୩ ବଲରେ ୩୧ (୩ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିଲା। ଶ୍ରୀଲଙ୍କା ପାଇଁ ମହେଶ ଥିକ୍ଷଣା ଓ ଦୁଷ୍ମନ୍ତ ଚାମିରା ୩ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୮ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ କେବଳ କାମିଣ୍ଡୁ ମେଣ୍ଡିସ ୩୧ (୪ ଚୌକାଓ ) ଓ ଦୁନିଥ ୱେଲାଲେଜ ୨୯ (୨ ଚୌକା ଓ ୧ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଆଖିଦୃଶିଆ ସ୍କୋର କରି ପାରି ନ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ ରବୀନ୍ଦ୍ର ୪, ମ୍ୟାଟ୍ ହେନରୀ ୨ ଓ ସାଣ୍ଟନର ୧ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ: ୨୦ ଓଭରରେ ୧୬୮/୭ (ମିଚେଲ ସାଣ୍ଟନର-୪୭, କୋଲ ମ୍ୟାକୋଞ୍ଚି-୩୧*, ରାଚିନ ରବୀନ୍ଦ୍ର-୩୨ ; ମହେଶ ଥିକ୍ଷଣା-୩/୩୦, ଦୁଷ୍ମନ୍ତ ଚାମିରା-୩/୩୮)। ଶ୍ରୀଲଙ୍କା: ୨୦ ଓଭରରେ ୧୦୭/୮ (କାମିଣ୍ଡୁ ମେଣ୍ଡିସ-୩୧, ଦୁନିଥ ୱେଲାଲେଜ-୨୯ ; ରାଚିନ ରବୀନ୍ଦ୍ର-୪/୨୭, ମ୍ୟାଟ୍ ହେନରୀ-୨/୩, ମିଚେଲ ସାଣ୍ଟନର-୧/୧୯)।

**ପ୍ଲେୟର୍ ଅଫ୍ ଦି ମ୍ୟାଚ୍: ରାଚିନ ରବୀନ୍ଦ୍ର**

# ‘କର ବା ମର’ ସ୍ଥିତିରେ ଭାରତ





ବୁଧବାର ଭାରତୀୟ ଦଳର ଅଭ୍ୟାସ ସେସନରେ ସଞ୍ଜୁ ସାମସନ ଓ ଯଶପ୍ରୀତ୍ ବୁମ୍‌ରା।

**ଚେନ୍ନାଇ,୨୫।୨(ପି.ଟି.)**

ଚଳିତ ଟି୨୦ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଦଳ ଗୁରୁବାର ଜିମ୍ବାୱେକୁ ଭେଟିବାକୁ ଯାଉଛି। ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାଠାରୁ ବଡ଼ ପରାଜୟ ସମ୍ମୁଖୀନ ହୋଇଥିବା ଡିଫେଣ୍ଡିଂ ଚାମ୍ପିୟନ ଟିମ୍ ଇଣ୍ଡିଆକୁ ତା’ର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିବା ପାଇଁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଦରକାର। ତେବେ ଟପ ଅର୍ଡର ବ୍ୟାଟରଙ୍କ ପ୍ରଦର୍ଶନ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ବିଶ୍ୱକପ୍ ପୂର୍ବରୁ ଇଶାନ କିଶନ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିପାକ୍ଷିକ ଘରୋଇ ସିରିଜ୍‌କୁ ଭାରତ ସହଜରେ ଜିତି ନେଇଥିଲା। ହେଲେ ପେଟ ସଂକ୍ରମଣ ହେବା ପରଠାରୁ ଅଭିଷେକଙ୍କ ବ୍ୟାଟିଂ ପ୍ରଭାବିତ ହୋଇଛି। ଧୀମା ପିଚ୍ ଓ ଅଫ ସ୍ପିନରଙ୍କ କାରଣରୁ ତାଙ୍କଠାରୁ ବିସ୍ଫୋରକ ବ୍ୟାଟିଂ ଦେଖିବାକୁ ମିଳୁନାହିଁ। ସେ ଏପର୍ଯ୍ୟନ୍ତ ୪ ମ୍ୟାଚ୍‌ରେ ୩.୭୫ ଆଭରେଜରେ ମାତ୍ର ୧୫ ରନ କରିଛନ୍ତି। ତାଙ୍କ ବ୍ୟତୀତ ତିଲକ ବର୍ମାଙ୍କ ଷ୍ଟ୍ରାଇକ୍ ରେଟ୍ ମଧ୍ୟ ଚିନ୍ତାର କାରଣ ପାଲିଛି। ଅବଶ୍ୟ ସେ ଫର୍ମରେ ଥିବା ଇଶାନ କିଶନଙ୍କୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯୋଗାଇଛନ୍ତି। କିନ୍ତୁ ପାୱରପ୍ଲେରେ ୧୧୮ ଷ୍ଟ୍ରାଇକ୍-ରେଟ୍‌ରେ ରନ କରିବା ଦଳକୁ ସହଯୋଗ କରୁ ନାହିଁ। ଅନ୍ୟପକ୍ଷରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟୁର୍ନାମେଣ୍ଟରେ ୧୮୦ ରନ କରିଛନ୍ତି। ହେଲେ ସେ ତାହା ୧୨୭ ଷ୍ଟ୍ରାଇକ-ରେଟ୍‌ରେ କରିଛନ୍ତି, ଯାହାକି ତାଙ୍କ କ୍ୟାରିୟର ଷ୍ଟ୍ରାଇକ୍‌ରେଟ ୧୬୧ଠାରୁ ଖୁବ କମ୍। ମଧ୍ୟକ୍ରମରେ ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ଗତିରେ ରନ କରି ନ ଥିଲେ ଭାରତୀୟ ଦଳ ପ୍ରତ୍ୟେକ ମ୍ୟାଚ୍‌ରେ ସମ୍ମାନଜନକ ସ୍କୋର ଛିଡ଼ା କରିପାରି ନ ଥାନ୍ତା।

## ସାମ୍‌ସନ ଫେରିବେ କି

ଟିମ୍ ସିଲେକ୍ସନରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି ସଞ୍ଜୁ ସାମସନ ଫେରିବେ କି। ଭାରତୀୟ ଦଳର ଟପ୍ ଅର୍ଡରରେ ଅଭିଷେକ, ଇଶାନ ଓ ତିଲକଙ୍କ ରୂପେ ୩ ବାମହାତୀ ବ୍ୟାଟର ରହିଛନ୍ତି। ଏଥିଯୋଗୁ ଗତ ମ୍ୟାଚ୍‌ରେ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକା ପାୱରପ୍ଲେରେ ଅଫ୍ ସ୍ପିନରଙ୍କୁ ଲଗାଇଥିଲେ, ଯାହା ଫଳରେ ଭାରତର ରନ ସ୍କୋରିଂ ହାର ହ୍ରାସ ପାଇଥିଲା। ଏଣୁ ସାମସନଙ୍କୁ ସାମିଲ କରିବା ଦ୍ୱାରା ଟପ ଅର୍ଡର ସମସ୍ୟା ଦୂର ହୋଇପାରେ। ହେଲେ କେରଳ ବ୍ୟାଟର ବର୍ତ୍ତମାନ ସେତେ ଭଲ ଫର୍ମରେ ନାହାନ୍ତି। ଜଣେ ସଂଘର୍ଷ କରୁଥିବା ବ୍ୟାଟରଙ୍କୁ କଷ୍ଟକର କାମ କରିବାକୁ ଦେବା ଦଳକୁ ବିପଦରେ ପକାଇପାରେ। ଏଭଳି ପରିସ୍ଥିତିରେ ଟିମ ମ୍ୟାନେଜମେଣ୍ଟ ବ୍ୟାଟିଂ ଅର୍ଡରରେ ପରିବର୍ତ୍ତନ କରିପାରେ। ନଂ-୩ରେ ସୂର୍ଯ୍ୟଙ୍କୁ ପଠାଇବା ଦ୍ୱାରା ଟପ୍ ଅର୍ଡରରେ ଜଣେ ଡାହାଣହାତୀ ବ୍ୟାଟର ଖେଳିପାରିବ। ଏହି କ୍ଷେତ୍ରରେ ତିଲକ ନଂ-୪ରେ ବ୍ୟାଟିଂ କରିପାରନ୍ତି। ଗତ ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନରୁ ବାଦ୍ ପଡ଼ିଥିବା ଅକ୍ଷର ପଟେଲ ଏଥର ଦଳକୁ ଫେରିବେ ବୋଲି ଆଶା କରାଯାଉଛି।

ଚେପକ ଗ୍ରାଉଣ୍ଡରେ ସର୍ବଦା ସ୍ପିନରଙ୍କୁ ଫାଇଦା ମିଳେ। ହେଲେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଏକ ବ୍ୟବହୃତ ପିଚ୍‌ରେ ଖେଳାଯିବ, ଯାହାକୁ ନ୍ୟୁଜିଲାଣ୍ଡ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବ୍ୟବହାର କରାଯାଇଥିଲା। ପୂର୍ବାହ୍ନରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ସହଜରେ ୧୮୦ ରନର ଟାର୍ଗେଟକୁ ହାସଲ କରି ନେଇଥିଲା। ଜିମ୍ବାୱେ ପାଖରେ ଗ୍ରେମ କ୍ରେମର, ସିକନ୍ଦର ରଜା ଓ ରିଆନ ବର୍ଲଙ୍କ ଭଳି ସ୍ପିନର ଅଛନ୍ତି। ବ୍ଲେସିଂ ମୁଜରବାନି, ରିଚାର୍ଡ ଏନଗରାଭା ଓ ବ୍ରାଡ ଇଭାନ୍ସଙ୍କୁ ନେଇ ଗଠିତ ପେସ ଆଟାକ ଭାରତୀୟ ବ୍ୟାଟିଂ ଲାଇନକୁ କଷ୍ଟକର ପ୍ରଶ୍ନ ପଚାରିପାରେ।

### ଟି୨୦ ବିଶ୍ୱକପ ସୁପର-୮ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ୍‌ହାର |
|---|---|---|---|---|---|---|
| **ଗ୍ରୁପ୍-୧** | | | | | | |
| ୱେଷ୍ଟଇଣ୍ଡିଜ୍ | ୧ | ୧ | ୦ | ୦ | ୨ | +୫.୩୫୦ |
| ଦ.ଆଫ୍ରିକା | ୧ | ୧ | ୦ | ୦ | ୨ | +୩.୮୦୦ |
| ଭାରତ | ୧ | ୦ | ୧ | ୦ | ୦ | -୩.୮୦୦ |
| ଜିମ୍ବାୱେ | ୧ | ୦ | ୧ | ୦ | ୦ | -୫.୩୫୦ |
| **ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୨ | ୨ | ୦ | ୦ | ୪ | +୧.୪୯୧ |
| ନ୍ୟୁଜିଲାଣ୍ଡ | ୨ | ୧ | ୦ | ୧ | ୩ | +୩.୦୫୦ |
| ପାକିସ୍ତାନ | ୨ | ୦ | ୧ | ୧ | ୧ | -୦.୪୬୧ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | ୦ | -୨.୮୦୦ |

### ଟି୨୦ ବିଶ୍ୱକପ୍

**(ଆଜିର ମ୍ୟାଚ୍)**

**ୱେଷ୍ଟଇଣ୍ଡିଜ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଅହମଦାବାଦ, ସମୟ: ଅପରାହ୍ନ ୩ଟା

**ଭାରତ ବନାମ ଜିମ୍ବାୱେ**
ସ୍ଥାନ: ଚେନ୍ନାଇ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ